ମୂର୍ଚ୍ଛନା

ଡକ୍ଟର ଶ୍ରୀଚରଣ ମହାନ୍ତି

Digitized by srujanika@gmail.com

ମୂର୍ଚ୍ଛନା

(ନିର୍ବାଚିତ ଗୀତିକବିତା ସଙ୍କଳନ)

ଡକ୍ଟର ଶ୍ରୀଚରଣ ମହାନ୍ତି
(ଆକାଶବାଣୀ ଓ ଦୂରଦର୍ଶନର
ସ୍ୱୀକୃତିପ୍ରାପ୍ତ ଗୀତିକାର)

Digitized by srujanika@gmail.com

ମୂର୍ଚ୍ଛନା

(ନିର୍ବାଚିତ ଗୀତିକବିତା ସଙ୍କଳନ)

ଲେଖକ
ଡକ୍ଟର ଶ୍ରୀଚରଣ ମହାନ୍ତି
(ଆକାଶବାଣୀ ଓ ଦୂରଦର୍ଶନର
ସ୍ୱୀକୃତିପ୍ରାପ୍ତ ଗୀତିକାର)
ମୋ:୦୯୪୩୭୩୫୧୯୪୨

ପ୍ରଥମ ସଂସ୍କରଣ-୨୦୧୪

ମୁଦ୍ରଣ
ମ୍ୟାଗ୍ନମ୍ ପ୍ରିଣ୍ଟର୍ସ
ରସୁଲଗଡ଼ ଶିଳ୍ପାଚଳ
ଭୁବନେଶ୍ୱର
ଫୋ:୦୬୭୪-୨୫୪୯୩୦୭

ପ୍ରକାଶକ
ଡକ୍ଟର ଶ୍ରୀଚରଣ ମହାନ୍ତି
୮୮୬,ଚଣ୍ଡୀମାତା କଲୋନୀ
ପୋ:ରସୁଲଗଡ଼,ଭୁବନେଶ୍ୱର-୧୦

ମୂଲ୍ୟ:ଟ ୧୮୦.୦୦
(ଏକଶତ ଅଶି ଟଙ୍କା ମାତ୍ର)

MURCHCHHANA

(Selected Lyric Collection)

Author
Dr.Sricharan Mohanty
(Approved lyricist
A.I.R & Doordarsan)
Mob.: 094373 51942

First Edition-2014

Printer:
Magnum Printers
RT- 28, Rasulgarh Industrial
Estate, Bhubaneswar 751010
Tel.: 0674-2549307

Publisher:
Dr.Sricharan Mohanty
886 Chandimata Colony
Rasulsarh,
Bhubaneswar-751 010

Price: Rs-180.00
(Rupees One Hundred & Eighty Only)

Digitized by srujanika@gmail.com

ଯେଉଁମାନେ
ଗୀତ-ଫୁଲକଢ଼ିକୁ
ତାଳ,ବାଦ୍ୟ ଓ କଣ୍ଠ ସଂଯୋଗରେ
ଫୁଟାଇ ପାରନ୍ତି,
ମହକାଇ ପାରନ୍ତି,
ପ୍ରାଣ ଛୁଆଁଇ ପାରନ୍ତି,
ସେହି ସଂଗୀତ ଶିଳ୍ପୀମାନଙ୍କୁ...

Digitized by srujanika@gmail.com

ଅଙ୍ଗୀକାର

ମୋର ଜନ୍ମସ୍ଥାନ ନିପଟ ପଲ୍ଲୀ ଅଞ୍ଚଳ । ସେ ସମୟରେ ଗାଁ ଗୁଡ଼ିକ ଆଜିପରି ନଥିଲା । ତା'ର ଥିଲା ଏକ ଅଲଗା ଜୀବନ । ଗାଁରେ ପଶି ନଥିଲା ରାଜନୀତି । ସଞ୍ଜହେଲେ ଗାଁର ଠାକୁର/ଠାକୁରାଣୀ ପାଖରେ ଘଣ୍ଟ ବାଜିଲେ ଅଭ୍ୟାସ ବଶତଃ ସାରା ଗାଁଲୋକ ଯୋଡ଼ହାତ ମୁଣ୍ଡରେ ଲଗାଇ କ'ଣ କ'ଣ କହୁଥିଲେ । ବଡ଼ଙ୍କୁ ଦେଖି ଛୋଟମାନେ ବି ସେଇଆ କରୁଥିଲେ । ଲଣ୍ଠନ ଲଗାଇ ଦାଣ୍ଡ ପିଣ୍ଡାରେ କିଏ କିଏ ବଡ଼ପାଟିରେ ପୁରାଣ ପଢୁଥିଲେ,ପାଖରେ ବସି କେତେକ ବଢ଼ାବୁଢ଼ୀ ଓ ପିଲା ଶୁଣୁଥିଲେ । ବେଳେବେଳେ କେତେକ ଲୋକ ଗିନି,ଝାଞ୍ଜ,କଂସାଳ ଓ ମୃଦଙ୍ଗ ସାହାଯ୍ୟରେ କାହାର ବୈଠକ ଘରେ କିମ୍ବା କାହା ବାରଣ୍ଡାରେ କୀର୍ତ୍ତନ କରୁଥିଲେ,ଛାନ୍ଦ ଚଉପଦୀ ସ୍ୱରଧରି ଗାୟନ କରୁଥିଲେ । ସେତେବେଳେ ଗାଁରେ ମାଇକ୍ର କାନଫଟା ଅତ୍ୟାଚାର ନ ଥିଲା ।

ଆମ ଅଞ୍ଚଳର ''କେଳାପଡ଼ିଆ ସତ୍ୟନାରାୟଣ ପୀଠ''ଶତାଧିକ ବର୍ଷର ବାଦିପାଲା ଅନୁଷ୍ଠାନ । ସେଠାରେ ବର୍ଷରେ ଥରେ କେତେଦିନ ଧରି ବାଦିପାଲା ଅନୁଷ୍ଠିତ ହେଉଥିଲା । ଓଡ଼ିଶାର ବିଶିଷ୍ଟ ପାଲାଗାୟକମାନେ ପାଲା ପରିବେଷଣ କରୁଥିଲେ । ଏଇ ଢାଞ୍ଚାରେ ପରିବେଷିତ ଛାନ୍ଦ ଚଉପଦୀ ବୋଧହୁଏ ବର୍ଷସାରା ଗାଁରେ ବୋଲାଯାଉଥିବା ଗୀତର ମୂଳସୂତ୍ର ଥିଲା । ମୋର ପିଲାଦିନେ ଏଇଗୀତ ଶୁଣି ଓ ପୁରାଣ ଶୁଣି କିଛି ଲେଖିବାପାଇଁ ମନ ହେଉଥିଲା । ପୁରୁଣା ଗୀତକୁ ବାରମ୍ବାର ଶୁଣି ଗାଇବା ମୋର ଏକ ଅଭ୍ୟାସ ହୋଇଯାଇଥିଲା । ତା ପୁଣି ଏକୁଟିଆ ସବୁଜଖେତରେ ଓ ନିରୋଳାରେ ।

ମୁଁ ଅନେକବର୍ଷ, ପ୍ରାୟ ଏମ୍.ଏ.ପଢ଼ିବା ପର୍ଯ୍ୟନ୍ତ ପାହାଡ଼, ପର୍ବତ,ଝରଣା କି ଜଙ୍ଗଲ ଦେଖି ନଥିଲି । ବେଳେବେଳେ ସିନେମାରେ ଦେଖିଥିଲି,ହଲ ବାହାରକୁ ଆସିଲେ ସେ ସବୁ ସପନ ଭଳିଆ ଲାଗୁଥିଲା । ସବୁଜ ଧାନ କିଆରି,କାଶତଣ୍ଡୀ ଫୁଲ,ଲମ୍ବିଲମ୍ବି ଯାଇଥିବା ଆଖୁ କିଆରୀ,ଭରା ନଈର ସୁଅ,କୂଳ ଲଙ୍ଘି ଡେଉଁଥିବା ବନ୍ୟାଜଳ,ସପ୍ତାହ ସପ୍ତାହ ଧରି ସେତେବେଳେ ଶରତଋତୁରେ ଝଡ଼ିବର୍ଷା କେତେ ଖୁସିଲାଗେ । ବର୍ଷାରେ ଲମ୍ବିଯାଉଥିବା ଧାନକିଆରୀ ମୁଣ୍ଡ ହଲାଇ ଗୀତ ବୋଲନ୍ତି । ଏକୁଟିଆ ଛତାଟିଏ ଧରି ତାଙ୍କ ସାଙ୍ଗରେ ମୁଁ ବି ଗୀତ ବୋଲେ । ହେଲେ କୁଆଡ଼େ ଗଲା ସେ ଗୀତ?

Digitized by srujanika@gmail.com

ଏବେ ବି ଉତ୍ତର ବୟସରେ ମନଖୋଲି ଗୀତଗାଏ, ସେଇଠୁ ମନ ଭିତରଟା ଯେପରି ଧୋଇ ହୋଇଯାଏ । ଜୀବନରେ ବହୁ କରୁଣ ଦୁଃସ୍ଥିତି ଆସିଛି, ନିରୋଳାରେ ଗୀତଟିଏ ବୋଲିଦେଇ ସବୁକୁ ପୋଛି ଦେଇଛି ।

ଖାତାଟିଏ ବା ଡାଏରୀଟିଏରେ ଗୀତ ଲେଖିବା ମୋର ଅଭ୍ୟାସ ନଥିଲା, ଏବେ ବି ନାହିଁ । ଯେ କୌଣସି କାଗଜ ଖଣ୍ଡେରେ ଗୀତ ଲେଖେ, ସୁବିଧାହେଲେ ଖାତାକୁ ଉଠାଇ ନିଏ । ଅନେକ ଗୀତ ଖୋଲା କାଗଜରୁ ଖାତାକୁ ଆସିବାର ସୁଯୋଗ ପାଇ ନଥିଲେ । ବିଭିନ୍ନ ସମୟରେ ଅନ୍ତରଙ୍ଗ ବନ୍ଧୁମାନେ ଖାତାକୁ ଉଠାଇଥିବାରୁ ଆଜି ଯାହାକିଛି ସାଇତା ହୋଇଛି ।

ସ୍କୁଲରେ ପଢ଼ିଲାବେଳେ ଚତୁର୍ଥ ଶ୍ରେଣୀ ଅଧାରୁ ମୁଁ ସ୍କୁଲହଷ୍ଟେଲରେ ରହି ଆସୁଥିଲି । ଏ ଜୀବନଟା ଏକପ୍ରକାର ବନ୍ଦୀ ଜୀବନ ଭଳି ହେଲେ ବି ଭାରିଭଲ ଲାଗେ । ଏବେ ସେଇ ଜୀବନକୁ ଖୋଜୁଛି, ପାଉନି । ସେତେବେଳେ ପଞ୍ଚମ ଶ୍ରେଣୀରେ ସାଧାରଣ ପରୀକ୍ଷା, ସପ୍ତମଶ୍ରେଣୀରେ ବୋର୍ଡ଼ ପରୀକ୍ଷା ହେଉଥିଲା । ପରୀକ୍ଷା ଟାଣ ଥିଲା, ଆଉ ପରୀକ୍ଷା ଭଳି ହେଉଥିଲା । ମଫସଲ ସ୍କୁଲରେ ପାଠପଢ଼ା ଆଜିପରି ବିକାକିଣା ହେଉ ନଥିଲା । ଆମେମାନେ ଶିକ୍ଷକମାନଙ୍କୁ ପ୍ରବଳ ଭୟ କରୁଥିଲୁ । ସେମାନେ ବାଡ଼ିଟି ଜୋର୍‌ରେ ଉଠାନ୍ତି, ସବୁମାଡ଼ ଟାଣରେ ବାଜେନା । ଶିକ୍ଷକମାନେ ଖୁବ୍ ଶ୍ରଦ୍ଧାକରୁଥିଲେ । ସେତେବେଳେ ସେ ସବୁଥିଲା ବିଦ୍ୟାଳୟ,ଆଜିକାଲି ସ୍କୁଲ ଭଳି ବିଦ୍ୟାହୀନ ଦଣ୍ଡମୁକ୍ତ ଅଞ୍ଚଳ ନଥିଲା ।

ଆଗକୁ ପଞ୍ଚମଶ୍ରେଣୀ ପରୀକ୍ଷା ଥାଏ । ଥରେ ପଢ଼ାବହିଟି ଆଗରେ ରଖି ଅନୁଚ୍ଚ ସ୍ୱରରେ ଅର୍ଥ ନବୁଝିଥିବା, ଗାଁ ପାଲାରୁ ଶୁଣିଥିବା ଚଉପଦୀଟିରୁ କେତୋଟି ପଦ ବୋଲୁଥିଲି । ସେ ଦିନର ଶିକ୍ଷକ (ଆମ ବଡ଼ମାଷ୍ଟ୍ରେ) ମୋର ଗୀତ ବନ୍ଦ ହେବା ପର୍ଯ୍ୟନ୍ତ ବାହାରେ ଆଢୁଆଳରେ ଠିଆ ହୋଇଥିଲେ । ବଡ଼ମାଷ୍ଟ୍ରଙ୍କୁ ଆମର ପ୍ରାଣପଣେ ଭୟ । ତାଙ୍କୁ ହଠାତ୍ ଦେଖି ମୋର ହଳକ ଶୁଖିଗଲା । ମାତ୍ର ସେଦିନ ସେ ଗାଳି ନ ଦେଇ ହସିଦେଲେ ।

ସ୍କୁଲମାନଙ୍କରେ ଶିକ୍ଷକ ହେବାପାଇଁ ମୋର ଅଭିଳାଷ ଥିଲା । ସ୍କୁଲରେ ଶିକ୍ଷକତା କରିବାକୁ ମୁଁ ଚେଷ୍ଟା ବି କରିଥିଲି, କିନ୍ତୁ ସୁଯୋଗ ପାଇଲି ନାହିଁ । ମୁଁ କଲେଜ ଶିକ୍ଷକ ହେଲାପରେ ମୋର ସେ ଦିନର ଶିକ୍ଷକମାନଙ୍କୁ ମନେ ପକାଇଥିଲି । ମୋର ଛାତ୍ରଛାତ୍ରୀମାନଙ୍କ ସହିତ ସେହି ଶିକ୍ଷକମାନଙ୍କ ପରି ବ୍ୟବହାର କରୁଥିଲି ।

ହାଇସ୍କୁଲ ଛାତ୍ର ଥିବାବେଳେ ରେଡ଼ିଓରୁ ଆକାଶବାଣୀର ଗୀତ ଶୁଣିବା ପରେ ମୋ ଗୀତର ଧାରା ବଦଳିଲା । ଭିଜାମାଟି ଓ ଖୋଲା ଆକାଶକୁ

Digitized by srujanika@gmail.com

ଦେଖି ମନଟା କେମିତି କେମିତି ଲାଗେ । ଶରତ ଋତୁର ଧାନ ବିଲ ଓ ନଈ ପଠାର କାଶତଣ୍ଡୀ ଫୁଲ ମୁଣ୍ଡ ହଲାଇ ଗୀତ ବୋଲିଲା ପରି ଲାଗନ୍ତି । ଚିତ୍ରୋତ୍ପଳା ନଈ, ଲୁଚୁକାଳି ଖେଳିଲା ପରି ତାର ଧାର । ଅଙ୍କାବଙ୍କା ତୀର । ଦୁଧରେ ଧୋଇଦେଲା ପରି ତାର ବାଲି । ବଢ଼ିପାଣି ଛାଡ଼ି ନଈ ଶୁଖିଗଲା ପରେ,ନଈର କୋଳଟି କେମିତି କଅଁଳିଆ ଲାଗେ ।

କେନ୍ଦ୍ରାପଡ଼ା କଲେଜରେ ଓ ଶାନ୍ତିନିକେତନରେ ପଢ଼ିଲାବେଳେ ଗୀତ ଲେଖିବା ଓ ମୋ ଗୀତକୁ ବନ୍ଧୁମାନେ ଗାଇବାର ସୁଯୋଗ ମିଳିଥିଲା । ଆକାଶବାଣୀର ନିୟମ ଜାଣି ନଥିବାରୁ ସେତେବେଳର ଅନେକ ଗୀତ ଟିକେ ଲମ୍ବାଥିଲା କିନ୍ତୁ ଆମ ଆସରରେ କୌଣସି ଅସୁବିଧା ହେଉ ନଥିଲା ।

ସରକାରୀ କଲେଜରେ ଯୋଗଦେବା ଆଗରୁ ମୁଁ କୁଜଙ୍ଗ କଲେଜ ପ୍ରତିଷ୍ଠା ଦିନରୁ ଦେଢ଼ବର୍ଷ ଥିଲି । ସେତେବେଳେ ଏତେ କୋଠାଘର ନଥିଲା କି ଗହଳି ନଥିଲା । ଗାଁ ଗହଳ ଧାନ ବିଲ ଦେଖିଦେଖି ବହୁତ ବୁଲିଥିଲି । ଏହି ସମୟରେ କେବଳ ଗୀତ ନୁହେଁ, ଅନେକ ବିଷୟ ଲେଖିବାର ସୁଯୋଗ ମିଳିଥିଲା । କଲେଜ ଛୁଟି ହେଲା ପରେ ନିରୋଳାରେ,ଖୋଲା ମନରେ ଗୀତବୋଲିଲେ ବି ଛନବସଦି[illegible] ଶୁଭୁ ନଥିଲା ।

କିନ୍ତୁ ଲେଖାଲେଖି କ[illegible]ାଇତିବାର ଭାବ ବଦଳିଲାନି । ଏବେ ବି ମୋର ଅନେକ ଲେଖା ଦୁର୍ମିଳ । ପ୍ରାୟ କୋଡ଼ିଏ/ପଚିଶ ବର୍ଷ ତଳେ ବୃନ୍ଦାବନ ଭାଇ(ଗୀତିକାର ବୃନ୍ଦାବନ ଜେନା) ଗୀତକୁ ସଜାଡ଼ି ରଖିବାକୁ ତାଗିଦା କରିଥିଲେ । ଏବେ ବି ଯେଉଁ ସଂକଳନଟି ଆତ୍ମପ୍ରକାଶ କରିବାକୁ ଯାଉଛି ତାହା ତାଙ୍କରି ତାଗିଦା ଓ ରସରାଜ ନାରାୟଣ ପ୍ରସାଦ ସିଂହଙ୍କର ପ୍ରେରଣା ତଥା ବନ୍ଧୁ ବୈଷ୍ଣବ ଚରଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ଉଦ୍ୟମର ଫଳ ।

ମୋର ଅନେକ ଗୀତ ଏବେ ବି ଖୋଲା କାଗଜରେ ସାଇତା ହୋଇଛି ।

ନିଜଲେଖା ଗୀତକୁ ଏକୁଟିଆ ମନଖୋଲି ଗାଇବା ମୋ ପାଇଁ ଏକ ପ୍ରକାର ତୃପ୍ତି ।

ମୋର କେତେକ ଗୀତକୁ ଅନେକ ଥର ଏକୁଟିଆ ଗାଇ ବନ୍ଧୁମାନଙ୍କୁ ଖୁସି କରାଏ ।

ଏହି ସଂକଳନର ଗୀତ ଯଦି କେଉଁ କଳାକାର, ଶ୍ରୋତା ବା ପାଠକ ପାଠିକାଙ୍କୁ ସାମାନ୍ୟ ଖୁସି ଦିଏ ତେବେ ମୋର ଉଦ୍ୟମ ସାର୍ଥକ ହେବ ।

Digitized by srujanika@gmail.com

ସୂଚୀପତ୍ର

କ୍ର.ନଂ	ଗୀତିକା	ପୃଷ୍ଠା
	ଭକ୍ତି ଗୀତିକା	**୧୭-୮୨**
୧	ଏତିକି ମାତର ଅଳି	୧୯
୨	ଯା ନେତ୍ରେ ପଲକ ନାହିଁ	୨୦
୩	ଚକାଡ଼ୋଳା ବଙ୍କା ହୋଇ	୨୧
୪	ଭକତି ଫୁଲରେ ନିରାଞ୍ଜନା	୨୨
୫	ତୋ ବାଟ ଚାହିଁଛି	୨୩
୬	ନନ୍ଦିଘୋଷେ ଚାହିଁଚାହିଁ	୨୪
୭	ଭଜମନ କୁଞ୍ଜବିହାରୀ	୨୫
୮	ତୋର ଦରଶନ ପାଇଁ	୨୬
୯	ଜୀବନର ଦୀପ ଯେବେ	୨୭
୧୦	ପାଇଲା ଧନ ନ ହଜା	୨୮
୧୧	ଆଗ ଲୀଳା ମନେ ନାହିଁଟି	୨୯
୧୨	ଅନ୍ତରେ ଖୋଜିବୁ ଯଦି	୩୦
୧୩	ହସିଲା ସୃଷ୍ଟିରେ ତୁମେ	୩୧
୧୪	ତୁମେ ଅନ୍ତର୍ଯ୍ୟାମୀ	୩୨
୧୫	କାହିଁକି ହେ ପ୍ରଭୁ ଯିବି	୩୩
୧୬	ବାଙ୍କ ସିନା କି ସୁନ୍ଦର	୩୪
୧୭	କେତେ ନାଚ ଲଗାଉଛ	୩୫
୧୮	ମନଟା ତୋର ଶରଧା ବାଲି	୩୬
୧୯	ମନ-ଫୁଲ ମଉଳିଲାଣି	୩୭
୨୦	ମୁଁ ଯେ ସାଗର ସୀକର ବିନ୍ଦୁ	୩୮
୨୧	ନୁହେଁ ମୀରାବାଈ ନୁହେଁ	୩୯
୨୨	କାହିଁକି ବା ଯିବି ଗଙ୍ଗା	୪୦
୨୩	ଜଗବନ୍ଧୁ କାହା ବନ୍ଧୁ ତୁମେ	୪୧

Digitized by srujanika@gmail.com

୨୪	ଗୁରୁବନ୍ଦନା	୪୨
୨୫	ନୀଳଗିରିପତି,	୪୩
୨୬	ଭୁଲାମନ...	୪୪
୨୭	ଅଜାଣତେ ଯେବେ	୪୫
୨୮	ଭକତ ବଂଧୁ ଭାବଗ୍ରାହୀ	୪୬
୨୯	ଅଳିଭା ଆଳତି ଜାଳି	୪୭
୩୦	ଜୀବନ ନଉକା	୪୮
୩୧	ଶାଶ୍ୱତ ଭଗବାନ	୪୯
୩୨	ଧରାପଡ଼ିଛି ଲବଣିଚୋର	୫୦
୩୩	କଣ୍ଢେଇ ଖେଳନା ପରି	୫୧
୩୪	ରଥାରୁଢ଼ ଜଗନ୍ନାଥ	୫୨
୩୫	ନାଥ ଥାଉ ହେଲି ଅନାଥ	୫୩
୩୬	ଡାକୁଡାକୁ ବୁଡ଼ିଗଲା	୫୪
୩୭	ଜଗତ ଦୁଃଖ ଦେଖ କି	୫୫
୩୮	ପ୍ରଭୁ କଲ୍‌କୀ ବେଶ ଧରି	୫୬
୩୯	ଚକାଡ଼ୋଳା ମୋତେ ଥକା	୫୭
୪୦	କାଳିଆ ଠାକୁର ତୋର	୫୮
୪୧	ହରିହରି ବୋଲ ଭାଇରେ	୫୯
୪୨	ଭଜ ଶ୍ରୀହରିଙ୍କି	୬୦
୪୩	ପ୍ରେମ ତୁ ଶିଖାଇଥିଲୁ	୬୧
୪୪	ନିଜେ ହୋଇ ଧୂପବତୀ	୬୨
୪୫	ଅଢ଼େଇ ଦିନକୁ ଆସି	୬୩
୪୬	ସଙ୍କଟରୁ ତାରୁ ନାମ ତାରିଣୀ	୬୪
୪୭	ମା' ମୋର ଯେବେ	୬୫
୪୮	ସଙ୍କଟ ତାରିଣୀ ମା'	୬୬
୪୯	ତୋର ମହିମା କେ	୬୭

Digitized by srujanika@gmail.com

୫୦ ଜୟ ମାତ ସୁରେଶ୍ୱରୀ ୬୮
୫୧ ଜୟ ମା' ସମଲେଶ୍ୱରୀ ୬୯
୫୨ ଦୁନିଆରେ କରୁ କେତେ ୭୦
୫୩ କି ଦୋଷ କରିଥିଲି ତୁମରି ୭୧
୫୪ ଏତିକି ଜୀବନେ ମାଗୁଣି ୭୨
୫୫ ରାଇ ବି ରହିଛି ଚାହିଁ ୭୩
୫୬ ଜୟ ନନ୍ଦନନ୍ଦନ ୭୪
୫୭ ଗୋପନରେ ସପନରେ ୭୫
୫୮ ଦେଖ ନନ୍ଦ ଘରେ ୭୬
୫୯ ଭଲା କି ସୁନ୍ଦର ଦିଶେ ୭୭
୬୦ ହୋଇଗଲି ବାଟ ବଣା, ୭୮
୬୧ ଶରଧା ବାଲିରେ ୭୯
୬୨ ଶ୍ରୀରାମଙ୍କ ନୌଯାତ୍ରା ୮୦

ଶିଶୁ ଗୀତିକା ୮୩-୧୩୦
୬୩ ଆମେ ହସି ହସାଇବୁ ୮୫
୬୪ ଟିକି ଚଢ଼େଇ ଆ... ୮୬
୬୫ ଦେଖ କଳା ବିଲେଇ ୮୭
୬୬ ମାଟି ମାଆ ଶରଧାରେ ୮୮
୬୭ ତୁମେ ହସି ଦେଲେ ୮୯
୬୮ କାଳିକାନୀର ତିନୋଟି ୯୦
୬୯ ଟିକି ପିଲାଟି ହସିଲା ୯୧
୭୦ ଟିକିଟିକି ଫୁଲ ଯେବେ ୯୨
୭୧ କଅଁଳ କଷି କାକୁଡ଼ି ୯୩
୭୨ ଆମ ହସେ ଫୁଲଝରି ୯୫
୭୩ ଆମେ ହସର ଫସଲ ୯୬

Digitized by srujanika@gmail.com

୭୪	କ'ରେ ଗୋଟେ ଆ'କାର	୯୭
୭୫	ବାଇ ଚଢ଼େଇ	୯୯
୭୬	ଚାଷୀଭାଇ ମନ ହସାଇ ଦେ	୧୦୦
୭୭	ସୁନା ପିଲାଟି ପାଳଟି ଯା'ରେ	୧୦୧
୭୮	ଏଇଟି ମୋର ସରଗପୁରୀ	୧୦୩
୭୯	ଆମେ ଯେବେ ହସିବା	୧୦୫
୮୦	କକ ବାଉଆରେ କକ ବାଉଆ,	୧୦୭
୮୧	ହରଷରେ ବିତିଯିବ ଦିନ	୧୦୯
୮୨	ବଣଭୋଜି	୧୧୦
୮୩	ବିଲେଇ ନାନୀର ବାହାଘର	୧୧୧
୮୪	ବଡ଼ମନ୍ତ୍ରୀ ହେଲା ବାଘ	୧୧୩
୮୫	ଚିକିପିଲାଟି କହେ.	୧୧୫
୮୬	କଥାଟିଏ କହୁଁ କଥାଟିଏ	୧୧୭
୮୭	କାଠଘୋଡ଼ା ପାଣି ପି'	୧୨୦
୮୮	ମଣିଷ ହେବି ମୁଁ ମଣିଷ ହେବି	୧୨୨
୮୯	ସିଏ କେଡ଼େ ସୁନ୍ଦର	୧୨୪
୯୦	ଜନମ ମାଟି ମୋର	୧୨୫
୯୧	କହିଦିଅ ସାଥୀ କହିଦିଅ	୧୨୭
୯୨	ବାହାବାହା କେମିତି ମଜା...	୧୨୯

ଆଧୁନିକ ଗୀତିକା **୧୩୧-୧୭୬**

୯୩	ମନଟା ଫୁଲପାଖୁଡ଼ା	୧୩୩
୯୪	ଯଉବନ ହେଲା ଏକ	୧୩୪
୯୫	ଏବେ ବି ଦେଖୁଛ ଯାହା	୧୩୫
୯୬	ଚାହିଁଥିବି ରହି ଦୂରେ	୧୩୬
୯୭	ଗଲେ ଭାଙ୍ଗି ଥରେ ମନ	୧୩୭

Digitized by srujanika@gmail.com

୯୮	ଜୀବନରେ ଯଉବନ	୧୩୮
୯୯	ଝିଲିମିଲି ତାରା ଆକାଶେ	୧୩୯
୧୦୦	ହଜିଲା ଦିନର ଗତ	୧୪୦
୧୦୧	ସପନ ଦେଖାର ମଜରା	୧୪୧
୧୦୨	ଜହ୍ନଆସିଛି ବୟସୀରାତିର	୧୪୨
୧୦୩	ଜହ୍ନ ହସେ ଖିଲିଖିଲି	୧୪୩
୧୦୪	ପୁନେଇ ରାତିରେ ସପନ	୧୪୪
୧୦୫	ଝରିଲାଫୁଲବାସନା ମନେ	୧୪୫
୧୦୬	କିନ୍ତୁ ଏ ଜୀବନ ଆହା	୧୪୬
୧୦୭	ହଜିଲା ଦିନର ସ୍ମୃତି	୧୪୭
୧୦୮	ଚାଲ ମିଶି ଗାଇଯିବା	୧୪୮
୧୦୯	ଦୁହେଁ ମିଶିଲେ ହୁଏ	୧୪୯
୧୧୦	ଆଖି ବୁଝିପାରେ ମନ	୧୫୦
୧୧୧	ସବୁବେଳେ ମନଲାଖି	୧୫୧
୧୧୨	ଫୁଲ ଦେବବୋଲି	୧୫୨
୧୧୩	ଝରା ପତରରେ ଚିଠି	୧୫୩
୧୧୪	ଜୀବନ ହସ-ଦୀପରୁ	୧୫୪
୧୧୫	ଏତେଦିନ ପରେ ଯେବେ	୧୫୫
୧୧୬	ତୁମେ ଗାଇଥିଲ	୧୫୬
୧୧୭	ହସିଲା ସୂରୁଯ ନାଲିଆ	୧୫୭
୧୧୮	ମିଠାମିଠା ସପନରେ	୧୫୮
୧୧୯	ମୋ ପ୍ରିୟା ଅଧରୁ ରଂଗକୁ	୧୫୯
୧୨୦	ମନେ ପଡ଼େ ଏ ଜୀବନେ	୧୬୦
୧୨୧	ଦୁନିଆ ଆଖିରେ	୧୬୧
୧୨୨	ପ୍ରେମ ଯଦି ତୁମେ	୧୬୨
୧୨୩	ବସନ୍ତ ଆସିଛି ଆଜି	୧୬୩

Digitized by srujanika@gmail.com

୭୪	କ'ରେ ଗୋଟେ ଆ'କାର	୯୭
୭୫	ବାଇ ଚଢ଼େଇ	୯୯
୭୬	ଚାଷୀଭାଇ ମନ ହସାଇ ଦେ	୧୦୦
୭୭	ସୁନା ପିଲାଟି ପାଳଟି ଯା'ରେ	୧୦୧
୭୮	ଏଇଟି ମୋର ସରଗପୁରୀ	୧୦୩
୭୯	ଆମେ ଯେବେ ହସିବା	୧୦୫
୮୦	କକ ବାଇଆରେ କକ ବାଇଆ,	୧୦୭
୮୧	ହରଷରେ ବିତିଯିବ ଦିନ	୧୦୯
୮୨	ବଣଭୋଜି	୧୧୦
୮୩	ବିଲେଇ ନାନୀର ବାହାଘର	୧୧୧
୮୪	ବଡ଼ମନ୍ତ୍ରୀ ହେଲା ବାଘ	୧୧୩
୮୫	ଟିକିପିଲାଟି କହେ.	୧୧୫
୮୬	କଥାଟିଏ କହୁଁ କଥାଟିଏ	୧୧୭
୮୭	କାଠଘୋଡ଼ା ପାଣି ପି'	୧୨୦
୮୮	ମଣିଷ ହେବି ମୁଁ ମଣିଷ ହେବି	୧୨୨
୮୯	ସିଏ କେଡ଼େ ସୁନ୍ଦର	୧୨୪
୯୦	ଜନମ ମାଟି ମୋର	୧୨୫
୯୧	କହିଦିଅ ସାଥୀ କହିଦିଅ	୧୨୭
୯୨	ବାହାବାହା କେମିତି ମଜା...	୧୨୯
	ଆଧୁନିକ ଗୀତିକା	**୧୩୧-୧୭୬**
୯୩	ମନଟା ଫୁଲପାଖୁଡ଼ା	୧୩୩
୯୪	ଯଉବନ ହେଲା ଏକ	୧୩୪
୯୫	ଏବେ ବି ଦେଖୁଛ ଯାହା	୧୩୫
୯୬	ଚାହିଁଥିବି ରହି ଦୂରେ	୧୩୬
୯୭	ଗଲେ ଭାଙ୍ଗି ଥରେ ମନ	୧୩୭

Digitized by srujanika@gmail.com

୯୮	ଜୀବନରେ ଯଉବନ	୧୩୮
୯୯	ଝିଲିମିଲି ତାରା ଆକାଶେ	୧୩୯
୧୦୦	ହଜିଲା ଦିନର ଗତ	୧୪୦
୧୦୧	ସପନ ଦେଖାର ମଜରା	୧୪୧
୧୦୨	ଜହ୍ନଆସିଛି ବୟସୀରାତିର	୧୪୨
୧୦୩	ଜହ୍ନ ହସେ ଖିଲିଖିଲି	୧୪୩
୧୦୪	ପୁନେଇ ରାତିରେ ସପନ	୧୪୪
୧୦୫	ଝରିଲାଫୁଲବାସନା ମନେ	୧୪୫
୧୦୬	କିନ୍ତୁ ଏ ଜୀବନ ଆହା	୧୪୬
୧୦୭	ହଜିଲା ଦିନର ସ୍ମୃତି	୧୪୭
୧୦୮	ଚାଲ ମିଶି ଗାଇଯିବା	୧୪୮
୧୦୯	ଦୁହେଁ ମିଶିଲେ ହୁଏ	୧୪୯
୧୧୦	ଆଖି ବୁଝିପାରେ ମନ	୧୫୦
୧୧୧	ସବୁବେଳେ ମନଲାଖି	୧୫୧
୧୧୨	ଫୁଲ ଦେବବୋଲି	୧୫୨
୧୧୩	ଝରା ପତରରେ ଚିଠି	୧୫୩
୧୧୪	ଜୀବନ ହସ-ଦୀପରୁ	୧୫୪
୧୧୫	ଏତେଦିନ ପରେ ଯେବେ	୧୫୫
୧୧୬	ତୁମେ ଗାଇଥିଲ	୧୫୬
୧୧୭	ହସିଲା ସୂରୁଯ ନାଲିଆ	୧୫୭
୧୧୮	ମିଠାମିଠା ସପନରେ	୧୫୮
୧୧୯	ମୋ ପ୍ରିୟା ଅଧରୁ ରଂଗକୁ	୧୫୯
୧୨୦	ମନେ ପଡ଼େ ଏ ଜୀବନେ	୧୬୦
୧୨୧	ଦୁନିଆ ଆଖିରେ	୧୬୧
୧୨୨	ପ୍ରେମ ଯଦି ତୁମେ	୧୬୨
୧୨୩	ବସନ୍ତ ଆସିଛି ଆଜି	୧୬୩

Digitized by srujanika@gmail.com

୧୨୪ ଜୀବନ ମୋ ଥିଲା ଶୂନ୍ୟରେ ୧୬୪
୧୨୫ ଶୀତ ଆଜି ଲେଖାଏ କବିତା ୧୬୫
୧୨୬ ତୁମେ ଚାଲିଗଲ ତୁମରି ବାଟରେ ୧୬୬
୧୨୭ ବରଷାରେ,ବାରିଦର ୧୬୭
୧୨୮ ଆଖିରୁ ଲୁହ ତ ଝରି ୧୬୮
୧୨୯ ଯେ ହସରେ ଥିଲା ଏତିକି ୧୬୯
୧୩୦ ନିରବ ମନରେ ଯେବେ ୧୭୦
୧୩୧ ମରକତ ଢଳେ ସୁନା ଦେହଟାକୁ ୧୭୧
୧୩୨ ଆକାଶରେ ଭାସିଯାଏ ୧୭୨
୧୩୩ ସଙ୍ଗିନୀ ନବରଙ୍ଗିନୀ ଆଉ ହୁଅନା, ୧୭୩
୧୩୪ ଉପଦେଶ ଲାଗେ ପିତା ୧୭୪

ପଲ୍ଲୀଗୀତିକା

୧୭୭-୧୯୨
୧୩୫ ଗାଁ କନିଆଁ ମୁଁ ଯେ ... ୧୭୯
୧୩୬ ଚିତଉ ଅଣଲେଉଟା ୧୮୦
୧୩୭ ଦେଖିଲି ସେଦିନ ୧୮୧
୧୩୮ କିଏ କାଚ କିଏ ହୀରା ୧୮୨
୧୩୯ ଏ ଘରେ ମାଉସୀ ୧୮୩
୧୪୦ ସବୁ ଉଚାଉଚା ଥାନ ୧୮୪
୧୪୧ ପର ଯିଏ ସେ ୧୮୫
୧୪୨ ତୋ ମନ ଡଙ୍ଗାରେ ୧୮୬
୧୪୩ ଚାଟ ଘର ପୁଅ ଚାଟ ୧୮୭
୧୪୪ ଅତି ସବୁ ନୁହେଁ ଭଲ ୧୮୮
୧୪୫ ପରଗୁଣ କେତେ ଗାଉ ୧୮୯
୧୪୬ ନୂଆ ବୋହୂଟି ଲୋ ୧୯୦
୧୪୭ କଣ୍ଢେଇ ନାନୀଲୋ ୧୯୧
୧୪୮ ହସ ବେଳେ ଥାଏ ୧୯୨

Digitized by srujanika@gmail.com

ସମବେତ ଗୀତିକା ୧୯୩-୨୩୨

୧୪୯	ଶାନ୍ତି ଚାହୁଁ ଆମେ	୧୯୫
୧୫୦	ପଥର ଯେଉଁଠି	୧୯୭
୧୫୧	ସୁଜଳା ସୁଫଳା	୧୯୯
୧୫୨	ମିଳିତ କଣ୍ଠରେ	୨୦୦
୧୫୩	ନୀଳ ଦରିଆର	୨୦୧
୧୫୪	ମଣିଷର ସପନର	୨୦୩
୧୫୫	ବଢ଼ି ମରୁଡ଼ିର ମଣିଷ	୨୦୫
୧୫୬	ସାରା ମଣିଷ ଜାତିର	୨୦୭
୧୫୭	ଆମେ ଯେତେ ଶିଶୁ	୨୦୯
୧୫୮	ଆମେ ଜନନୀ,ଭଗିନୀ	୨୧୧
୧୫୯	ମନସ୍ୱିନୀ	୨୧୨
୧୬୦	ଆସଛି ମୁଁ ବଇଶାଖୀ,	୨୧୩
୧୬୧	ହସର ଅସରା ଦେବୁରେ	୨୧୫
୧୬୨	ଏଇ ଭାରତ ଆମର	୨୧୭
୧୬୩	ଅଜ୍ଞାନ ଅନ୍ଧାର ଆମେ	୨୧୯
୧୬୪	ଦଇଆ ନଦୀର କୂଳେରେ	୨୨୧
୧୬୫	କ୍ଳାନ୍ତ ପଥିକ କୋଣାରକ	୨୨୩
୧୬୬	ଆମେ ହସୁ ଆମେ ଖେଳୁ	୨୨୫
୧୬୭	ମଉସୁମୀ ଆମେ ମଉସୁମୀ	୨୨୭
୧୬୮	ମହୋଦଧି ଗୀତଗାଏ	୨୨୯
୧୬୯	ମନହସୁଥିଲେ ଦୁନିଆହସେ	୨୩୧

*****

Digitized by srujanika@gmail.com

ଭକ୍ତି ଗୀତିକା

Digitized by srujanika@gmail.com

Digitized by srujanika@gmail.com

୧

ଏତିକି ମାତର ଅଳି

ଏତିକି ମାତର ବିନତି ହେ ନାଥ
ଏତିକି ମାତର ଅଳି,
ଏ ଜୀବନ ଦୀପ ଲିଭିଗଲା ବେଳେ
ଦେଖା ଦେବ ବନମାଳୀ (ପଦ)

କେତେ କଥା ପ୍ରଭୁ ଶିଖାଇ ଥିଲ ତ
ସବୁ କଥା ଦେଲି ଛାଡ଼ି,
କେତେ ବାଟ ପ୍ରଭୁ ଦେଖାଇ ବି ଥିଲ
ଲୋଭେ ଗଲି ବାଟ ଭୁଡ଼ି,
ଜୀବନଟା ଗଲା ମିଛ ମାୟା ବନ୍ଧେ
ନ ଜପିଲି ନାମାବଳୀ ।(ଏକ)
ଏତିକି ମାତର ଅଳି. . .

ରୋଗ ବାଧା କେତେ ଚେତାଇ ଦେଲେ ତ
ଭାବିଲି ମୋ କର୍ମ ବାମ,
ହସ ଖୁସି ସୁଖେ ପୁଣି ବତାଇଲ
ଉଲ୍ଲାସରେ ହେଲି ଭ୍ରମ,
ପଦେ ପଦେ କେତେ ଚେତାଇଲ ମୋତେ
ନିଜ ଦମ୍ଭେ ଥିଲି ଭଳି । (ଦୁଇ)
ଏତିକି ମାତର ଅଳି. . .

*****

୨୪ ନଭେମ୍ବର ୧୯୯୪
ସମ୍ବଲପୁର

Digitized by srujanika@gmail.com

୨

ଯା ନେତ୍ରେ ପଲକ ନାହିଁ

ସାରା ଜଗତର ଦୁଃଖ ବୁଝିବାକୁ
ଯା ନେତ୍ରେ ପଲକ ନାହିଁ ,
ସହି ଗୋ...ମୋର କାଳିଆ ଠାକୁର ସେହି ।ପଦ ।

ତ୍ରିପଣ୍ଡ କାଳିଆ ମୋ ଗଳାମାଳିଆ
ସଂକର୍ଷଣ ବଡ଼ଭାଇ
ଦୁଇଭାଇ ସାଥେ ବସିଛନ୍ତି ଦେଖ
କେତେ ରଂଗେ ଚାନ୍ଦମୁହିଁ
ସାରା ଦୁନିଆକୁ ପଡ଼ି ଦେବାପାଇଁ
ମାଆ ଲକ୍ଷ୍ମୀ ଛନ୍ତି ରହି (୧)
ଚଉଦ ବ୍ରହ୍ମାଣ୍ଡ ଯା' ଇଙ୍ଗିତେ ଚଳେ
ଦଶଦିଗେ ଯା'ର ନେତ୍ର
ଯା' ଦେଉଳ ନେତ ଫର ଫର ଉଡ଼ି
ସଂସାର କରେ ପବିତ୍ର
ଚରାଚର ସୃଷ୍ଟି ଦେବା ପାଇଁ ଦୃଷ୍ଟି
ଅବକାଶ ଅବା କାହିଁ ? (୨)

ଯା' ନାମ ଶୁଣିଲେ ପଳାଏ ପାତକ
ପତିତପାବନ ନେତ
ଯା ମହାପ୍ରସାଦ ପିଣ୍ଡ କରେ ଶୁଦ୍ଧ
ପଥଧୂଳି ମହା ବିତ୍ତ
ଭକତ ଅନ୍ତର ଭକତିରେ ବନ୍ଧା
ଭକତବନ୍ଧୁ ଗୋସାଇଁ (୩)

*****

ତା-୫.ଅକ୍ଟୋବର୨୦୦୬
ଭୁବନେଶ୍ୱର

Digitized by srujanika@gmail.com

୩

ଚକାଡୋଳା ବକା ହୋଇ କାହିଁ ବଇଚ

ଚକାଡୋଳା ବକା ହୋଇ କାହିଁ ବଇଚ,
ଠକାଇ ଯିବାକୁ ଅବା ମନେ ଚାହିଁଚ ।(ପଦ)

ଧକ୍କା ଖାଇ ଖାଇ ଦାଣ୍ଡେ,
ଯାଅ ପହୁଣ୍ଡେ ପହୁଣ୍ଡେ,
ଚକା ଆସନ ପକାଇ ବସି ଯାଉଚ
ପକ୍କା ତୁମେ ଦଗାଦିଆ,
ଷାଠିଏ ପଉଟି ଖିଆ
ମାଣିକକୁ ମୁଦି ଦେଇ ଠକି ିଇଚ । (୧)

ଶବରର ଘରେ ରହି
ଥବିର ଯାଇଚ ହୋଇ
ବିଶ୍ବାବସୁ ଶବରକୁ ଠକି ଆଇଚ,
ଭାଇ ଭଉଣୀ ସାଥୀରେ
ବୁଲି ଯାଉଚ ରଥରେ,
ନିଜ ଘରଣୀକୁ ଘରେ ଛାଡ଼ି ଆଇଚ ।(୨)
ସେ ତୁମର ଏକ ଲୀଳା
ନ ବୁଢ଼େ କାହାର ଭେଳା
ଚକାଡ଼ୋଳା ଡ଼ୋଳା ଖୋଲି ସବୁ ଚାହିଁଚ
ଲୀଳାମୟ ତୁମଲୀଳା
ନ କରେ କା ଅବହେଳା
ସେ ଲୀଳା ପ୍ରକାଶ ପାଇଁ ତୁମେ ବଇଚ (୩)

*****

ତା ୧୭ ଜୁଲାଇ ୧୯୯୫
ସମ୍ବଲପୁର

Digitized by srujanika@gmail.com

୪

ଭକତି ଫୁଲରେ ନିରାଞ୍ଜନା କରେ

ହେ ଭକତ ବନ୍ଧୁ ଭାବଗ୍ରାହୀ !
ଭକତି ଫୁଲରେ ନିରାଞ୍ଜନା କରେ
ନୟନେ ଦୀପ ଜଳାଇ ।(ପଦ)

ବାଉଳା ହେବାକୁ ଲଗାଇଛ ଲୀଳା
କରିଅଛ କେତେ ଭିଆଣ,
ତୁମକୁ ନ ଖୋଜି ବାତୁଳେ ବୁଲନ୍ତି
କରି ନାନା ରୂପ ଧିଆନ ,
ହେ ଛନ୍ଦାଚରଣ ହୃଦେ ହୁଅ ବନ୍ଧା
ମନ୍ଦରଧର ଗୋସାଇଁ ।(୧)

ମନ୍ଦିରେ କାହିଁ ଯିବି ବିଶ୍ୱଗୁରୁ
ଅଛ ସବୁଠାରେ ରହି,
ମାଳା ଜପି କାହିଁ ହେବି ବା ବାଉଳା
ନାମ ତ ସରିବ ନାହିଁ,
ଅନ୍ତର ମୋହର ପ୍ରଭୁଙ୍କ ମନ୍ଦିର
ନିରତେ ଖୋଜିବି ମୁହିଁ ।

*****

ତା-୧୮ ଅଗଷ୍ଟ ୧୯୭୨
କେନ୍ଦ୍ରପଡ଼ା

Digitized by srujanika@gmail.com

୪

ତୋ ବାଟ ଚାହିଁଛି

କାଳିଆରେ ବଳିଆରେ
ମାଗୁନି ମୁଁ କିଛି
ବରଷ ଗଲାଣି ବିତି
ତୋ ବାଟ ଚାହିଁଛି ।୦।
ଜନମ ଜନମ ପାପୁ ଲଭିବି ମୁକତି
ରଥରେ ତୋ ଦେଖି ଦେଖି ବାମନ ମୂରତି
ବାଇଶ ପାହାଚେ ତୋର ପହଣ୍ଡିର ଠାଣି
ଗୋପଦାଣ୍ଡେ ନାଚେ ସେ କି ସତେ ବେଣୁପାଣି
ସେ ଭାବ ଦେଖିବା ପାଇଁ
ଏ ଜୀବ ରହିଛି ।୧।

ତୋତେ ଦେଖି ବଡ଼ଦାଣ୍ଡେ ଗଡ଼ି ଗଡ଼ି ଯିବି
ତୋ ଭକତ ପଦରେଣୁ ଦେହେ ବୋଳି ହେବି
ପତିତପାବନ ବାନା ହେବ ସିନା ସାର
ପତିତ ଉଦ୍ଧାରି ପ୍ରଭୁ ରଖ ଟେକ ତୋର
ସେ ଦିନ ପାଇଁ ଏ ଦୀନ
ଭରସା ରଖିଛି ।୨।

***

୧୯-ଅଗଷ୍ଟ-୨୦୦୩
ରାଉରକେଲା

Digitized by srujanika@gmail.com

୬

ନନ୍ଦିଘୋଷେ ଚାହିଁ ଚାହିଁ

ବଳିଆ କାଳିଆ ଭାଇ
 ରଥପରେ ବିଜେ ହେ
ତାଳଧ୍ୱଜ-ନନ୍ଦିଘୋଷ
 କି ସୁନ୍ଦର ସାଜେ ହେ ।୦।

ମଝିରେ ଚାଲିଛି ଦେଖ ଦେବ ଦଳନ
ମାତା ସୁଭଦ୍ରା କରନ୍ତି ରଥ ମଣ୍ଡନ
କି ସୁନ୍ଦର ଏ ରଥର ନାହିଁ ଉପମା
ଗଢ଼ିଛି ଯତନେ ରଥ ସେ ବିଶ୍ୱକର୍ମା
ସାରଥି ଆଗରେ ରହି
 ରଥ ଅଶ୍ୱ ସାଜେ ହେ ।୧।

ପତିତଙ୍କୁ ତାରିବାକୁ ପତିତପାବନ
ପାତକିମାନଙ୍କ ପାପ କରିବେ ଦହନ
ଶରଧା ବାଲିରେ ଥରେ ଯାଅ ମନ ଗଡ଼ି
ଜୀବନ ପାତକ ଯାକ ଏଠି-ଯିବ ଛାଡ଼ି
ନନ୍ଦିଘୋଷେ ଚାହିଁ ଚାହିଁ
 ଜୀବନକୁ ତେଜହେ ।୨।

* * *

ତା ୨୮ ମାର୍ଚ୍ଚ ୧୯୮୨
ବରଗଡ଼

Digitized by srujanika@gmail.com

୧

ଭଜମନ କୁଞ୍ଜ ବିହାରୀ

ଭଜମନ . . . କୁଞ୍ଜ ବିହାରୀ
ରାଧାରାଣୀ ଜୀବଧନ ମୂରଲୀ ଧାରୀ ।୦।
ଭଜ ଗିରିଧାରୀ
ଭଜ କାଳୀ ଦର୍ପହାରି
ନୀଳ ଯମୁନାର ତଟେ
ରାସଲୀଳାକାରୀ
ଯଶୋମତୀ ପ୍ରାଣ ଧନ
ପୀତାମ୍ବର ଧାରୀ
ଭଜ ବକ୍ରସେହ୍ନା ଦର୍ପହାରି ।୧।
ସୁଦାମା ସୁବଳ ବନ୍ଧୁ
ଗୋପୀ ମନୋହାରି
ଯାମଳା ଅର୍ଜ୍ଜୁନେ ବନ୍ଧା
ନବନୀତ ଚୋରି
ଦେଖରେ ମାନସ ପଟେ
ରାମକୃଷ୍ଣ ଯୋଡ଼ି
ଭଜମନ,ସେ ଲୀଳା ମାଧୁରୀ ।୨।

ଲଙ୍ଘିବାକୁ ଯଦି ଚାହୁଁ ଏହି ଭବ-ବାରି
ଭଜ ଶ୍ରୀମଧୁସୂଦନ,ଜପ ରାମ ହରି
ଭଜ ମନ ଜପ ମନ ନୀଳାଦ୍ରି ବିହାରୀ
ଭଜ ମନ, ଜପ ବଂଶୀଧାରୀ ।୩।

*****

ତା।୧୧ଅକ୍ଟୋବର୧୯୭୪
ପୁରୁଷୋତ୍ତମପୁର

Digitized by srujanika@gmail.com

୮

ତୋର ଦରଶନ ପାଇଁ

ବରଷେ ଗଲାଣି ବିତି ରହିଛି ମୁଁ ଚାହିଁ
କାଳିଆ ବଳିଆ ତୋର ଦରଶନ ପାଇଁ ।୦।

ରଥରେ ଦେଖିଲେ ତୋର
  ବାମନ ମୂରତି
ସଂସାର ପାପ ତାପରୁ
  ମିଳଇ ମୁକତି
ଜନମ ଜନମ ପାପ
  ଯିବ ଧୋଇ ମୋର
ପତିତପାବନ ନାମ
  ତୋର ହେବ ସାର
ମୋ ଠାରୁ ପତିତ ଆଉ
  ସଂସାରେ କେ କାହିଁ ? ।୧।

ବାଇଶି ପାହାଚେ ତୋର ଝୁଲିବାର ଠାଣି
ପହଣ୍ଡିରେ ଆସୁ ଧରି ତୋ ଭାଇ ଭଉଣୀ
ବଡ଼ଦାଣ୍ଡେ ଦିଶେ ତୋର ଗୋପଦାଣ୍ଡ ଛଇ
ଯଶୋମତୀ ମାତା ବାନ୍ଧି ଶାସନ କରଇ
ତୋ ଲୀଳା ଦେଖି ମୋ ଲୀଳା
  ସରିବ କି ନାହିଁ ? ।୨।

*****

୨୮-ଅଗଷ୍ଟ-୨୦୦୪
ରାଉରକେଲା

Digitized by srujanika@gmail.com

୯

ଜୀବନର ଦୀପ ଯେବେ ଲିଭିଲିଭି ଯିବ

ଜୀବନର ଦୀପ ଯେବେ ଲିଭିଲିଭି ଯିବ,
ସତେ ସ୍ୱର୍ଗଦ୍ୱାର ଚିତା ଏ ଦେହ ପାଇବ ।(ପଦ)

ସତେ ଭାଗ୍ୟ ହେବ ନିତି କରିବି ଦର୍ଶନ,
ଚକା ଚକା ଦୁଇ ଗୋଟି ପଙ୍କଜ ଲୋଚନ,
ନୀଳଚକ୍ରେ ଚାହିଁ ଚାହିଁ ଦୀପ ଲିଭିଜିବ ।(୧)
ସତେ ସ୍ୱର୍ଗଦ୍ୱାର ଚିତା ଏ ଦେହ ପାଇବ

ସତେ କିଏ ଦେବ ମୋତେ କୈବଲ୍ୟ କଣିକା,
ପାଶେ ମୋର ଗାଉଥିବ ଶ୍ରୀନାମ ମାଳିକା
ନାରାୟଣ ନାରାୟଣ କହି ଜୀବ ଯିବ ।।(୨)
ଜୀବନର ଦୀପ ଯେବେ ଲିଭି ଲିଭି ଯିବ

ବଡ଼ଦାଣ୍ଡେ ଶେଷ ଯାତ୍ରା ଭାଗ୍ୟର କାରଣ,
ପଛେ ଡକା ପଡୁଥିବ ହରିରାମ ନାମ,
ଏତେ ବଡ଼ ଭାଗ୍ୟ ଆହା ସତେ ମୋର ହେବ ।(୩)
ସତେ ସ୍ୱର୍ଗଦ୍ୱାର ଚିତା ଏ ଦେହ ପାଇବ

*****

ତା-୧୧ ସେପ୍ଟେମ୍ବର ୧୯୯୫
ସମ୍ବଲପୁର

Digitized by srujanika@gmail.com

୧୦

ପାଇଲା ଧନ ନ ହଜା

ମନ ଭ୍ରମରାରେ ପାଇଲା ଧନ ନ ହଜା
ଯେ ଧନ ପାଇଛୁ ସେ ଧନକୁ ଛାଡ଼ି
ଅ-ଧନକୁ ଆଉ ନ'ଯା ।୦।
କେଡ଼େ ମୂଲ୍ୟବାନ ମାନବ ଜନମ
ଅନେକ ପୂଣ୍ୟର ଫଳ
ସରଗ ଦେବତା ଏ ଜନମ ଲଭି
କରୁଥାନ୍ତି ଲୀଳା ଖେଳ
ଆହା ଏ ସୁଯୋଗ ହାତ ଛଡ଼ା କରି
ଗରବେ ବଜାଉ ବାଜା ।୧।

କୋଟି କୋଟି ଜୀବ ଗୋଟି ଗୋଟି ହୋଇ
ଲୋଟୁଛନ୍ତି ଧରଣୀରେ
ଅନାଦି ଠାକୁର ପ୍ରଭୁ ନିରାକାର
ଭେଟୁଛନ୍ତି ସବୁଠାରେ
ହାତରେ ପାଇତୁ ନାତ ମାରିଦେଇ
କରୁ ଅନାଥରେ ପୂଜା ।୨।

ଭ୍ରମରେ ମାତୁଛୁ ଶ୍ରମରେ ମାତୁଛୁ
ଛାଡୁଛୁ କଳପ ବଟ
ଅନାହତ ଧ୍ୱନି କାନରେ ଶୁଣି ତୁ
ପାଇ ନ ପାଉଛୁ ଭେଟ
ମନର ମୁନକୁ ସଳଖି ଯୋଖିଲେ
ଦିଶିବ ସେ ନୀଳ ଧ୍ୱଜା ।୩।

୧୭ ଫେବୃଆରୀ ୨୦୦୧
ରାଉରକେଲା-୨

*****

Digitized by srujanika@gmail.com

୧୧

ଆଗ ଲୀଳା ମନେ ନାହିଁଟି

କଳା କହ୍ନାଇଁ,ଆଗ ଲୀଳା ମନେ ନାହିଁଟି
ସାଗର ମନ୍ଥନେ ନିଜେ ଲକ୍ଷ୍ମୀ ନେଇ
ଶିବେ ଦେଲ ବିଷ ପେଇଟି ।୦।

ପୁତନା ଆସିଲା ପୁତ୍ର ସେବା ପାଇଁ
ଥନେ ବୋଳି ବିଷ ସେହିଟି
କ୍ଷୀର ପାନ ଛଳେ ତା ପ୍ରାଣ ନାଶିଲ
ଲୀଳା ଦେଖାଇବା ପାଇଁଟି
ଗୁରୁ ଗଉରବ ବଢ଼ାଇବା ପାଇଁ
ଅନ୍ଧେ ଦେଲ ଆଖି ଦୁଇଟି ।୧।

ଭୋକ ବିକଳରେ ବରଷା କାଳରେ
ଗୁରୁମା ମିଷ୍ଟାନ୍ନ ଖାଇକି
ସୁଦାମା ଜୀବନ ଅଭାବେ ଛଳିଲ
ଖୁଦ ଦୁଇ ମୁଠା ପାଇଁଟି
ସବୁତ ତୁମରି ଲୀଳା ହେ କଂସାରି !
ଖେଳା ଲଗାଇଛ ରହିଟି ।୨।

ତ୍ରେତୟା ଯୁଗରେ ନୈମିଷାରଣ୍ୟରେ
ଋଷିମାନେ ଥିଲେ ଧାୟିଟି
ପୁରାଇ କାମନା ଗୋପେ ଗୋପୀ ସିନା
ଲୀଳା ଲଗାଇଲ ରହିଟି ,
ତୁମ ଭଜନକୁ ମୁଁ କିବା ଭାଜନ
ତୁମ ନାମ ଥିବି ଧାୟିଟି ।୩।

୨୭ ମେ ୨୦୦୩
ରାଉରକେଲା

*****

Digitized by srujanika@gmail.com

୧୨

ଅନ୍ତରେ ଖୋଜିବୁ ଯଦି. . .

ଅନ୍ତରେ ଖୋଜିବୁ ଯଦି ଅନ୍ତର୍ଯାମୀ ପ୍ରଭୁ
ଅହର୍ନିଶ ନିରାକାର ସ୍ୱାମୀ ଭଜୁଥିବୁ ।୦।

ଅଲେଖ ନିରଞ୍ଜନଙ୍କୁ ଅହରହ ଜପ
ଆଖିର ଲୁହରେ ତୋର ଧୋଇଯିବ ପାପ
ସକଳ ଘଟରେ ନାଦବ୍ରହ୍ମ ଦେଖୁଥିବୁ ।୧।

ଜୀବଦେହେ ଦେଖୁଥିବୁ ଜୀବନ୍ତ ଠାକୁର
ଦରଶନ ପାଉଥିବୁ ଜଗତ ଈଶ୍ୱର
ଅନ୍ତିମ କାଳକୁ ଅନ୍ତରରେ ଦେଖୁଥିବୁ ।୨।

ଅଠାକାଠି ପରି ମାୟା ଜଗତେ ବ୍ୟାପିଛି,
ଆଠ ପ୍ରହର ଯାକତ ତୋତେ ଡୁବାଉଛି
ଯେବେ ଆଖି ଖୋଲିଦେବୁ ଅଲେଖ ଦେଖିବୁ ।୩।

*****

୩୦,ସେପ୍ଟେମ୍ବର ୨୦୦୩
ରାଉରକେଲା

Digitized by srujanika@gmail.com

୧୩

ହସିଲା ସୃଷ୍ଟିରେ ତୁମେ

ହସିଲା ସୃଷ୍ଟିରେ ତୁମେ
ନିଜେ ହସି ହସାଅ
କାହିଁପାଇଁ ପ୍ରଭୁ ମୋତେ
ଲୁହଜଳେ ଭସାଅ ।୦।

ଶିଶୁର ମୁଖେ ହରଷ,
ସାଧୁ ମୁଖେ ଆନନ୍ଦ
ହରଷ ସବୁରି ମନେ
ମୋ ମନରେ ବିଷାଦ
କାନନେ ଫୁଲ ହସରେ
କେତେ ହସ ମିଶାଅ ।୧।

କନ୍ଦାଇବା ହସାଇବା
ସବୁ ଇଚ୍ଛା ତୁମର
ଭାଙ୍ଗିଦେବା ଗଢ଼ିଦେବା
ତୁମ ମନ ବିଚାର
ହସିଲା ମୁହଁ ଦେଖାଇ
ମୋର ମନ ରସାଅ ।୨।

* * *

ତା ୧୬ସେପ୍ଟେମ୍ବର୧୯୭୪
ପୁରୁଷୋତ୍ତମପୁର

Digitized by srujanika@gmail.com

୧୪

ତୁମେ ଅନ୍ତର୍ଯାମୀ

ଦୟାମୟ ଦୀନବଂଧୁ ନୀଳଗିରି ସ୍ୱାମୀ
ସବୁରି ଅନ୍ତର ଜାଣ ତୁମେ ଅନ୍ତର୍ଯାମୀ ।୦।

ତୁମେ ଜଗତର ବଂଧୁ ଜଗବଂଧୁ ହରି
ଏ ଭବସାଗରୁ ତୁମେ କର ଏକା ପାରି
ମାୟାଧର ଲଗାଇଛ ଭବେ ମାୟାଡୋରି
ସେ ମାୟା ଜାଲରୁ କିଏ ପାରବ ଉଦ୍ଧରି
ଏ ଭବବଂଧନ ଖେଳ ତୁମେ ପାର ଜାଣି ।୧।
ତୁମେ ଅନ୍ତର୍ଯାମୀ

ଜଗତରେ ରହିଛନ୍ତି ଦୁଃଖୀ ଅସୁମାରି
ମୋ ଦୁଃଖ ପାଇଁକି କିବା କରିବି ଗୁହାରି
ଲୀଳାମୟ ତୁମର ଏଏକ ଏକ ଲୀଳା
ଲୀଳାନିଧି ତୁମ ପାଇଁ ଏହା ଏକ ଖେଳା
ତୁମ ଲୀଳା ଜାଣିବାକୁ ଶକତି ମୋ ନାହିଁ ।୨।
ତୁମେ ଅନ୍ତର୍ଯାମୀ

*****

ତା୨୨ ନଭେମ୍ବର ୧୯୭୫
ଶାନ୍ତି ନିକେତନ

Digitized by srujanika@gmail.com

୧୫

କାହିଁକି ହେ ପ୍ରଭୁ ଯିବି

ମୋ ମନରେ ପାତିଅଛ
        ତବ ରତ୍ନସିଂହାସନ
କାହିଁକି ହେ ପ୍ରଭୁ ଯିବି
        ବଦରିକା, ବୃନ୍ଦାବନ ।୦।

ଏ ଦେହ ତୁମ ମନ୍ଦିର
        ହୃଦୟ କଳା ଠାକୁର
ପାଦ ଦୁଇ ତୁମ ରଥ
        ହାତ ତୁମର ଭକତ
ଏ ମନ ନିର୍ମଳ ଥିଲେ
        କରିବି ତବ ଦର୍ଶନ ।୧।

କାହିଁକି ବା ଯିବି ଗଙ୍ଗା
        କାହିଁ ଯିବି ଚନ୍ଦ୍ରଭାଗା
ତୁଚ୍ଛା ଏ ମାଳା ତିଳକ
        ଲୋକ ଦେଖା ପାଇଁ ଭେକ
ତୁମେ ଦେଇଥିବା କର୍ମ
        କଲେ ପାଇବି ଦର୍ଶନ,।୨।

*****

୩୧ଜୁଲାଇ୨୦୦୩
ରାଉରକେଲା

Digitized by srujanika@gmail.com

୧୭

ବାଙ୍କ ସିନା କି ସୁନ୍ଦର

ଧନୁ ବାଙ୍କ
କଇଁଆ ବାଙ୍କ
ନଦୀ ବାଙ୍କ ଶୁଭଶଙ୍ଖ...
ସେ ସବୁ ତ ନୁହେଁ ଖାଲି
ତାଙ୍କ ଭଳିଆ...
ବାଙ୍କ ସିନା କି ସୁନ୍ଦର ବାଙ୍କଚୁଳିଆ ।୦।

ରାଧାରାଣୀ ଚାହିଁଥିଲେ
ଯମୁନା କୂଳେ
ବାଙ୍କଚୁଳିଆ ମୋ ଅଛି
କଦମ୍ବ ଡାଳେ
ଗୋପେ ଗୋପାଳୁଣୀ କେତେ
ଅଛନ୍ତି ଚାହିଁ
ଗୋପ ଦାଣ୍ଡେ ଖେଳ କରେ
କହ୍ନାକହ୍ନାଇ
କେକୀ ପୁଚ୍ଛ ଚୁଳେ ଖୋସି
ନାଚେ କାଳିଆ ।୧।
ବାଙ୍କ ଚାହାଣିରେ କିଣେ   ଗୋପୀଙ୍କ ମନ
ତ୍ରିଭଙ୍ଗୀ ଠାଣିରେ ଠିଆ   ଯଶୋଦା ଧନ
ସାଥେ ବଳଦେବ ଧେନୁ   ବଚ୍ଛା ମେଳଣ ।
ଧବଳି ଶ୍ୟାମଳି ପଛେ   ନନ୍ଦନନ୍ଦନ
ମୋ ବାଙ୍କ ଜୀବନେ ଦେଖା   ଦେବ କାଳିଆ ।୨।

*****

ତା ୨୪ ଜାନୁଆରୀ ୧୯୮୫
ରାଉରକେଲା

Digitized by srujanika@gmail.com

୧୭

କେତେ ନାଟ ଲଗାଉଛ

କଳା କହ୍ନାଇଁ, ତୁମେ ବଡ଼ ହଟ ହଟିଆ
କେତେ ନାଟ ଲଗାଉଛ ନଟକୁଟିଆ ।୦।

ନାବେ ହଟହଟା କର ଗୋପ ଗୁଆଳୀ
ଭବେ ହଟହଟା କର ଭକତେ ହରି
କରିଥିଲେ କେତେ ଆଶା
ମନରେ ଭରି ଭରସା
ରାମକୃଷ୍ଣ ବାହୁଡ଼ିବେ
ଗୋପ ହୋଇବ ସରସା
ଯଶୋଦାଙ୍କୁ କନ୍ଦାଇଛ ନନ୍ଦ ଚାଟିଆ ।୧।

ତୁମ ପଥ ଚାହିଁ ଚାହିଁ ଗୋପ ରମଣୀ
ତୁମ ପଥ ଚାହିଁ ରାଧାରାଣୀ ବାୟାଣୀ
ଧରି ସେ ସର ଲବଣୀ
ଡାକନ୍ତି ହେ ବେଣୁପାଣି
ଗୋଠେ ଧବଳୀ ଶ୍ୟାମଳୀ
ଆଖିରୁ ବହୁଛି ପାଣି,
ଗୋବର୍ଦ୍ଧନ,ବୃନ୍ଦାବନ ନୀରବେ ଠିଆ ।୨।

*****

ତା।୧୭ ଜାନୁୟାରୀ୧୯୮୨
ବରଗଡ଼

Digitized by srujanika@gmail.com

୧୮

ମନଟା ତୋର ଶରଧା ବାଲି

ଆସୁଥା ହଲି ହଲି
ଡକୁଥା ଝୁଲି ଝୁଲି
ମନଟା ତୋର ଶରଧା ବାଲି
ହସୁଥା ମଖମଲି
ଚାହିଆ ଯାଉ ହଲି
ପାଟହାତୀ ପରି ତୋର ଚାଲି ।୦।

ଗହଳି ଲଗାଇ ଆସୁଥାଉ
ଧଣ୍ଡାମାଳରେ ତୁ ବେଶହେଉ
ବଡ଼ ଦେଉଳ ତୋ କି ସୁନ୍ଦର
ବଡ଼ଦାଣ୍ଡେ ରଥ ଯାତ ତୋର
ଆସୁଥା ଢ଼ଳି ଢ଼ଳି
ପହଣ୍ଡି ବିଜେ କରି
ପତିତ ଜନେ ଉଦ୍ଧାରୁ ହରି ।୧।

ବରଷେ ହେଲାଣି ଅଛି ଚାହିଁ
ଭରସା ଅଛି ଦେଖିବି ମୁହିଁ
ତୋ ମନ୍ଦିରେ ଯିବା ମୋତେ ମନା
ପତିତ ପାବନ ବାନା ସିନା
ନୀଳଚକ୍ରେ ଅଛି ଚାହିଁ
ତୋ ଲୀଳା ଦେଖିବା ପାଇଁ
ବେଳା ମୋ ଯାଉଛି ଗଡ଼ି ଗଡ଼ି ।୨।

*****

ତା ୨୭ ଅଗଷ୍ଟ ୨୦୦୩
ରାଉରକେଲା

Digitized by srujanika@gmail.com

୧୯

ମନ-ଫୁଲ ମଉଳିଲାଣି

ଜୀବନର ସବୁଆଶା ସରିଗଲାଣି
ମନ-ଫୁଲ ମଉଳିଲାଣି ।୦।

ଘାଟିଆ ଦେଲେଣି ଡାକ,
ଡାକ ଦେଲେଣି ପାଇକ,
ବେଳହୁଏ ରତରତ
ସୁରୁଯ ନେବେ ମେଲାଣି ।
ମନ-ଫୁଲ ମଉଳିଲାଣି ।୧।

ପାଞ୍ଚ ବୀର କଲେ ବନ୍ଦୀ
ପଚିଶ ପାଇକେ ଛନ୍ଦି
ସହସ୍ର କଣା ଛାତର
ବସାରେ ଝରୁଛି ପାଣି ।
ମନ-ଫୁଲ ମଉଳିଲାଣି ।୨।

ଚାଷ ବାସ କିଛି ନାହିଁ
ଜୀବନ ପଡ଼ିଆ ଭୂଇଁ,
ଗୋଚରକୁ ନୁହେଁ ଯୋଗ
କୁଶ ତ କଅଁଳେ ନାହିଁ
ମନ-ଫୁଲ ମଉଳିଲାଣି ।୩।
ଆଖିରେ ଭରିବ ଲୁହ,
ମନରେ ଉଠିବ କୋହ,
ଜ୍ୟୋତିରୂପ ଚହଟିବ,
ତେବେ ମୁଁ ନେବି ମେଲାଣି ।
ତୁମକଥା ଜଣାଗଲାଣି ।୪।

ତା୫ ନଭେମ୍ବର୨୦୦୭
କଟକ

*****

Digitized by srujanika@gmail.com

୨୦

ମୁଁ ଯେ ସାଗର ଶୀକର ବିନ୍ଦୁ

ମୁଁ ଯେ ସାଗର ଶୀକର ବିନ୍ଦୁ
ପ୍ରଭୁ ତୁମେ ଅଟ ମହାସିନ୍ଧୁ ।୦।

ତୁମେ କାରଣର ଅଟ କାରଣ
ତୁମେ ଜୀବନର ଅଟ ଜୀବନ
ତବ ଲୋମ ମୂଳେ କୋଟି ଜଗତ
ରେଣୁ ପ୍ରାୟ ମାଳ ମାଳ ବୁଲେତ
ତୁମେ ଜୀବର ଜୀବନ ବଂଧୁ
ତୁମେ ଜଗତ ନୟନ ଇନ୍ଦୁ
ମୁଁ ଯେ ସାଗର ଶୀକର ବିନ୍ଦୁ (୧)

କାଳ ଯାହା ଇଂଗିତରେ ଚଳଇ
ଜଳ ଯାହା ଇଂଗିତରେ ଖେଳଇ
ତବ ଆଲୋକର ଏକ କଣିକା
ଭବ ଜଳଧିର ଏକ ରେଣୁକା
ଥରେ ମିଶିଲେ ହୋଇବି ସିନ୍ଧୁ
ମୁଁ ତ ନ ଥିବି ଶୀକର ବିନ୍ଦୁ ।
ମୁଁ ଯେ ସାଗର ଶୀକର ବିନ୍ଦୁ ।୨।

*****

୧୦ଜୁଲାଇ୧୯୯୬
ରାଉରକେଲା

Digitized by srujanika@gmail.com

୨୧

ନୁହେଁ ମୀରାବାଈ ...

ନୁହେଁ ମୀରାବାଈ ନୁହେଁ ସାଲବେଗ
ଭକତିରେ ନେବି କିଣି
ଅନ୍ତର ଖୋଲି ଡାକେ ମହାବାହୁ
ତୁମେ ଅନ୍ତରଯାମୀ ।୦।

ଜନମ ଜନମ ତପ ମୋର ନାହିଁ
　　　ତୁମ ରୂପ ଧ୍ୟାୟିଥିବି,
ପାଦେ ମୋ ଶକତି ନାହିଁ ମହାବାହୁ
　　　ତୀର୍ଥ ଦରଶନେ ଯିବି,
ଅଟଳ ଭକତି ନାହିଁ ମୋ ଅନ୍ତରେ
　　　ତୋତେ ମୁଁ ଆଣିବି ଟାଣି ।୧।

ଭିତରେ ଯେତିକି ଭକ୍ତି ଦେଇଛ
　　　ସେତିକି ସୁଦୟା କର,
ସେତିକି ଧନ ମୋ ଗଣ୍ଠି ଧନ ହେଉ
　　　କରୁଣା ତବ ଅପାର,
ସେ ଭକତି ଧନ ମହାଧନ କରି
　　　ପ୍ରଭୁ ବୋଲି ନେବି କିଣି ।୨।

*****

ତା ୨୧ ଅକ୍ଟୋବର ୨୦୦୧
ରାଉରକେଲା

Digitized by srujanika@gmail.com

୨୨

କାହିଁକି ବା ଯିବି ଗଙ୍ଗା

କାହିଁକି ବା ଯିବି ଗଙ୍ଗା
କାହିଁ ଯିବି ଚନ୍ଦ୍ରଭାଗା
କିଛି ମୋର ଲୋଡ଼ା ନାହିଁ,   ମନୁଆଁରେ
ଏଇ ଦେହ ପୂଣ୍ୟ ଭୂଇଁ ।୦।

ଏଇ ଦେହ ଗୋଟି ମୋର
ହରିଙ୍କ ମନ୍ଦିର,
ସେ ମନ୍ଦିରେ ବିରାଜିତ
ଜଗତ ଈଶ୍ୱର
ମନ୍ଦିର ମଇଳା ହେଲେ
ଦିଅଁ ଅବା ଥିବେ କାହିଁ? (୧)

ମନ ମୋର ଯଦି ସଫା
ଗଡ଼ିଆ ତ ଗଙ୍ଗା
ମନ ଜ୍ୟୋତି ପ୍ରକାଶିଲେ
ଦିଶେ ଚନ୍ଦ୍ରଭାଗା
ମନ ଦରପଣେ ବିଜେ
ସାରା ଜଗତର ସାଇଁ ।୨।

*****

ତା ୧୨ ଜାନୁୟାରୀ ୧୯୯୮
ରାଉରକେଲା

Digitized by srujanika@gmail.com

୭୩

ଜଗବନ୍ଧୁ କାହା ବନ୍ଧୁ

ଜଗବନ୍ଧୁ କାହା ବନ୍ଧୁ ତୁମେ ହୋଇଛ ?
କନ୍ଦାଇ କନ୍ଦାଇ ତୁମେ ଦିନ ନେଇଛ ।୦।

ନନ୍ଦ ଘରେ ରହି ଚାନ୍ଦ ପରି ବଢ଼ିଲ,
ବୁଢ଼ା ବୁଢ଼ୀଙ୍କୁ କନ୍ଦାଇ ଗୋପ ଛାଡ଼ିଲ
ଗୋପିନୀମାନଙ୍କର
କଲ ବସନ ଚୁର
କେତେ ଆଶା ଭରସା
ଦେଇ ତାଙ୍କ ମନର
ମଥୁରାକୁ ଆସି ସବୁ ଭୁଲି ଯାଇଛ ।୧।
ଦାନ ଦେଇଥିଲେ ବଳି ରାଜନ କେତେ,
କି ଦୋଷ ତୁମ୍ଭର କରିଥିଲେ ସେ ସତେ
ବାମନ ରୂପ ହେଲ
ଦାନ ମାଗି ଆସିଲ
ବଳିକୁ ଛଳନାରେ
ପାତାଳେ ଚାପି ଦେଲ
ଶଙ୍ଖେ ଶୁକ୍ର ଗୁରୁଙ୍କର ଆଖି ନେଇଛ ।୨।

ବଡ଼ ଦିଅଁ ବଡ଼ ଦିଅଁ ନାମ ବହିଛ
ଜଡ଼ ପରି ବଡ଼ ଦେଉଳରେ ରହିଛ
ଖାଇ ଖିରି ଖେଚୁଡ଼ି
ପହୁଡ଼େ ଯାଅ ଗଡ଼ି
ବଗଡ଼ା ଭାତ ପାଇଁ
ଝଗଡ଼ା କଲେ କେହି
ନିନ୍ଦା ଅପବାଦ ତା'ରେ ଖଂଚି ଦେଇଛ ।୩।

ତା ୧୧-୧୧-୧୯୯୬
ରାଉରକେଲା

*****

Digitized by srujanika@gmail.com

୨୪

ଗୁରୁବନ୍ଦନା

ଅଜ୍ଞାନ ଅନ୍ଧାର ଫେଡ଼ି
କର ଚକ୍ଷୁଦାନ
ଗୁରୁ ଶିବ,ବ୍ରହ୍ମଦେବ,
ଗୁରୁ ନାରାୟଣ ।୦।

ଭବସାଗରୁ ତାରଣ
କାରଣହେ ଗୁରୁ
ସିଦ୍ଧି,ବୁଦ୍ଧି ଜ୍ଞାନଦାତା
ଗୁରୁ କଳ୍ପତରୁ
ଅନନ୍ତ ବିଶ୍ୱ ବ୍ରହ୍ମାଣ୍ଡ
କରତା ମହାନ
ଗୁରୁ ଶିବ,ବ୍ରହ୍ମଦେବ,
ଗୁରୁ ନାରାୟଣ ।୧।

ଗୁରୁ ସାକ୍ଷାତ ଈଶ୍ୱର
ସେ ନୁହନ୍ତି ନର
ତ୍ରିଗୁଣ ରହିତ ଗୁରୁ
କୃପାର ସାଗର
ଗୁରୁ ଶ୍ରୀପଦ ପଙ୍କଜେ
ନିଅହେ ଶରଣ
ଗୁରୁ ଶିବ,ବ୍ରହ୍ମଦେବ,
ଗୁରୁ ନାରାୟଣ ।୨।

ତା ୨୫ ଅଗଷ୍ଟ ୧୯୮୪
ରାଉରକେଲା

*****

Digitized by srujanika@gmail.com

୨୫

ନୀଳଗିରିପତି ଜଗତନାଥ

କାହିଁ ଦୁଃଖ ଦେଉଛ ମୋତେ...
ନୀଳଗିରିପତି ଜଗତନାଥ,
ସହିଯିବି ବୋଲି ଭାବୁଥାଅ ଯେବେ,
ସେଥିରେ ମୋର ବା ଅଛି କି ହାତ ।୦।

ବାରବାର ଦେଉଛ ଦୁଃଖ,
ଦୁଃଖ ବେଳେ ଚିନ୍ତେ ଶ୍ରୀମୁଖ,
ବଢ଼ି ଯାଉଛି ମୋ ଦୁଃଖ ଯେତେବେଳେ
ଧଇର୍ଯ୍ୟ ହରାଇ ହୁଏ ବିମୁଖ ।୧।

ମାଗୁନି ମୁଁ ଇନ୍ଦ୍ର ଆସନ
ମାଗୁନି ମୁଁ କୁବେର ଧନ,
କହୁନି ନ ଦିଅ ବିପତ୍ତି ହେ ମୋତେ
ମାଗୁନି ସରଗ, କି ପାରିଜାତ ।୨।

ଦିଅ ଦୁଃଖ ନାହିଁ ଶୋଚନା,
ଦିଅ ଧୈର୍ଯ୍ୟ ହେ ନନ୍ଦକାହ୍ନା
ସଂସାର ସାଗରୁ ପାରି କରିବାକୁ
ଗୁହାରୀ କରୁଛି କମଳାକାନ୍ତ ।୩।

*****

ତା ୨୭ ଅଗଷ୍ଟ୧୯୭୪
ପୁରୁଷୋତ୍ତମପୁର

Digitized by srujanika@gmail.com

୨୬

ଭୁଲାମନ...

ଭୁଲାମନ...
ମିଛ ମାୟା ଏ ସଂସାର,
ମୋର ମୋର ବୋଲି ଯାହାକୁ ଭାବୁଛୁ,
କେହି ତ ନୁହେଁ କାହାର ।୦।

ଯେତେ ଦିନ ଥିବ ତୋର
ଦମ୍ଭ ଗୁଣ ଶକତ,
ସଂପଦ ବେଳରେ ତୋର
ହେବେ କେତେ ଭକତ,
ସରିଗଲେ ଧନ ଗୁଣ,
ସବୁ ହେବ ଅସାର,
ମିଛ ମାୟା ଏ ସଂସାର ।୧।

ଯା' ଲାଗିରେ ଭୁଲୁ ନିତି,
ଧରମ ଦେଖା ବାଟ,
ଗୋଡ଼ ଖସିଗଲେ ତୋର
ନହୋଇବ ସେ ଭେଟ,
ଅଣ୍ଟିରୁ ଖଇ ସରିଲେ
ହେବୁ ତୁ ନାରଖାର ।
ମିଛ ମାୟା ଏ ସଂସାର ।୨।

*****

ତା ୧୫ ନଭେମ୍ବର ୧୯୭୪
କେନ୍ଦ୍ରାପଡ଼ା

Digitized by srujanika@gmail.com

୨୧

ଅଜାଣତେଯେବେ

ଅଜାଣତେ ଯେବେ ଦୋଷ କଲି ପ୍ରଭୁ,
ଦଣ୍ଡ ବି ତୁମେ ଦେଉଛ,
ଭଲ ବୁଦ୍ଧି କେତେ ଦେଇଥିଲ ପ୍ରଭୁ,
ଏବେ ପୁଣି ହରି ନେଉଛ ।୦।

ଖଳ ଅଳସୁଆ ନିକଟେ ଯାଅନା
ବାରବାର କେତେ କହିଛ,
ସତ କହି ପଛେ ମରିଯାଅ ବୋଲି
କେତେ ବାଟେ ନ ଶିଖାଇଛ,
ଯେ ମନ ଦେଇଛ ସେ କିଛି ନ ବୁଝେ,
ସବୁ କଥା ଭୁଲି ଯାଏ ତ ।୧।

କାହିଁ ଦୋଷ ଦେବି ତୁମ୍ଭଙ୍କୁ ପ୍ରଭୁହେ
ସବୁ ତ ତୁମରି ଲୀଳା,
କି ଗୁଣ ଗାଇବି ତୁମର ବିଭୁ ହେ,
ସବୁ ତ ତୁମରି ଖେଳା,
ନିମିତ୍ତ ମାତର ତଥାପି ପ୍ରଭୁ ମୁଁ
ନିଜର ବଡ଼ିମା ଗାଏ ତ ।୨।

*****

ତା।୧୮ ନଭେମ୍ବର ୧୯୭୩
କେନ୍ଦ୍ରାପଡ଼ା

Digitized by srujanika@gmail.com

୨୮

ଭକତ ବଂଧୁ ଭାବଗ୍ରାହୀ

ହେ ...
ଭକତ ବଂଧୁ ଭାବଗ୍ରାହୀ,
ଭକତି ଫୁଲରେ ନୀରାଜନା କରେ
ଅନ୍ତର ଆରତି ନେଇ ।୦।

ଭୁଲାଇବା ପାଇଁ ଲଗାଇଛୁ ମାୟା,
କରି ତୁ କେତେ ଭିଆଣ,
ଅନ୍ତରେ ନ ଖୋଜି ବାତୁଳେ ବୁଲନ୍ତି
କରି ନାନା ରୂପ ଧ୍ୟାନ,
ଛନ୍ଦା ଚରଣ ହୃଦେ ହୁଅ ବନ୍ଧା
ମନ୍ଦରଧର ସାଇଁ ।୧।

ମନ୍ଦିରେ କାହିଁ ଖୋଜିବି ବା ମୁହିଁ
ଅଛୁ ସବୁଠାରେ ତୁହି,
ମାଳା ଜପି କାହିଁ ବାଉଳା ବା ହେବି
ତୋ ନାମ ସରିବ ନାହିଁ
ମୋହର ଅନ୍ତରେ ଅଛି ତୋ ମନ୍ଦିର,
ନିରତେ ପୂଜିବି ମୁହିଁ ।୨।

* * * * *

ତା ୨୫ ଡିସେମ୍ବର ୧୯୭୫
ଶାନ୍ତିନିକେତନ

Digitized by srujanika@gmail.com

୨୯

ଅଲିଭା ଆଳତି ଢାଳି

ଅଲିଭା ଆଳତି ଢାଳି
ତୁମକୁ ମୁଁ ଚାହିଁଅଛି
ମୋ ଡାକ କି ତୁମ କାନେ ବାଜେନା,
ଆକୁଳ ପରାଣ ବୁଝି
ବକୁଳ ମାଳାକୁ ମୋର
ନେଇ ଥରେ ତବ କଣ୍ଠେ ସାଜନା ।୦।

ମନ ଉପବନୁ ତୋଳି
ଗୁନ୍ଥିଛି ମୁଁ ଫୁଲମାଳ,
ହୃଦ ସିଂହାସନ ସାଜି
ଚାହିଁଛି ପଥ ତୁମର
ଆସି ଥରେ ସେ ଆସନେ ସାଜନା ।୧।

କସ୍ତୁରୀ ଦେଇଛି ମାଖି
ଚନ୍ଦନେ ମୁଁ ସଜାଇଛି,
ତୁମ ବାଟ ଚାହିଁଚାହିଁ
ଆଖି ପାଣି ଶୁଖାଇଛି,
ମୋ ସାଥି କି ତୁମ ମନ ଖୋଜେନା ।୨।

କର୍ପୁର ଯିବ ତ ଉଡ଼ି
କୁସୁମ ଯିବ ମଉଳି,
ଚନ୍ଦନ ଶୁଖିବ ସିନା
ଲିଭିବ ଆଶା ଦିପାଳୀ,
ନ ମେଣ୍ଟିବ ତୁମ ଆଶା ବାସନା ।୩।

ତା୨୮ ଅଗଷ୍ଟ ୧୯୬୬
ନଇଡ଼ିପୁର

*****

Digitized by srujanika@gmail.com

୩୦

ଜୀବନ ନଉକା

ଜୀବନ ନଉକା ଭବ ପାରାବାରେ
ଭାସୁଅଛି ପରା ଆହା,
ଜୀବନ ରଙ୍ଗ ଯବନିକା ବେଳେ
ସାହା ହୁଅ ଚଉବାହା ।୦।

ଜୀବନ ସାଗରେ ତୁମେ ଧ୍ରୁବତାରା
ମୁଁ ଯେ ଦିଗହଜା ତରୀ,
ଜୀବନ ତରୀରେ ତୁମେ ହେ ନାବିକ,
ତହିଁରେ ମୁହିଁ ପଝାରି,
ଜୀବନର ଝଂଜା ମଧ୍ୟରେ ତୁମେ ତ
ଅଟ ଏକମାତ୍ର ରାହା ।୧।

ଜୀବନ ଆକାଶେ ତୁମେ ହେ ଚନ୍ଦ୍ରମା
ସେଥିରେ ମୁହିଁ ଶଶକ,
ଜୀବନ ଅମ୍ବରେ ତୁମେ ବାରି ବିନ୍ଦୁ
ଅଟେ ମୁଁ ହୀନ ଚାତକ
ଜୀବନ ମଂଚରେ ତୁମରି ଆଦେଶେ
ମୋର ଅଭିନୟ ଯାହା ।୨।

*****

୨୫ ଅଗଷ୍ଟ ୧୯୬୬
ନଈଦିପୁର

Digitized by srujanika@gmail.com

୩୧

ଶାଶ୍ୱତ ଭଗବାନ

ମଙ୍ଗଳମୟ ସୁନ୍ଦରମୟ
ଶାଶ୍ୱତ ଭଗବାନ,
କଲ୍ୟାଣମୟ ଶୁଭାଶିଷ ଦାତା
ସୁନ୍ଦର ଅଭିରାମ ।୦।

ସୁନ୍ଦର ତବ,କମନୀୟ ତବ
ସୃଷ୍ଟି ଏ ମହୀୟାନ,
ଉଜ୍ଜ୍ୱଳମୟ ଚିରନ୍ତନ ତବ
ଅମିୟ କରୁଣା ଦାନ
ଖଂଚିଅଛ ପ୍ରଭୁ କୋଟିକମ କରି
ସାଗର ସରିତ ବନ ।୧।

ସାରା ଦୁନିଆର ଜୀବ ଜଗତର
ତୁମେ ତ ଅଟ ଜୀବନ
ଗାଇ ତବ ନାମ, ଧାୟି ତବ ପ୍ରେମ
କରି ତବ କର୍ମମାନ
ଶାଶ୍ୱତମୟ କରୁଣା ଆଳୟ
ତବପାଦେ ମାଗେ ଥାନ ।୩।

*****

ତା ୨୦ଅକ୍ଟୋବର୧୯୭୪
ପୁରୁଷୋତ୍ତମପୁର

Digitized by srujanika@gmail.com

୩୭

ଧରା ପଡ଼ିଛି ସେ

(ଲଳିତା ପ୍ରତି ବିଶାଖା)

ଆସ ଆସ ଆସ ଲଳିତା ...
ଧରା ପଡ଼ିଛି ସେ ଲବଣୀ ଚୋର ,
ନୀପ ଡାଳେ ଚଢ଼ି ଯମୁନା କୂଳରେ
କରେ ହରବର ସେ ବାରବାର ।୦।

ଦିନେ ସାଜି ବୁଢ଼ା ନାଉରୀ
ଘାଟେ କଲା ଅଝଟ ଭାରି,
ଏଣିକି ଡାକିଲେ ତେଣିକି ଚଳିଲା
ଭଙ୍ଗା ନାବେ କଲା ସେ ହରବର ।୧।

ଭୂତ ହୋଇ ଲାଗିଲା ସେହି
ରାଈ ମନ କଲା ସେ ବାଇ
ଗୁଣିଆ ହୋଇ ସେ ଛଡ଼ାଇଲା ପୁଣି
ଲଗାଇଲା ସିନା କେତେ ହୁନ୍ଦର ।୨।

ରାଧା ଗୋପୀ ଗୋବିନ୍ଦ ମିଳି
କୁଂଜ ବନେ କରିଲେ କେଳି
ରାଧା ପ୍ରେମରସ ସୁମରଣ କରି
ଚିନ୍ତ ରାଧାଶ୍ୟାମ ପଦ୍ମ ପୟର ।୩।

*****

ତା ୧୬.ଅଗଷ୍ଟ.୧୯୭୪
କେନ୍ଦ୍ରାପଡ଼ା

Digitized by srujanika@gmail.com

୩୩

କଣ୍ଢେଇ ଖେଳନା ପରି

କଣ୍ଢେଇ ଖେଳନା ପରି
ନଚାଅ ଜଗତ ସତେ
ତୁମରି ବିଚିତ୍ର ଲୀଳା
ଜାଣିବି ବା ମୁଁ କେମନ୍ତେ ।୦।

ତୁମରି ଆଜ୍ଞାରେ ଚଳେ
ରବି ଶଶୀ ଗ୍ରହ ତାରା
ତୁମ ଆଦେଶରେ ଖେଳେ
ଗଗନେ ବାରିଦ ମାଳା
ତୁମରି ଆଦେଶେ ସିନା
କାନନରେ ଫୁଲ ଫୁଟେ ।୧।

କୁଳୁକୁଳୁ ନାଦେ ହସେ
ତଟିନୀ ଝରଣା ଧାର
ସାଗର ତରଙ୍ଗ ଗାଏ
ହେ ପ୍ରଭୁ ଗୁଣ ତୁମର
ମଉନରେ ବନ ଗିରି
ଜପୁଛନ୍ତି ପ୍ରଭୁ ତୋତେ ।୨।

*****

ତା ୧୬ସେପ୍ଟେମ୍ବର୧୯୭୪
ପୁରୁଷୋତ୍ତମପୁର

Digitized by srujanika@gmail.com

୩୪

ରଥାରୂଢ଼ ଜଗନ୍ନାଥ

ରଥାରୂଢ଼ ଜଗନ୍ନାଥ
ମୋତେ କଥା ଦେଇଯାଅ,
ସଂସାରର ଦୁଃଖ ଯେତେ
ଆଜି ଠାରୁ ହରିନିଅ । ୦।

ପତିତପାବନ ବାନା
ମିଛ ହୋଇଯିବ ସିନା
ପତିତେ ନ ଉଦ୍ଧାରିଲେ
ସେ ବାନାକୁ କାଢ଼ି ନିଅ ।୧।

ଦୀନ ଜନେ କର ପାରି
ଦୀନବଂଧୁ ନାମ ଧରି
ଦୀନ ଜନେ ନ ତାରିଲେ
ଆଉ କେ ତାରିବ କୁହ ।୨।

ଭବସିନ୍ଧୁ ଘାଟେ ହରି
ତୁମେ ତ ଏକା ନାଉରୀ
ଘାଟେ ବାଟ ନ ଛାଡ଼ିଲେ
ବାଟ ଆଉ କାହିଁ କୁହ ? ।୩।

*****

୧୮ ଜୁଲାଇ ୧୯୯୫
ସମ୍ବଲପୁର

Digitized by srujanika@gmail.com

୩୫

ନାଥ ଥାଉ ଥାଉ ହେଲି ଅନାଥ

ଜଗନ୍ନାଥ ଜଗତନାଥ
ନାଥ ଥାଉ ଥାଉ ହେଲି ଅନାଥ ।୦।

ରାଜା ଇନ୍ଦ୍ରଦ୍ୟୁମନ ନାଥ,
ପ୍ରଜା ଜରା ଶବରନାଥ,
ବିଦୁରର ନାଥ,ସୁଦାମାର ନାଥ
ବିଦ୍ୟାପତିନାଥ ଭୁଷଣ୍ଡ ନାଥ ।୧।

ବଦ୍ରିକାରେ ସେ ବଦ୍ରିନାଥ
ଦ୍ୱାରକାରେ ଦ୍ୱାରକାନାଥ
ଜଗନ୍ନାଥ ମୋର ଜଗତର ନାଥ
ତପି ନାଥ ଥାଉ ପାପୀର ନାଥ ।୨।

ଜଗନ୍ନାଥ ସବୁରି ନାଥ
ଥାଉ ଥାଜି ହେଲି ଅନାଥ
ନାଥ ନାଥ ବୋଲି ଚାରିଆଡ଼େ ଡାକେ
ବଢ଼ିଚାଲେ ଦିନୁ ଦୀନ ଆରତ ।୩।

ଭବଘାଟେ ହୋଇ ଅନାଥ
ଚିନ୍ତା କରେ ଜଗତନାଥ
ଦୁସ୍ତର ବାରିଧି ପାରିହେବା ପାଇଁ
ସାହା ଏକା ନୀଳାଚଳର ନାଥ ।୪।

*****

୫ ଜାନୁୟାରୀ ୧୯୭୬
ଶାନ୍ତିନିକେତନ

Digitized by srujanika@gmail.com

୩୬

ଡାକୁ ଡାକୁ ବୁଡ଼ିଗଲା

ଚକାଡୋଳା ଚକାଡୋଳା ହେ
ଡାକୁଡାକୁ ବୁଡ଼ିଗଲା ଭେଳା ହେ ।୦।

ବଡ଼ଦାଣ୍ଡେ ହୋଇ ଆତୁର
ଡାକେ ରଖ ବଡ଼ଠାକୁର,
ବଡ଼ ବଡ଼ ନାମ ଧରି ମହାପ୍ରଭୁ
ବଡ଼ ପାମରକୁ କଲ ହେଳା ହେ ।୧।

ବଡ଼ ତୁମ୍ଭ ବଡ଼ଦେଉଳ,
ବଡ଼ ତୁମ୍ଭ ଧଣ୍ଡାର ମାଳ,
ନୀଳ ଆକାଶରେ ନାଳଚକ୍ର ବାନା
ଡାକେ ପାପୀ ଆସ,ପାପ ପଳା ହେ ।୨।

ମୁଁ ନୁହେଁ କି ପାପୀରେ ଗଣା
ମୋ ଦୁଃଖ କି ଲାଗୁଛି ଊଣା
ବାଇଶ ପାହାଚ ତଳେ ହୋଇ ଠିଆ
ଡାକିଡାକି - ଫଟାଇଲି ଗଳା ହେ ।୩।

ଶ୍ରୀଚରଣେ କରେ ଗୁହାରି
ରକ୍ଷାକର ହେ ଚକ୍ରଧାରୀ
ତୁମ୍ଭେ ନ ରଖିଲେ ନୀଳଗିରିନାଥ
କାଟିଦେବ ଶମନ ମୋ ଗଳା ହେ ।୪ ।

*****

୨୨ନଭେମ୍ବର ୧୯୭୪
କେନ୍ଦ୍ରାପଡ଼ା

Digitized by srujanika@gmail.com

୩୭

ଜଗତ ଦୁଃଖ ଦେଖି କି ମଉନ ହୋଇ

ଜଗବନ୍ଧୁ ଦୀନବନ୍ଧୁ ଜଗତ ସାଇଁ,
ଜଗତ ଦୁଃଖ ଦେଖି କି
ମଉନ ହୋଇ ।୦ ।

ଯବନ ସେ ସାଲବେଗ ଡାକିଦେଲେ ପଦ୍ମନାଭ,
ପତିତେ ପାବନ କଲ କମଳାସାଇଁ,
ମତ୍ତ ବଳରାମ ଦାସେ, ବାନ୍ଧିଲେ ଭକତି ପାଶେ
ଶରଧା ବାଲିରେ ରଥ ଥିଲ ରଖାଇ ।୧।

ତୁମ ନାମ କରି ଆଶ କବି [illegible]କୃଷ୍ଣ ଦାସ
ମହାବ୍ୟାଧିରୁ ମୁକତି ଲଭିଲେ ସେହି,
ଭକ୍ତ ରଘୁ ଅରକ୍ଷିତ ତୁମ ନାମ କରି ବିତ୍ତ
ବିଷ କରିଲେ ଅମୃତ ଭଜନ ଗାଇ ।୨।

ଜଗତ ଯାଉଛି ଭାସି ବଢ଼ିଚାଲେ ଦୁଃଖରାଶି
ଚକାଡୋଳା ଥକ୍କା ହୋଇ ରହିଛ କାହିଁ ?
ତୁମ୍ଭ କୃପା ନାବ ଧରି ଦୁଃଖ ସିନ୍ଧୁହେବି ପାରି
ନୀଳଚକ୍ରେ ତୁମ୍ଭ ନେତେ ଥିବି ଅନାଇ ।୩।

*****

ତା ୯.ଅକ୍ଟୋବର୧୯୭୪
ପୁରୁଷୋତ୍ତମପୁର

Digitized by srujanika@gmail.com

୩୮

ପ୍ରଭୁ କଲ୍କୀ ବେଶ ଧରି

ଶ୍ରୀନୀଳ କନ୍ଦର ବାସୀ ତୁମେ ଦାରୁବ୍ରହ୍ମ ହରି
ପତିତପାବନ ପ୍ରଭୁ ଆହେ ନୀଳାଦ୍ରିବିହାରୀ ।୦।

ବସିଛ ନୀଳ ଶଇଳେ, ନୀଳ ମହୋଦଧି କୂଳେ,
ନୀଳ ଆକାଶରେ ପଭୁ,
ନୀଳଚକ୍ର ଉଚ୍ଚେ ଧରି ।୧।

ରଘୁପତି ରାମଚନ୍ଦ୍ର, ତୁମେ ଅଯୋଧ୍ୟା ନରେନ୍ଦ୍ର
ଶ୍ରୀପୁରୁଷୋତ୍ତମ ପଭୁ,
ଲଙ୍କାରେ ରାବଣ ମାରି ।୨।

ଗୋପେ ଗୋପ ଲୀଳା କରି, ବନେ ଚରାଇ ବାଛୁରୀ,
ଯଶୋଦା ଜୀବନ ଧନ,
ତୁମେ ଗୋବର୍ଦ୍ଧନ ଧାରୀ ।୩।

ବଉଧ ରୂପ ହୋଇଲ, ପଶୁବଧ ନିନ୍ଦା କଲ,
ଅନାଥେ ଶରଣ ଦେଇ,
ଜଗତେ ଥିଲ ଉଦ୍ଧାରି ।୪ ।

ନୀଳାଚଳେ ଦାରୁ ମୂର୍ତ୍ତି ହେ ପ୍ରଭୁ କମଳାପତି,
ନାଶ ବିଶ୍ୱର ଦୁର୍ଗତି,
ପ୍ରଭୁ କଲ୍କୀ ବେଶ ଧରି । ୫ ।

ତା ୧୨ ଅଗଷ୍ଟ ୧୯୭୨
କେନ୍ଦ୍ରାପଡ଼ା

*****

Digitized by srujanika@gmail.com

୩୯

ଚକାଡୋଳା ମୋତେ

ଚକାଡୋଳା ମୋତେ ଥକା କରିଦେଲ ହେ,
ଡକାଇ ଡକାଇ କଣ୍ଠ ଫଟାଇଲ ହେ ।୦।

ମନେ ଶଂକା ବହୁଥିଲି ତୁମେ ହଟିଆ
ଭକତ ପାଖରେ ତୁମେ ନଟକୁଟିଆ,
ବଡ଼ ଦେଉଳେ ବସିଛ ବଡ଼ ଠାକୁର
ଷାଠିଏ ପଉଟି ଭୋଗ ନୀତି ତୁମର
ଖୁଦ ମୁଠା ପାଏ ନାହିଁ ,
ପେଟ ଡୋରାଣି ବା କାହିଁ
ଖିରି ଖେଚୁଡ଼ି ଖାଇଣ
ପହୁଡ଼ ଯାଅ ଗୋସାଇଁ
ଦୟାନିଧି ନାମ କିଁପା ମିଛେ ନେଲ ହେ ।୧।

କିବା ଦୋଷ କରିଥିଲି ବଗଡ଼ା ଖିଆ,
ମୋ ଜୀବନ ପାଇଁ ଖାଲି ଝଗଡ଼ା ଥୁଆ,
ତୁମ ଦୟା ମାପିବାକୁ କଳନା ନାହିଁ
ମୋ ଜୀବନେ ଦିଅ ଖାଲି କଳି ଭିଆଇ,
କରିଥିଲି କେତେ ଆଶା,
କରିଲ ମୋତେ ନିରାଶା
ଜୀବନେ ବୁହାଇ ଝଡ଼
ଦୁନିଆଁରେ ଲୋକହସା,
ମଜା ଦେଖିବାକୁ ଏହି ପରି କଲ ହେ ।୨।

ତା ୧୮ ନଭେମ୍ବର ୧୯୬୮
ଗଜିପିଠି

*****

Digitized by srujanika@gmail.com

୪୦

କାଳିଆ ଠାକୁର ତୋର

କାଳିଆ ଠାକୁର ତୋର ବାଟ ଚାହିଁଅଛି
ନନ୍ଦିଘୋଷେ ଦେଖିବାକୁ ଚକାଇ ରହିଛି ।୦।

ରଥରେ ଦେଖିବି ତୋର
ବାମନ ମୂରତି,
ସଂସାର ପାପ ତାପରୁ
ଲଭିବି ମୁକତି,
ଜନମ ଜନମ ପାପ
ଧୋଇ ଦେବୁ ମୋର,
ପତିତପାବନ ନାମ
ହେବ ତୋର ସାର,
ତୋର ଦରଶନ ପାଇଁ ସବୁ ମୁଁ ଭୁଲିଛି ।୧।

ଝୁଲି ଝୁଲି ଆସୁଥିବ
ମୋ ଗୁଣ୍ଡୁଣି ହାତୀ,
ଦାଣ୍ଡକୁ ପହଣ୍ଡି ହୋଇ
ହେ ବରଜ ପତି
ଶିରରେ ମୟୂର ଶିଖା
ନଟବର ବେଶ
ଗୋପଦାଣ୍ଡେ ଢଳି ଢଳି
ଯଶୋମତୀ ଶିଷ୍ୟ ,
ତୋ ଲୀଳା ଦେଖି ମୋ ଲୀଳା ପକାଇବୁ ପୋଛି ।୨।

୨୧ ଜାନୁୟାରୀ ୧୯୭୧
କେନ୍ଦ୍ରାପଡ଼ା

*****

Digitized by srujanika@gmail.com

୪୧

ହରି ହରିବୋଲ ଭାଇରେ

ହରି ହରି ବୋଲ ହରି ହରି ବୋଲ
ହରି ହରି ବୋଲ ଭାଇରେ
ଫିଟିବ କବାଟ ଦେଖାଯିବ ବାଟ
ନଟବର ଥିବେ ଚାହିଁରେ ।୦।

ସକଳ ଘଟରେ ବିରାଜି ଅଛନ୍ତି
ଦେଖ ଜ୍ଞାନ ଚକ୍ଷୁ ଫେଇରେ
ପାଇବାକୁ ଭେଟ ସେ ଅତି ନିକଟ
ବାଟବଣା ହୁଅ ନାହିଁରେ
ସକଳେ ଦେଖ ତୁ ନାରାୟଣ ରୂପ
ହରିପ୍ରେମ ସଦା ଗାଇରେ ।୧।

ତେଜ ଭବବନ୍ଧ,ତୁଚ୍ଛା ବାଲିବନ୍ଧ
ଟଳମଳ ହେଉଥାଇରେ
ନଳିନୀ ପତ୍ରରେ ପ୍ରାଣନୀର ତୋର
ପବନେ ଭରସା ନାହିଁରେ
ଗୁରୁ ଦେଖାଇଲେ ତାଙ୍କ ଦୟା ଥିଲେ
କୋଳକରି ନେବେ ସେହିରେ ।୨।

*****

ତା ୨୮ ଡିସେମ୍ବର ୧୯୭୫
ଶାନ୍ତିନିକେତନ

Digitized by srujanika@gmail.com

୪୨

ଭଜ ଶ୍ରୀହରିଙ୍କି,ବ୍ରଜବିହାରୀଙ୍କି

ଭଜ ଶ୍ରୀହରିଙ୍କି,ବ୍ରଜବିହାରୀଙ୍କି
ରାଜୀବଲୋଚନ ମନ୍ଦରଧାରୀକି ।୦।

(ସେ) ତାରିଲେ କରୀକି,ମାରିତା ଅରିକି
ବସି ପଶାଖେଳେ ଚକ୍ରେ ସଂହାରିକି
ପୁତନା ମାରିକି,କୁବୁଜା ତାରିକି
ରାସେ ରସାଇଲେ ସେ ଗୋପ ନାରୀକି ।୧।

ନାବେ ନାଉରୀକି, ଫଳେ ଶବରୀକି
ବସନେ ତୋଷିଲେ ପାଣ୍ଡବ ନାରୀକି
ମୃଗୟୁ ମାରିକି,ମୃଗୁଣୀ ତାରିକି
ଚିନ୍ତ ଥରେ ମନ ରାସବିହାରୀକି ।୨।

ଭଜଶ୍ରୀ ହରିଙ୍କି,ଜପଶ୍ରୀ ହରିଙ୍କି
ଯମୁନା ପୁଳିନେ କୁଞ୍ଜବିହାରୀଙ୍କି
ଭଜ କଂସାରିଙ୍କି,ସଂସାର ଶିରୀକି
ନାଶଯିବ ତୋର ଶମନ ଡୋରି କି ।୩।

*****

ତା ୨୫ ମାର୍ଚ୍ଚ ୧୯୬୬
ଗଡପିଠ

Digitized by srujanika@gmail.com

୫୩

ପ୍ରେମ ତୁ ଶିଖାଇଥିଲୁ

ପ୍ରେମ ତୁ ଶିଖାଇଥିଲୁ
 ମୋତେ ଶେଷେ କଲୁ ଯୋଗୀ
ତୋ ପ୍ରେମର ଗାୟକ ମୁଁ
 ଆଜିହେଲି ବଇରାଗୀ ।ପଦ।

ଗୋକୁଳରେ ଖୋଜୁଥିଲି
 ବୁଲିବୁଲି ବୃନ୍ଦାବନ
ଯମୁନା ପୁଳିନେ ଖୋଜେ
 ଶୁଣିବାକୁ ବଂଶୀସ୍ୱନ
ନଇମିଷା ଅରଣ୍ୟର
 ନିଶା ମୋର ଦେଲୁ ଭାଙ୍ଗି ।୧।

ଜୀବ ପରମର ଭେଟ
 ଭାବକୁ ନିକଟ ହରି
ଅଭାବରେ ଅଭେଟ ତୋ
 ବାଟ ଯାଏ ଅପସରି
ରାଧାକୁଞ୍ଜେ ଭେଟିବାର
 ବାଟ ମୋ ଯାଇଛି ଭାଙ୍ଗି ।୨।

*****

ତା ୨୯-ଜୁନ-୨୦୦୩
ରାଉରକେଲା -୨

Digitized by srujanika@gmail.com

୪୪

ନିଜେ ହୋଇ ଧୂପବତୀ

ଜାଳେନା ମୁଁ ଦୀପ,ଜାଳେନା ମୁଁ ଧୂପ,
ଜାଳେନା ମୁଁ ସଂଜବତୀ
ନିଜେ ଜଳି ଜଳି ଡାକିବି ତୁମକୁ
ନିଜେ ହୋଇ ଧୂପବତୀ ।୦।

ତୁମ ନାମେ ଯେତେ ପୂଜା ଉପଚାର
ତୁମ ନାମେ ଯେତେ ଆନନ୍ଦ ଜୁଆର
ତୁମ ନାମ ବିକି ଯେତେ କାରବାର
ନୀତି ନାମେ ଯେ ଅନୀତି ।
(ତେଣୁ) ଜାଳେନା ମୁଁ ଦୀପ
ଜାଳେନା ଧୂପ...(୧)

ମଙ୍ଗଳମୟ ତୁମ ଅରାଧନା
ଯାହା ଅରପିବି ତୁମ ସରଜନା
ଅନ୍ତର ଖୋଲି ଡାକିବି ତୁମକୁ
ନିଜକୁ କରି ଆରତି ।
(ତେଣୁ) ଜାଳେନା ମୁଁ ଦୀପ
ଜାଳେନା ଧୂପ..(୨)

*****

ତା୨୦ ମେ ୧୯୬୯
ଗଜିପିଠି

Digitized by srujanika@gmail.com

୪୫

ଅଢ଼େଇ ଦିନକୁ ଆସି

ଅଢ଼େଇ ଦିନକୁ ଆସି
ଯୁଗ ଆଶା ବହୁରେ
ଜୀବନ ପାଣି ଫୋଟକା
କେତେ ଦମ୍ଭ କହୁରେ ।୦।

ବାଲିବନ୍ଧ ଜୀବନ ତୋ
ନବ-ଦ୍ୱାର-ଘାଇ
କାମନା ଲହଡ଼ି ମାରେ
ପବନ ପିଟଇ
ମନ ଗୁମରକୁ ରସି ପାଇନାହିଁ ଆଉରେ ।୧।

ବାଟ ତ କେତେ ସଳଖ
ଧରୁ ବଙ୍କା ବାଟ
ଦେଖାଏ ଆଲୁଅ ଯିଏ
ନ ହେଉ ତା ଚାଟ
ଉପରେ କେତେ ସଜାଉ ଭିତରେ ନ ଚାହୁଁରେ ।୨।

ମାଟି ଘଟ ପଞ୍ଜୁରୀକୁ
କରୁ ଅବହେଳା
ସେ ଘଟରେ ବିରାଜିତ
ପ୍ରଭୁ ଚକାଡୋଳା
ଭିତରେ କର ଦର୍ଶନତାପ ଧୋଇଯାଉରେ ।୩।

*****

ତା ୨୩-ନଭେମ୍ବର୯୮
ରାଉରକେଲା

Digitized by srujanika@gmail.com

୪୭

ସଙ୍କଟରୁ ତାରୁ ନାମ

ନାନା ପୀଠେ ନାନା ରୂପେ
କରୁ ମା'ଲୋ ଲୀଳା
ସଙ୍କଟରୁ ତାରୁ ନାମ   ତାରିଣୀ ତୋ ହେଲା ।୦।
ଝଙ୍କଡ଼େ ଶାରଳା ମା'ଗୋ
ପୁରୀରେ ବିମଳା
କାକଟପୁରରେ ମା'ଲୋ
ଅଟୁ ତୁ ମଙ୍ଗଳା
କଟକେ କଟକ ଚଣ୍ଡୀ
ଚର୍ଚ୍ଚିକା ବାଙ୍କିରେ
ସମଲେଇ ନାମ ବହୁ
ତୁ ସମ୍ବଲପୁରେ
ତାଳଚେରରେ ପ୍ରକାଶ   ତୋ ନାମ ହିଙ୍ଗୁଳା ।୧।
ସର୍ବଘଟରେ ତୁ ମା'ଲୋ
ବିରାଜିତ ପୁଣି
ତେଣୁ ତୋର ନାମ ମା'ଲୋ
ଘଟଗାଁ ତାରିଣୀ
ଯାଜପୁରରେ ବିରଜା,
ଭଦ୍ରକରେ କାଳୀ
ଥାନ ରୂପେ ନାମ ବହୁ
ମା'ଲୋ ଭଦ୍ରକାଳୀ
ଜଗତ ତାରିଣୀ ମାଗୋ କରୁ କେତେ ଖେଳା ।୨।

ତା ୪-ଅଗଷ୍ଟ-୦୪
ରାଉରକେଲା

*****

Digitized by srujanika@gmail.com

୫୭

ମା ମୋର ଯେବେ

ମା ମୋର ଯେବେ କରୁଣା କରେ
ଜନମ ଜନମ ପାତକ ହରେ ।(ପଦ)

ଦୟାମୟୀ କଲେ କରୁଣା,
ଦୁଃଖ ମୋର ହୋଇବ ଊଣା,
ତା ନାବରେ ବସି ଦୁଃଖ ସାଗରକୁ
ପାରିହୋଇଯିବି ଭାବେ ମନରେ ।(ଏକ)

ସମଲେଇ ଶାକ୍ତଳୀ-ବାସୀ,
ଶମନ ଦଣ୍ଡକୁ ପାରେ ସେ ନାଶି,
ସର୍ବ ଦୁଃଖହାରୀ ମଙ୍ଗଳ କାରିଣୀ,
ସାହା ହୁଅ ପଦେ ଜୁହାର କରେ ।(୨)

ସଂସାର ମା ଯାଉଛି ଭାସି,
ବଢ଼ି ଚାଲେ କଷଣ ରାଶି,
ତୋ ସିନ୍ଦୁର ଗାମ ମା ରକ୍ଷା କବଚ,
ତୋ ନାମକୁ ମାଆ ଭଜନ କରେ ।(୩)

*****

ତା୧୧ ସେପ୍ଟେମ୍ବର ୧୯୯୪
ସମ୍ବଲପୁର

Digitized by srujanika@gmail.com

୪୮

ସଙ୍କଟ ତାରିଣୀ ମା. . .

ହେ ମା... ହେ ମା...
ସଙ୍କଟ ତାରିଣୀ ମା. . .
ଆଶିଷ ଦାୟିନୀ,ମଙ୍ଗଳ କାରିଣୀ
ବିପଦରେ ତୁ ମା .ସାହା . . (ପଦ)
ସୁରେଶ୍ୱରୀ,ଭଗବତୀ,
ଦେବୀ ମାହେଶ୍ୱରୀ,
ଶାରଳା,ବିମଳା ମାଲୋ,
ତୁ ସମଲେଶ୍ୱରୀ,
ଚର୍ଚ୍ଚିକା,ମାଣିକେଶ୍ୱରୀ,
ତୁ ସର୍ବମଙ୍ଗଳା,
ତାରିଣୀ,ଦିଗବାରିଣୀ,
ଜୟ ମା ହିଙ୍ଗୁଳା ।
ଦୟାକର ଦୟାମୟୀ ଦୁଃଖ ବିନାଶିନୀ ।(ଏକ)
ଅଭୟ ଦାୟିନୀ . . .
ଭବଭୟ ହାରିଣୀ ମା
ମହିଷା ମର୍ଦ୍ଦିନୀ,
ଭବସିନ୍ଧୁ ଘାଟେ ମାଗୋ
ଉଦ୍ଧାର କାରିଣି !,
ଜଗତ ଯାଏଗୋ ଭାସି
ତାଳ କୃପାବାରି,
ଜାଗିଉଠ ମହାମାୟା
ଜାଗ ଶାକାମ୍ବରୀ,
ମୁକତି ଦାୟିନୀ,ଶକତି ଦାୟିନୀ
ଜଗତ ତାରିଣୀ ମା . . .(ଦୁଇ)
ଅଭୟ ଦାୟିନୀ ମା . . .

*****

Digitized by srujanika@gmail.com

୪୯

ମହିମା କେ ପାରେ ଗାଇ

ମହାମାୟୀ ଗୋ . . .
ତୋର ମହିମା କେ ପାରେ ଗାଇ ଗୋ ।୦।

ତୁହି ମା କମଳା,ତୁହି ମା ବିମଳା,
ଭଗବତୀ ଚର୍ଚ୍ଚିକାଇ ଗୋ
ତୁହି ମା ଶାରଳା,ତୁ ମହାମଙ୍ଗଳା
ଯାଜପୁରେ ବିରଜାଇ ଗୋ
ସଂକଟ ତାରିଣୀ,ତୁ ଦିଗବାରିଣୀ
ମହାମାୟା ହିଙ୍ଗୁଳାଇ ଗୋ ।୧।

ଶାଳ୍ମଳୀ ବାସିନୀ ମା ସମଲେଶ୍ୱରୀ
ଭଦ୍ରକାଳୀ,କାଳିଜାଇ ଗୋ
ତୁ କଟକ ଚଣ୍ଡୀ, ମାଗୋ ରାମଚଣ୍ଡୀ
ହରଚଣ୍ଡୀ, ବରୁଣାଇ ଗୋ
ତୁ ମାଣିକେଶ୍ୱରୀ,ତୁ ପାଟଣେଶ୍ୱରୀ
ଘଟଗାଁ ତାରିଣୀ ତୁହିଗୋ ।୨।

*****

ତା୧୩-୧୧-୨୦୦୪
ରାଉରକେଲା

Digitized by srujanika@gmail.com

୫୦

ଜୟ ମାତ ସୁରେଶ୍ୱରୀ

ଜୟ ମାତ ସୁରେଶ୍ୱରୀ, ଭବାନୀ ଶିବାନୀ,
ଜୟମାତ ଶାକାମ୍ୱରୀ ସଙ୍କଟ ତାରିଣୀ ।(ପଦ)

ସଂକଟ ତାରିଣୀ ମା'ତ
ବିପଦ ହାରିଣୀ ମା'ତ
ଦୁର୍ଦ୍ଦିନେ ହୁଅ ତୁ ସାହା
ଦୁର୍ଗତି ନାଶିନୀ ।(୧)

ଜଗତ ଯାଉଛି ଭାସି
ବଢ଼ି ଚାଲେ ଦୁଃଖ ରାଶି
ଜଗତ ଉଦ୍ଧାର ମାତ
ବିପଦ ଭଞ୍ଜନୀ ।(୨)

ଭବ ଭୟ ହେବ ଦୂର
ଭରସା ତୁହି ମାତର
ରକ୍ଷାକର ଜଗଦମ୍ୱା
ଜଗତ ପାଳିନୀ । (୩)

*****

ତା୨୩ ସେପ୍ଟେମ୍ବର୧୯୯୪
ସମ୍ବଲପୁର

Digitized by srujanika@gmail.com

୫୦

ମା ସମଲେଶ୍ୱରୀ

ଜୟ ମା ସମଲେଶ୍ୱରୀ
ଶାଲ୍ମଳୀ ବାସିନୀ
ଅଭୟ ଦାୟିନୀ ମାଗୋ
ସଙ୍କଟ ହାରିଣୀ ।(ପଦ)
ସିନ୍ଦୁର ବରନୀ ମାତା,
ଶାଲ୍ମଳୀ ପୀଠେ ଶୋଭିତା,
ଅରକ୍ଷ ରକ୍ଷଣେ ସ୍ଥିତା,
ପତିତ ତାରଣେ ଚିନ୍ତା,
ଦୟାକର ଦୟାମୟୀ,ମା ଭବ ତା[illegible]ୀ (୧)

କେତେ ରୂପେ କେତେ ଲୀଳା,
ଲଗାଇ ମା କରୁ ଖେଳା,
ଭକତ ପାଇଁ ମା ସଦା
ଖୋଲା କରୁଣା ପସରା,
ଭବାନୀ ଶିବାନୀ ମାଗୋ, ଜଗତ ପାଳିନୀ ।(୨)

ସଂସାର ଯାଉଛି ଭାସି,
ବଳି ପଡ଼େ ଦୁଃଖ ରାଶି
ମୋ ମାଆ ସଂସାରେ ଥାଉ
ଦୁଃଖ ରାହୁ ଦେବ ଗ୍ରାସି ?
ରଖ ମା ଘଣ୍ଟଘୋଡ଼ାଇ ଜଗତ ଜନନୀ ।(୩)

ତା୨୫ ସେପ୍ଟେମ୍ବର୧୯୯୪
ସମ୍ବଲପୁର

*****

Digitized by srujanika@gmail.com

୫୨

ଦୁନିଆଁରେ କରୁକେତେ

ମା ଲୋ ...
ଦୁନିଆଁରେ କରୁ କେତେ ଲୀଳା
ତୋର ଇଚ୍ଛା ଯେବେ ହୁଏ,
କୃପା-ନାବ ଲାଗିଯାଏ,
ଉଦ୍ଧାରୁ ମା ସଂସାରର ଭେଳା ।୦।

ଦୟାମୟୀ କଲେ ଦୟା,
ତୁଟିବ ଏ ଭବ ମାୟା,
ଦୁଃଖ ରାହୁ ମୁଖ ଛାୟା,
ଲୁଚିଯିବ କଲେ ଦୟା,
ଆରତ ଭଂଜନୀ ମାଆ
ଏ ସବୁ ତ ତୋର ମାୟା,
ଏ ସବୁ ତ ତୋର ଲୀଳା ଖେଳା ।୧।
ଯେବେ ହୁଏ ତୋର ଦୟା
ଅଭୟ ତୋ ସଦା ଥୁଆ
ଭବେ ଏକମାତ୍ର ସାହା
ଲବେ ପାଇଲେ ସୁଦୟା
କଳା ବାଦଲ ଲୁଚଇ
ସୁରୁଯ ଦେଖାଏ ରାହା
ମୋ ମାଆର ଏଇମିତି ଲୀଳା ।୨।

ତା ୧୨ ସେପ୍ଟେମ୍ବର ୧୯୯୪
ସମ୍ବଲପୁର

*****

Digitized by srujanika@gmail.com

୫୩

କି ଦୋଷ କରିଥିଲି ତୋହରି

ମା'...

କି ଦୋଷ କରିଥିଲି ତୋହରି
ନାବରୁ ହଟାଇଦେଲ ନାଉରୀ

ଦେବାପାଇଁ ଏତେ ନିନ୍ଦା	କରାଇ ଦେଲୁ ମା ଧନ୍ଦା
ପଡ଼ିଛି ଆଜି ମୁଁ ବନ୍ଧା	ଦିଶୁନାହିଁ ଆନ ଫନ୍ଦା
ଅନ୍ଧାରରେ ଖେଳେ ଚକା ଭଉଁରି ।।୧ ।

ଦେଖାଇ ଆଲୁଅ ଛଟା	କଲୁ [illegible]ହା ହଟହଟା
ଛାଣିଲି ମୋ କର୍ମ ଫଟା	ମହୁପ[illegible]ଲା ଖଟା
କଲା ରାହୁଗ୍ରାସ ଭାଗ୍ୟ ମୋହରି ।୨ ।

କଲିକିବା ଅପରାଧ	ଜୀବନେ ଆଣିଲୁ ବାଦ
ଭାଗ୍ୟ ମୋର ଏଡ଼େ ମନ୍ଦ	ସଂପଦ ହେଲା ବିପଦ
କଲୁ ଆପଦକୁ ସାଥୀ ମୋହରି ।୩ ।

ତୋର ଇଚ୍ଛା ଯାହା କର	ତାରିଲେ ଅବା ତୁ ତାର
ମାରିଲେ ଅବା ତୁ ମାର	ନ କରାଅ ହରବର
କରିବି କେତେବା ଆଉ ଗୁହାରି । ୪ ।

*****

ତା ୨୩ ଜାନୁଆରୀ ୧୯୮୨
ଜୁଜଙ୍ଗ

Digitized by srujanika@gmail.com

୫୪

ଏତିକି ଜୀବନେ ମାଗୁଣି

ପ୍ରଭୁ ହେ, ଜୀବନେ ଏତିକି ଦୟିନୀ
ଅପଲକ ନେତ୍ରେ ପଲକ ନ ପଡୁ
ଆସିଲେ ଅନ୍ତିମ ରଜନୀ ।ପଦ।
ସୁନୀଳ ଆକାଶେ ତାରାର ରୋଷଣୀ
ହସି ହସି ଭରି ଗଲେଣି
ନୀଳ ସାଗରର ଛାତିକୁ ଉଲୁସାଇ
ପୂର୍ଣ୍ଣଚନ୍ଦ୍ର ଦେଖା ଦେଲେଣି
ଜୀବନ ସାଗର ପାରି ହେବା ପାଇଁ
ପ୍ରଭୁ ତୁମ ନାମ ତରଣୀ, (୧)

କେଭେ ଆସିଯିବ ଆକାଶେ ବତାସ
ଫୁଲିବ ସାଗର ଗରଭ
ଉତାଳ ଢେଉରେ ନାବ ଦୋହଲିବ
ଚୁନାହେବ ସବୁ ଗରବ,
ସେ ବେଳରେ ତମେ ସାହାହେବ ପ୍ରଭୁ
ଏତିକି ଜୀବନେ ମାଗୁଣି (୨)

ଜୀବନ ସାଗର ପାରି କର ପ୍ରଭୁ
ତୁମ ବୋଇତରେ ବସିଛୁ
ତୁମ ଭରସାରେ ପାରି ହେବା ପାଇଁ
ସଂସାରେ ସକଳେ ଆସିଛୁ
ଆହେ ଚକାଡୋଳା ସବୁ ତମଲୀଳା
ଏତିକି ଜୀବନେ ମାଗୁଣି ? (୩)

ତା୨୧ଏପ୍ରିଲ୨୦୧୪
ରସୁଲଗଡ଼

*****

Digitized by srujanika@gmail.com

୫୫

ରାଇ ବି ରହିଛି ଚାହିଁ

ଏବେ ବି ରହିଛି ଚାହିଁ
କାହ୍ନାକୁ ଗୋପରେ ରାଇ
ନିଝୁମ ରାତିରେ କାନେ
ମୂରଲୀ ସ୍ୱନ ବାଜଇ ।୦।

ବାତୁଳେ ଗୁନ୍ଥଇ ମାଳ
ବୁକୁରେ ଯାତନା ପାଇ
ଉଲ୍ଲସେ ଦେଖି ତମାଳ
ମଉଳେ ମାଳତୀ ଯୂଇ
ଏବେ ବି ରାଈ ମନରେ
ହତାଶ ବତାସ ନାହିଁ ।୧।

ଗଭୀର ରାତିରେ ଯେବେ
ଭାଙ୍ଗିଯାଏ କେବେ ନିଦ
ତେବେ ତ କାନରେ ବାଜେ
କାହ୍ନାର ବଇଁଶୀ ନାଦ
ରାଧାର ଆଶା ଭରସା
ଏବେ ବି ମଉଳି ନାହିଁ ।୨ ।

*****

ତା ୨୩ ସେପ୍ଟେମ୍ବର ୨୦୧୪
ରଘୁଇଗଡ଼

Digitized by srujanika@gmail.com

୫୬

ଜୟ ନନ୍ଦନନ୍ଦନ

ଜୟ ନନ୍ଦନନ୍ଦନ ଗୋପୀହୃଦ ଚନ୍ଦନ
ବନ୍ଦନା କରେ ପାଦ କଞ୍ଜେ
ଭବ ଦୁଃଖ ଖଣ୍ଡନ ରାଈ ହୃଦ ମଣ୍ଡନ
ଦଣ୍ଡ-ଧର ଦଣ୍ଡ ଗଞ୍ଜେ ।୦।

ବୃନ୍ଦାବନେ କୁଞ୍ଜର ହେ ବରଜ ସୁନ୍ଦର
କେକୀ ପୁଚ୍ଛ ଶିରେ ଶୋଭାପାଏ ,
କଟିତଟେ କିଙ୍କିଣି ରୁଣୁଝୁଣୁ ବାଜେ ପୁଣି
ତ୍ରିଭଙ୍ଗି ଠାଣିରେ ମନ ମୋହେ ।୨।

ନବ-ଘନ ଅଙ୍ଗରେ ପୀତ ବାସ ସଙ୍ଗରେ
ମେଘକୋଳେ ବିଜୁଳି ପ୍ରକାଶ
ବନମାଳେ ଶୋଭିତ ଚନ୍ଦନେ ଚର୍ଚ୍ଚିତ
ନବ ନୀଳ ଇନ୍ଦୀବର ବେଶ ।୩।

କର୍ଣ୍ଣେ ଶୋହେ କୁଣ୍ଡଳ ନିନ୍ଦେ ରବି ମଣ୍ଡଳ
ଗୋପ-ଗୋପୀ ମନ କରେବାଇ
ହସ୍ତେ ବେଣୁ ମଣ୍ଡନ ଭବ ଦୁଃଖ ଖଣ୍ଡନ
ଅହ ରହ ବେଣୁ ଡାକେ ରାଈ ।୪।
ହେ ରସିକ ରଞ୍ଜନ ରାଈ ମାନ ଭଞ୍ଜନ
ରାସେ ରସି ଗୋପୀଙ୍କର ମନ
ମୁନି ମନ ଆନନ୍ଦ ହେ ପରମାନନ୍ଦ
ତବ ଶ୍ରୀଚରଣେ ରହୁ ଧ୍ୟାନ ।୫।

୧୬ଏପ୍ରିଲ୧୯୮୨
ବରଗଡ଼

*****

Digitized by srujanika@gmail.com

୫୭

ଗୋପନରେ,ସପନରେ

ଭକତିରେ ଯୁକ୍ତିର ନ ଥାଏ ଥାନ ,
ଯୁକ୍ତିରେ ସେ ଭକତି ହୁଏ ଉଭାନ(୦)

ଭକତିରେ ମନହସେ ତା' କଥା ଭାବି
ମନହସୁଥିଲେ ଖୋଲେମନ୍ଦିର ଚାବି
ନଟବର ହସିହସି ଦିଏ ଦର୍ଶନ ।୧।

ହସିହସି ନନ୍ଦ ସୁତ ଗୋପରେ ଖେଳେ,
ହସିହସି କାଳୀୟର ମଥାରେ ଦୋଳେ
ଯଶୋମତୀ ଛାଟେ ହସେ ଗୋପୀଜୀବନ ।୨।

ମନହସୁଥିଲେ ସାରା ଦୁନିଆଁ ହସେ
ମଦନମୋହନ ଛବି ମନରେ ଭାସେ
ଗୋପନରେ,ସପନରେ ଦିଏ ଦର୍ଶନ ।୩।

*****

ତା୧୩ ସେପ୍ଟେମ୍ବର୨୦୧୪
ରସୁଲଗଡ଼

Digitized by srujanika@gmail.com

୪୮

ଦେଖ ନନ୍ଦଘରେ ମହାଆନନ୍ଦ

ଦେଖ ନନ୍ଦ ଘରେ ମହା ଆନନ୍ଦ
ବିଜେ କରିଛନ୍ତି ଗୋପେ ଗୋବିନ୍ଦ ।୦।

ଶଂଖ,ବେଣୁ,ଶିଙ୍ଗା ରୋଳେ ଗଗନ ଉଚ୍ଛୁଳେ
ଗୋପାଳେ କରନ୍ତି ନାଚ ଗୋପିନୀଙ୍କ ମେଳେ ।୧।

ବ୍ରଜନାରୀ ସଜହେଲେ ଘେନି ଅର୍ଘ୍ୟ ଥାଳି
ମଙ୍ଗଳ ସଂଗୀତ ସାଥେ ଦେଲେ ହୁଳହଳି । ୨।

ରୋହିଣୀ ସହିତେ ଯେତେ ବ୍ରଜ-ବାଳାଗଣ
ନବ କୁମାରକୁ ଚାହିଁକରନ୍ତି କଲ୍ୟାଣ । ।୩।

ନନ୍ଦ ଉପନନ୍ଦ ସାଥେ ପୁରେ ପୁରେ ଯାଇ
ସମ୍ଭାର ସଜ କରନ୍ତି ଦିଅଁ ପୂଜା ପାଇଁ । ୪।

ଗଛେ ଫୁଲ ଲୋଟୁଛନ୍ତି ହୋଇ ପେଛି ପେଛି,
ଆନନ୍ଦ ସାଗରେ ଭାସେ ନନ୍ଦ-ଯଶୋବନ୍ତୀ ।୫।

*****

ତା୧୮.ଏପ୍ରିଲ୧୯୮୨
ବରଗଡ଼

Digitized by srujanika@gmail.com

୫୯

ଭଲା କି ସୁନ୍ଦର ଦିଶେ

ଭଲା କି ସୁନ୍ଦର ଦିଶେ ନୀଳକନ୍ଦର
ଢଳିଢଳି ଆସୁଛନ୍ତି ବ୍ରଜସୁନ୍ଦର ।(୦)

ଗୋପଗୋପୀ ମାନେ ମିଳି
ଦେଉଛନ୍ତି କରତାଳି,
ଧବଳି-ଶ୍ୟାମଳୀ ଧେନୁ
ନାଚୁଛନ୍ତି ଢଳିଢଳି,
ରଙ୍ଗାଧର କେତେ ରଙ୍ଗେ କରେ ହୁନ୍ଦର ।୧।

ବଡ଼ଭାଇ ହଳପାଣି
ପଛେ ସୁଭଦ୍ରା ଭଉଣୀ
ପୋଡ଼ପିଠା ଥାଳିନେଇ
ମାଉସୀ ଅଛନ୍ତି ଚାହିଁ,
ଲୀଳା ଲଗାଇ ଆସନ୍ତି ମନ୍ଦରଧର ।୨।

ଭକତେ ହୁଅନ୍ତି ଭୁଣ୍ଡ
ପଣ୍ଡାଗଣ ଲଣ୍ଡଭଣ୍ଡ,
ହସିଉଠେ ବଡ଼ଦାଣ୍ଡ
ଦେଖନ୍ତି ସାରା ବ୍ରହ୍ମାଣ୍ଡ,
ବରଷରେ ହରଷରେ କଳାଠାକୁର ।୩।

ତା।୨ ସେପ୍ଟେମ୍ବର୨୦୧୪
ରସୁଲଗଡ଼

*****

Digitized by srujanika@gmail.com

୬୦

ହୋଇଗଲି ବାଟ ବଣା

ସଂସାର ପଥରେ ସୁଖ ଖୋଜିଖୋଜି
ହୋଇଗଲି ବାଟ ବଣା,
ଅଥଳ ସାଗରେ ଥଳ ଖୋଜି ଖୋଜି
ମେଣ୍ଟାଇଲି ଓରିମାନା ।(୦)

ଦୁଃଖ ସୁଖ ସିନା ମନର ଖେଳ ସେ
ଲିହିଲେ ଜଗତସାଇଁ,
ଅନ୍ଧାର ଆଲୁଅ ଆଖିର ଲୀଳା ସେ
ସମ,ଯେବେ ଆଖି ନାହିଁ
ଭିତର ନୟନ,ଭିତର ମନ ତୋ
ସବୁ କଳିପାରେ ସିନା । ୧ ।

କାମନା ଦଉଡ଼ି ଯେତେ ଲମ୍ବାଇଲି
ସେତିକି ପାଇଲି ଦୁଃଖ
ଅମନ ମନକୁ ଯେତିକି ବାନ୍ଧିଲି
ମିଳିଯାଏ ସେତେ ସୁଖ,
ସବୁ ସୁଖ-ଦୁଃଖ ମନର ଖେଳସେ
ତୁଚ୍ଛା ମନର ବାସନା । ।୨।

*****

ତା୩ ସେପ୍ଟେମ୍ବର୨୦୧୪
ରସୁଲଗଡ଼

Digitized by srujanika@gmail.com

୬୧

ଶରଧା ବାଲିରେ ତୁମେ

ଶରଧାବାଲିରେ ତୁମେ
ଯାଚୁଛ ଶରଧା ଯେତେ
ତଥାପି ଏ ମୂଢ଼ ମନେ
ଅଶରଧା କାହିଁ କେତେ ।୦।
ନୀଳାଚଳେ ସବୁଦିନେ
ତୁମଲୀଳା ଲାଗିଥାଏ
ଅଧମ,କେବେ ସେ ଲୀଳା
ଦର୍ଶନ ଭେଦ ନ ପାଏ
କୃପାସିନ୍ଧୁ ଦୀନବଂଧୁ
ତଥାପି କରୁଣା ଯେତେ (୧)
ପାଞ୍ଚ ମନ ଦେଲ, ସେତ
ପଚିଶ ଭାଗରେ ଛନ୍ଦା
ଗୋଟିଏ ଢାଗିଲେ ଆଉ
ତିନିମନ କରେ ଫନ୍ଦା
ଛନ୍ଦା ବନ୍ଧା କାଟିବାକୁ
ଶକତି ଦିଅହେ ମତେ ।୨।
ତୁମେ ଗଢ଼ ତୁମେ ଭାଙ୍ଗ
ଭଙ୍ଗା ଗଢ଼ା ତୁମ ଲୀଳା
ତୁମେ ବାଟ ଦେଖାଇଲେ
ଭାସିବ ବୁଡ଼ିଲା ଭେଳା
ଜଗତକରତା ପ୍ରଭୁ
ଲୀଳାତୁମ ଇଚ୍ଛା ମତେ (୩)

*****

ତା ୨ସେପ୍ଟେମ୍ବର୨୦୧୪
ରଘୁଜଗଡ଼

Digitized by srujanika@gmail.com

୬୨

ଶ୍ରୀରାମଙ୍କ ନୌଯାତ୍ରା

ଅନୁଜ ସହିତେ ଦନୁଜ-ଦଳନ ଭାଗିରଥୀ ତୀରେ ପ୍ରବେଶ
ପଥେ ପଥରକୁ ଜୀବନ ଦେବାରୁ ଲୋକେ ସେ କଥାଟି ପ୍ରକାଶ
ସୁଜନେ,ବିଶ୍ୱାମିତ୍ର ସାଥେ ଚଳନ୍ତି,
ନଦୀ ପରପାର ଗମନ ନିମନ୍ତେ ଶ୍ରୀରାମ ଧୀବରେ ଡାକନ୍ତି ।(୧)

ଜନରବ କଥା ଶୁଣନ୍ତେ ଧୀବର ଜଳମଧ୍ୟେ ନାବ ରଖିଲା,
କୂଳେ ଥାଇ ପ୍ରଭୁ ଡାକଦେଲାବେଳେ ଉତ୍ତର ଦେଇ ସେ କହିଲା,
ସୁଜନେ,କାନେ ଶୁଣିଅଛି ଯେ କଥା
ତୋ ଚରଣ ରେଣୁ କାଉଁରୀ ପରଶେ ପଥର ହୋଇଛି ବନିତା ।(୨)

ତୋ ପାଦଯୁଗଳ ରଜ ଲାଗିବାରୁ ଏତେକଥା ସିନା ହୋଇଲା,
ଆସ ଧୋଇଦେବି ଚରଣ ବେନିକୁ ଧୋଇଦେଲେ କଥା ସଇଲା
ସୁଜନେ,ଭାବଗ୍ରାହୀ ଭାବ ଜାଣନ୍ତି ।
କେତେ କଉଡ଼ି ବା ନେବ ନାବିକ ହେ ବୋଲି ସଉମିତ୍ରୀ ଭଣନ୍ତି ।(୩)

ନାବିକ ବୋଲଇ ନିଜ ଜାତିଠାରୁ କିପରି କଉଡ଼ି ମୁଁ ନେବି
ଉଭୟେତ ଆମେ ନାବିକ ଜାତିର ଜାତି ନିୟମ କି ଲଙ୍ଘିବି
ସୁଜନେ,ଶୁଣିଣ ଲକ୍ଷ୍ମଣ ଏ ବାଣୀ,
ସୂର୍ଯ୍ୟବଂଶୀ ଆମେ ନାବିକ କିପରି ? ବୋଲି ରୋଷଭରେ ବଖାଣି ।(୪)

Digitized by srujanika@gmail.com

'ଭବସିନ୍ଧୁ ଘାଟେ ନାବବାହି ତୁମେ   ଉତାର ପରମାର୍ଥ ଜନ,
ମୁଁ ସେପରି ଏହି ଘାଟପାରି କରି   କୁଟୁମ୍ବ କରଇ ପୋଷଣ
ପ୍ରଭୁ ହେ, ବିଧିରେ ନୋହୁକି ସମାନ ।'
ନିଜଜାତି ଠାରୁ କଉଡ଼ି ନେଲେ ମୁଁ ଜାତିରୁ ହୋଇବି ଉଚ୍ଛନ୍ନ । (୫)

ମୋ ଘାଟରେ ଆସି ପହଞ୍ଚିଛ ପ୍ରଭୁ   ମୁଁ କରିବି ପାର ଉତାର
ତୁମ ଘାଟଠାରେ ପହଞ୍ଚିଲେ ପଭୁ   ମୋତେ କରାଇ ଦେବ ପାର
ପ୍ରଭୁ ହେ,ତୁମ ଆମ କଥା ରହିବ ।
ଜାତି ବିଗିଡ଼ିବା ନୋହିବ କାହାର ବିଧିରେ ପାରିହୋଇଯିବ ।(୬)

ଦାସବାଣୀ ଶୁଣି ପ୍ରଭୁ ରଘୁମଣି   ସ୍ମିତ ହାସେ ମଥା ହଲାଇ
ପାରିକରିଦିଅ ଧୀବର ଭାଇରେ   ବେଳ ତ ଉଚ୍ଛୁର ହୁଅଇ ।
ଏବାଣୀ ଶୁଣି କଇବର୍ତ୍ତ ପ୍ରସନ୍ନ ।
ଶ୍ରୀଚରଣ ବୋଲେ ନାଉରୀ ଭାଇରେ ଧନ୍ୟ ଧନ୍ୟ ତୋର ଜୀବନ ।(୭)

*****

ତା୧୩ ଜାନୁଆରୀ ୧୯୮୨
କୁଜଙ୍ଗ

Digitized by srujanika@gmail.com

Digitized by srujanika@gmail.com

ଶିଶୁ ଗୀତିକା

Digitized by srujanika@gmail.com

Digitized by srujanika@gmail.com

୬୩

ଆମେ ହସେ ହସାଇବୁ

ଏଇ ଦୁନିଆଁର ଆମେ
ଅପାସୋରା ରତନ
ଆମେ ହସେ ହସାଇବୁ
ସକାଳର ତପନ । (ପଦ)
ମାନବର ପରାଣରେ
ଭରିଦେବୁ ପୀରତି
ନୂତନ ମାନବ ଆମେ
ଆଗାମୀର କୀରତି
ଆମେ ଗଢ଼ିବୁରେ ଦେଶ
ଆଗାମୀର ସପନ ।(ଏକ)
ସାରା ଦୁନିଆ ଆମର
ଗୋଟିଏ ପରିବାର
ନାହିଁ ଜାତି,ନାହିଁ ଧର୍ମ
ଭେଦଭାବ ଆମର
କବିର ସପନ ମନ
ଆମହାତେ ଗୋପନ ।(ଦୁଇ)
ଖୋଜି ଖୋଜି ଦୁନିଆକୁ
ନୂଆ କଥା ଜାଣିବୁ
ମହାକାଶେ ଉଡ଼ି ଉଡ଼ି
ତାରା ଦେଶ ଗଣିବୁ,
ଆଗାମୀ ଯୁଗର ଆମେ
ଫୁଲେଭରା ଲପନ (ତିନି)

ତା ୧୭ ଫେବୃଆରୀ ୧୯୮୨
ରାଉରକେଲା

*****

Digitized by srujanika@gmail.com

୬୪

ଟିକି ଚଢ଼େଇ ଆ...

ଆରେ... ଚଢ଼େଇ ଆ...
ଟିକି ଚଢ଼େଇ ଆ...
ଟିକି ଚଢ଼େଇ ଆ...
ଚାଉଳ ମୁଠାଏ ଖା...।୦।

ତୋ ମାଆ ଯାଇଛି ହାଟକୁ
ଅନାଇ ରହିଛୁ ବାଟକୁ
ଭୋକ ହେଉଛି କି
ଶୋଷ ହେଉଛି କି
ପାଣି ଟୋପେ ପିଇ ଯା..
(ଆଉ)ପିଠା ଖଣ୍ଡେ ଖାଇ ଯା..
ଆରେ... ଚଢ଼େଇ ଆ... ।୧।

ଧନମଣି ମୋର ରୁଷିଛି
ଖଣ୍ଡିଆ କାନ୍ଥକୁ ଭୁଷିଛି
ହସକଥା କହି
ମିଠା କଥା କହି
ତା ମନ ଭୁଲେଇ ଯା..
(ଆଉ)ତା ସାଥିରେ ବସି ଖା ..
ଆରେ... ଚଢ଼େଇ ଆ... ।୨।

*****

ତା।୨୯ ମେ ୧୯୮୬
ରାଉରକେଲା

Digitized by srujanika@gmail.com

୬୫

ଦେଖ କଳା ବିଲେଇ

ଦେଖ କଳା ବିଲେଇ
ଆସେ ଗଳା ଫୁଲେଇ
ଟିକି ଟିକି ଛୁଆ ସାଥେ
ହୁଏ ପୁଣି ଗେହ୍ଲେଇ ।ପଦା
ଆରଟି ତ ଛଉକି
ସିଏ ଗୋଟା ଟାଉକି
ମାଛ ଆଉ ଦୁଧ ପାଇଁ
ରହିଥାଏ ଚାହିଁକି ,
ବାଡ଼ିଟେ ଉଠାଇଲେ
ଶୋଇପଡ଼େ ନାହେଲେଇ ।୧।

ମୂଷା ଯେବେ ଆସଇ
ଭାଡ଼ିତଳେ ପଶଇ
ଛକି ଛକି ବିଲେଇ ସେ
ମୂଷା ପ୍ରାଣ ନାଶଇ ,
କୁକୁରକୁ ଦେଖିଦେଲେ
ଲୁଚିଯାଏ ଗାଲେଇ ।୨।

*****

ତା୨ ଅଗଷ୍ଟ ୧୯୮୬
ରାଉରକେଲା

Digitized by srujanika@gmail.com

୬୬

ମାଟି ମାଆ ଶରଧାରେ

ମାଟି ମାଆ ଶରଧାରେ
ଡାକ ଦିଏ ଡାକରେ,
ସାରା ଦୁନିଆଁର ଶିଶୁ
ଆସି ବସ ପାଖରେ ।୦।
ଆମେ ସରଗର ଶିଶୁ
ମରତର ମାଣିକ,
ଫୁଲ ଭରା ଦୁନିଆଁରେ
ସପନର ବଣିକ
ଆକାଶୁ ଚାନ୍ଦ ଖସିବ
ଆମ ହସ ଫାଙ୍କରେ
ମାଟି ମାଆ କାଖରେ
ବସ ମୋର ପାଖରେ ।୧।
ଆମ ହସେ ଭରିଯିବ
ଫୁଲଭରା ଫସଲ,
ଆକାଶରେ ଝଲସିବ
ବିଜୁଳିର ମଶାଲ
ପରୀରାଣୀ ଡାକୁଥିବ
ବଉଦର ଫାଙ୍କରେ
ବସ ମୋର କାଖରେ
ଆସ ମୋର ପାଖରେ ।୨।

ତା ୭ ଅଗଷ୍ଟ ୧୯୮୬
ରାଉରକେଲା

*****

Digitized by srujanika@gmail.com

୬୭

ତୁମେ ହସି ଦେଲେ

ତୁମେ ହସି ଦେଲେ ଦୁନିଆଁ ହସିବ
ଗଛରେ ଫୁଟିବ ଫୁଲ,
ଆକାଶେ ହସିବ ଶାରଦ ଚୋଛନା
ସାଗରେ ବାରିଧି ଛଳ ।୦।

ତୁମେ କାନ୍ଦିଦେଲେ ଦୁନିଆ କାନ୍ଦିବ
ଲୋତକ ପଡ଼ିବ ଝରି,
ମାଆର ମୁହଁରୁ ହସ ଲିଭିଯିବ
ବତାଶ ଆସିବ ମାଡ଼ି
ତୁମରି ହସର ତଉଲ କି ଅଛି
ସିଏ ତ ଅମୂଲ ମୂଲ ।୧।

ଆଗାମୀ ଦିନର ସୁନେଲୀ ସପନ
ଆସ ଆସ ମୋର ପାଶ
ସାରା ଦୁନିଆଁରେ ହସ ଖେଳିଯିବ
ତୁମ ମୁହେଁ ଥିଲେ ହସ
ବଉଦ ଫାଙ୍କରୁ ପରୀରାଣୀ ଆସି
ତୁମକୁ କରିବ ଗେଲ ।୨।

*****

ତା ୨୩ ସେପ୍ଟେମ୍ବର ୧୯୮୬
ରାଉରକେଲା

Digitized by srujanika@gmail.com

୬୮

କାଳିକାନୀର ତିନୋଟି ଛୁଆ

କାଳିକାନୀର ତିନୋଟି ଛୁଆ
ଗୋଟିଏ ନାଆଁ ପୁଷି,
ସାନଟି ନାଆଁ କାଇଁଚ ମାଳୀ
ଆରଟି ନାଆଁ ଟୁସି ।୦।

ପିଲାଙ୍କ ସାଥେ ଖେଳଇ ପୁଷି,
ଖାଏ ସେ ଦୁଧ ଭାତ
ଟୁସି ହୁଅଇ ଘୁଡୁରୁ ଘୁଡୁରୁ
ବୁଲାଇ ଦେଲେ ହାତ
ଗେଲ ନ କଲେ କାଇଁଚମାଳୀ
ବସଇ ସିନା ରୁଷି ।୧।

କାଇଁଚମାଳୀ କାଳିକାନୀର
ସାଥିରେ ଯାଏ ବୁଲି
ଛୁଆ ତିନିଙ୍କୁ ଦେଖି ପିଲାଏ
ଦିଅନ୍ତି କରତାଳି
ଦୁଧଭାତକୁ ବାଢ଼ି ରଖିଲେ
ହୁଅନ୍ତି କେତେ ଖୁସି ।୨।

*****

ତା ୭ ଅକ୍ଟୋବର ୧୯୮୮
ରାଉରକେଲା

Digitized by srujanika@gmail.com

୬୯

ଟିକି ପିଲାଟି ହସିଲା

ଟିକି ପିଲାଟି ହସିଲା
ସଜଫୁଲ ପରି ଦିଶିଲା,
ହସରେ ତାର ମହକ ମିଶି
ଆହାକି ସୁନ୍ଦର ବାସିଲା ।୦।

ପିଲା ହସରେ ମା ମୁହଁରେ
ଉକୁଟି ଉଠେ ହସ
ସେଇ ହସରେ ପରିବାରରେ
ହସଇ ଦଶଦିଶ,
ତାଳିକି ତାଳି ରେ ବନମାଳି
ସ୍ୱରରେ ସ୍ୱର ମିଶିଲା ।୧।

ପାକୁଆ ପାଟି ଦେଖାଇ କେତେ
ମୁରୁକେଇ ସେ ହସେ
ସେଇ ହସରେ ଲାଜେଇ ଯାଇ
ମୁହଁ ଲୁଚାଇ ବସେ
ଆ ରେ ଧନ ବୁଲାଇ ନେବି
ଡାକିଲେ ପାଖେ ଆସିଲା ।୨।

*****

ତା ୨୨ଅଗଷ୍ଟ୨୦୦୪
ରାଉରକେଲା ।-୨

Digitized by srujanika@gmail.com

୭୦

ଟିକିଟିକି ଫୁଲ ଯେବେ

ଟିକିଟିକି ଫୁଲ ଯେବେ
ବାସ ଦିଏ ମହକାଇ
ମୋର ଟିକି ପ୍ରଣିପାତ
ତୁମେ କି ଘେନିବ ନାହିଁ ?।୦।
କେଡ଼େ ବିରାଟ ଏ ସତେ
ଆକାଶ ମେଦିନୀତଳ
ନଭେ ଖେଳେ ତାରା ଶଶି
ସାଗରେ ବାରିଧି ଜଳ
ମୋର ଟିକିଟିକି ଡାକ
ସେ କାନେ ବାଜିବ କାହିଁ ?।୧।
ବିରାଟ ବିଧାତା ଆହେ !
ଫୁଲେ କୋଟିକମ କର
ଟିକଟିକି ଚଢ଼େଇର
କଣ୍ଠେ ମିଠା ଗୀତ ଭର
ଟିକି କଣ୍ଠେ ଜଣାଉଛି
ଶୁଣିବ ଜଗତ ସାଇଁ ।୨।

*****

ତା୬ମାର୍ଚ୍ଚ୧୯୯୮
ରାଉରକେଲା

Digitized by srujanika@gmail.com

୭୧

କଅଁଳ କଅଁଳ କଷି କାକୁଡ଼ି

କଅଁଳ କଅଁଳ କଷି କାକୁଡ଼ି
ଖାଇବାକୁ ଲାଗେ କି ସୁଆଦିଆ,
ଗରମ ଗରମ ଭଜା ପକୁଡ଼ି
ଉଷୁମ ଉଷୁମ ମୁଢ଼ି ନଡ଼ିଆ ।୦।
ପାକୁଆ ପାଟିରେ ଆଈମା ହସ
ହାତେ ନାଲି ଶଂଖା ମୁଣ୍ଡେ ସିନ୍ଦୂର,
ଆଈ ସାଥେ ଅଜା ପାକଲା କେଶ
ଆଖିରେ ଚଷମା ହସ ମଧୁର
କଅଁଳ କଅଁଳ ଦୂବ ଘାସରେ
ଖାଲି ପାଦେ ଲାଗେ କେଡ଼େ ବଢ଼ିଆ ।୧।
ନୂଆ ବୋହୂଟିଏ ଦିଶେ ସୁନ୍ଦର
ମୁଣ୍ଡରେ ଓଢ଼ଣା ପାଦେ ଅଳତା,
ନୂଆ ବରଷାଟି ଲାଗେ ମଧୁର
ଖସି ପଡୁଥିଲେ ଗଜ ମୁକୁତା ।
ମହୁରାଳି ମାଛ ବେସର ଦେଇ
ଟିକେ ରାଗ ଖର ଚୁଡୁଚୁଡ଼ିଆ ।୨।
ନୂଆ ଛୁଆଟିଏ ଲାଗେ ସୁନ୍ଦର
କେବେ କାନ୍ଦେ କେବେ ଦିଅଇ ହସି
ଭସାମେଘ ଫାଙ୍କେ ପୁନେଇ ଚାନ୍ଦ
କେବେ ଲୁଚେ କେବେ ଦିଶେ ତରାସି ।
କଷି ଆମ୍ବ କଞ୍ଚା ଲଙ୍କା ପକାଇ
ବାସି ପଖାଳକୁ କେଡ଼େ ବଢ଼ିଆ ।୩।

Digitized by srujanika@gmail.com

କଅଁଳା ପିଲାର କଅଁଳ ହସ
ମୁହଁ ହସି ଉଠେ ଫୁଲଟି ପରି
ସଜ ଗୋଲାପର ମଧୁର ବାସ
ଆନନ୍ଦରେ ମନ ଯାଉଛି ଭରି
କଅଁଳ ମେଘର ସାଉଁଳା ଛବି
ବିନା ଶବଦରେ ଆକାଶେ ଥୁଆ ।୪।

ସବୁପିଲାମୁହଁ ହସିଲେ ଉଠି
ଆକାଶରେ ଖେଳିଯିବ ବିଜୁଳି.
ଫୁଲଫୁଟିଯିବ ବଗିଚା ସାରା
ସବୁରି ମନଟି ଖେଳିବ ଦୋଳି
ଗହଳ ଚହଳ ସବୁରି ଘର
ଜଳି ଉଠୁଥିବ ଚନ୍ଦ୍ରଉଦିଆ ।୫।

କଅଁଳ କଅଁଳ କଷି କାକୁଡ଼ି
ଖାଇବାକୁ ଲାଗେ ଭାରି ବଢ଼ିଆ,
ମାଟି ହାଣ୍ଡି ଭଜା ଗରମ ମୁଢ଼ି
ସାଙ୍ଗେ ପଡ଼ିଥିଲେ ପାତି ନଡ଼ିଆ
ହସ ଆନନ୍ଦର ଲହଡ଼ି ଖେଳେ
ଜୀବନ ହୁଅନ୍ତା କେଡ଼େ ବଢ଼ିଆ ?।୬।

ତା।୨୯ ଅଗଷ୍ଟ ୨୦୦୭
ଭୁବନେଶ୍ୱର-୧୦

Digitized by srujanika@gmail.com

୭୨

ଆମ ହସେ ଫୁଲ ଝରି ପଡ଼ଇ

ଆମେ ସବୁ ସରଗର ଫୁଲରେ,
କିଏ ହେବ ଆମ ସମତୁଲରେ ।
ହୀରା ନୀଳା ମାଣିକ,
ମୁକୁତାର ବଣିକ ।
ହୋଇପାରିବକି ସତେ
ଆମ ସଙ୍ଗେ ମୂଲରେ ।(ଏକ)

ଆଗାମୀ ଦେଶକୁ ଆମେ ଗଢ଼ିବୁ
ନୀଳ ଆକାଶ ବୁକୁରେ ଉଡ଼ିବୁ ।
ଆମେ ସବୁ ତପନ
ଆଗାମୀର ସପନ ।
ଆମ କଥାରେ ଝରଇ
ମମତାର ଫୁଲରେ ।(ଦୁଇ)

ଆମ ହସେ ଫୁଲ ଝରି ପଡ଼ଇ
ଆମ ମନ ଆକାଶରେ ଉଡ଼ଇ ।
ତା' ତା' ଧ୍ୱନି ତାଳରେ
ମୁନା ମୁନୀ ମେଳରେ ।
ଧରଣୀରେ ରଖିଯିବୁ
କୀରତି ଫସଲରେ ।(ତିନି)

*****

ତା ୬ ଅପ୍ରେଲ ୧୯୮୪
ରାଉରକେଲା

Digitized by srujanika@gmail.com

୭୩

ଆମେ ହସର ଫସଲ

ଧୂଳି-ମାଟି-ଧରଣୀରେ　　ଆମେ ମୋତି-ମାଣିକ,
ଆମେ ହସର ଫସଲ　　ସପନର ବଣିକ । ପଦ ।
ଆକାଶ ବତାସ ବିଜୟ କରିବୁ
ମହାକାଶେ ତୋଳି ଘର
ସାଗର ବୁକୁରେ ନାଆ ବାହିଯିବୁ
ମଇତ୍ରୀର ସୌଦାଗର
ଦୁନିଆଁର ଶିଶୁ ଏକ ହୋଇଯିବୁ
ହାତେ ମିଳାଇବୁ ହାତ
ଆମେ ହସିଦେଲେ ଦୁନିଆଁ ହସିବ
ସରବେ ହୋଇବେ ମିତ ।
ମାଟିର ଫସଲ ଆମେ,
ଆମେ କଳା ମାଣିକ । ଏକ ।
ଦୁଃଖୀର ଆଖିରୁ ଲୁହ ପୋଛିଦେବୁ
କଷଣ ତଡ଼ିବୁ ଦୂରେ,
ସବୁଜ ଧରଣୀ,ସବୁଜ କେଦାର
ସବୁଜ ବନାନୀ ପରେ
ଆଗାମୀ ଦିନରେ ମାଟି ମା' ବୁକୁରେ
ଅଭାବ ରହିବ ନାହିଁ
ସଭିଏ ପଢ଼ିବେ ପାଠ,ସଭିଙ୍କର
ଦୁଃଖ ଯିବ ଦୂର ହୋଇ,
ହସିବ ଧରଣୀ-ରାଣୀ　　ପ୍ରାଣେ ଭରି ପୁଲକ । ଦୁଇ ।

ତା ୮ ଅପ୍ରେଲ ୧୯୮୪
ରାଉରକେଲା

*****

Digitized by srujanika@gmail.com

୨୪

କ'ରେ ଗୋଟେ ଆ'କାର ଦେଇ

କ'ରେ ଗୋଟେ ଆ'କାର ଦେଇ
କାଉ ଡାକିଲା କା'
ଖ'ରେ ଗୋଟେ ଆ'କାର ଦେଇ
ମା' କହିଲେ ଖା'
ଗ'ରେ ଗୋଟେ ଆ'କାର ଦେଇ
କୋଇଲି ଗୀତ ଗା'
କୋଇଲି ଗୀତ ଶୁଣି ପିଲାଏ
କହିଲେ ଆରେ ବାଃ...ବାଃ...ବାଃ।... ।୧।

ଚ'ରେ ଗୋଟେ ଚିତା ଲଗାଇ
ଚଢ଼େଇ ଡାକେ ଚିଁ
ମା' କହିଲେ କକ'ଆସିବ
ସଅଳ ଦୁଧ ପି'
ଘଁ ରେ ଦେଇ ହସ୍ୱ ଉ' କାର
ଗାଡ଼ି ଡାକିଲା 'ଘୁଁ'
କଷି କାକୁଡ଼ି ମଞ୍ଚାରୁ ନେଇ
ମାଙ୍କଡ଼ କଲା ଛୁଉ...ଛୁଉ...ଛୁଉ... ।୨।

Digitized by srujanika@gmail.com

ହ'ରେ ଗୋଟେ ଏ' କାର ଦେଇ
ଢେଢେ ଡାକିଲେ ହେ'...
ମୁଢ଼ି ନଢ଼ିଆ ସରି ଯାଉଛି
ଦଉଡ଼ି ...ଆସ...ରେ ...
ନ'ରେ ଗୋଟେ ଓ' କାର ଦେଇ ନାତି କହିଲେ ନୋ ।

ଏତିକି ବେଳେ ବିଲୁଆ ନନା
ଡାକିଲା ହୁ...କେ
ହୁ...କେ
ହୁ...କେ
ହୋଓ.ଓ.ଓ... ।ଗା

*****

ତା ୧୬ ଅପ୍ରେଲ ୧୯୮୪
ରାଉରକେଲା

Digitized by srujanika@gmail.com

୭୫

ବାଇ ଚଢ଼େଇ

ବାଇ ଚଢ଼େଇରେ ବାଇ ଚଢ଼େଇ
ତୋ ମା' ଯାଇଛି ଗାଈ ଚରେଇ ।ପଦ।

କାଳିଗାଈ ଠାରୁ କ୍ଷୀର ଆଣିବ
ଖିରି କରି ତୋତେ ଖୁଆଇ ଦେବ
ମଖମଲି କନା ବିଛଣା ସଜାଇ
ଗପକହି ତୋତେ ଦେବରେ ଶୋଇ ।।ଏକ।।

ବିଲରୁ ଆଣିବ ବାସନା ଧାନ,
ପିଠା ଖୋଇବାକୁ ତାହାର ମନ,
ପିଠଉରେ ଦେଇ ସୁଆଦିଆ ପୁର
କେତେ ପିଠା ତୋତେ ଦେବରେ ଖୋଇ ।।ଦୁଇ।।

ମହାକାଶ ଯାନେ ବୁଲାଇ ନେବ,
ମଙ୍ଗଳ ଗ୍ରହକୁ ଦେଖାଇ ଯିବ,
ଆକାଶ ରାଇଜ ବୁଲାଇବା ପାଇଁ
ଏବେଠୁ ଟିକେଟ ଦେବ କଟାଇ ।।ତିନି।।

*****

ତା ୯ ଅଗଷ୍ଟ ୧୯୭୩
କେନ୍ଦ୍ରପଡ଼ା

Digitized by srujanika@gmail.com

୭୬

ଚାଷୀଭାଇ ମନ ହସାଇ ଦେ'

ବେଙ୍ଗୁଲୀ ବେଙ୍ଗୁଲୀ ପାଣି ଦେ'
ନଈ ସମୁଦର ଭସାଇ ଦେ'
ଇନ୍ଦର ରଜାର ବାହାଘର ଆଜି
ଚାଷୀଭାଇ ମନ ହସାଇ ଦେ' (ପଦ)

ଇନ୍ଦର ରଜା ବର ହୋଇ ଆସେ
ବିଜୁଳି ମଶାଲ ଜାଳେ
ଚଡ଼ଚଡ଼ ହୋଇ ଘଡ଼ଘଡ଼ି ମାରେ
ବାଣଫୁଟେ ଚାରିଆଡ଼େ
ସାରୁଗଛ ମୂଳେ ବେଙ୍ଗୁଲୀ ରାଣୀଲୋ
ହୁଳହୁଳି ସୁର ଭସାଇ ଦେ' (ଏକ)

ସାରୁ ପତରକୁ ରାଜଛତି କରି
ବସିଥା ଫୁଲେଇ ନାନୀ,
ଇନ୍ଦର ରଜା ତ ମୁକୁଟ ଲଗାଇ
ତୋତେ କରି ନେବ ରାଣୀ,
କଟର କଟର କେଁ କଟର ଲୋ
ଶିଶୁ ସାଥୀ ମନ ରସାଇ ଦେ' ।(ଦୁଇ)

*****

ତା ୧୮ ଅପ୍ରେଲ ୧୯୮୩
ରାଉରକେଲା

Digitized by srujanika@gmail.com

୭୭

ସୁନା ପିଲାଟି ପାଳଟି ଯା'

ଚୁଟିଆ ମୂଷାରେ ଚୁଟିଆ ମୂଷା,
ଧାନ ଓଳିଆରେ ତୋହର ଆଶା, ।ପଦ।

ଧାନ,ଚାଉଳ,ଗହମ,ବିରି,
ଲୁଚାଇ କେତେ ଖାଉ,
ବହି,କୁରୁତା,ଲୁଗାକୁ କାଟି
କହ କି ସୁଖ ପାଉ ?
ଚୁଟିଆ ତୁରେ ଭାରି ସିଆଣା,
ତୋ ଭଳି ାତପଣା (ଏକ)।।

ଏତେ ଛୋଟ ତୁ ଫୁକୁରୁ ଫୁକୁ
କିମିତି ଭଲା ଡେଉଁ,
ଘର କଣରେ,ମଣା ବଣରେ,
କେମିତି ତୁ ରେ ରହୁ,
ସାଥିରେ ତୋର ଡେଇଁ ଡେଇଁକା
ଖେଳିବା ମୋର ଆଶା (ଦୁଇ)।।

Digitized by srujanika@gmail.com

ତୋ'କାମ ଦେଖି ମାଡ଼ ଦେବାକୁ
ଆଣିଲେ ଭାଇ ବାଡ଼ି,
ଗଣେଶ ପ୍ରଭୁ ରାଗ କରିବେ,
ତେଣୁରେ ଦେଲେ ଛାଡ଼ି,
ଗଣପତିଙ୍କ ବାହନ ତୁ'ରେ
ଅଟୁ ଚୁଟିଆ ମୂଷା ।(ତିନି) ।।

ଜାଣୁନୁ ତୁ'ରେ ଦେଶ ଭିତରେ
ମହରଗର ଦାଉ,
ମାଟିରେ କେତେ ଦରବ ଢାଳି
କହ କି' ସୁଖ ପାଉ,
ସୁନା ପିଲାଟି ପାଇଛି ଯା'ରେ
ତୁ ମୋ ଚୁଟିଆ ମୂଷା ।(ଚାରି) ।।

***

ତା ୧୮ ଅପ୍ରେଲ ୧୯୮୪
ରାଉରକେଲା

Digitized by srujanika@gmail.com

୬୮

ଏଇଟି ମୋର ସରଗପୁରୀ,

ଏଇଟି ମୋର ସରଗପୁରୀ,
ଏଇଟି ମୋର ପଲ୍ଲୀ ଭୂଇଁ
ତାହାରି କୋଳେ ଜନମ ମୋର
ଏଇଠି ଶେଷେ ଜଳିବ ଜୁଇ ।ପଦ।

ତା କୋଳ ମାଆ କୋଳଟି ପରି
ଜୀବନେ ଢାଳେ ଆଶିଷ ବାରି
ଗାଁ ବରଗଛ,ତୋଟାମାଳରେ
ସାଥିମେଳରେ ଥିଲି ବିତ। ।
ତା ନଦୀ ବନ ସବୁଜ ଶିରି
ତା ପାଦେ ଯାଏ ମଥାଟି ନଇଁ ।୧।

ମାଆ ଆଖିରେ ଆଖିଏ ଲୁହ
ପରାଣ ଭରି ଉଠୁଛି କୋହ,
ହତଶୀରି ତା ସବୁଜକୋଳ
ମାଟି ମମତା ହଜିଲା ମୋହ
ଯେ ଗଲା ସିଏ ଫେରିଲା ନାହିଁ
ଜୀବନ ଆଜି ଯାତନା ଜୁଇ ।୨।

Digitized by srujanika@gmail.com

କି'ଏ ପୋଛିବ ମାଆର ଲୁହ,
        କିଏ ବୁଝିବ ମାଆର କୋହ
କି'ଏ ଖୋଜିବ ମାଆକୁ ଥରେ
        ମାଆ ପାଇଁ କେ ଢାଳିବ ଲୁହ ?
ମାଆ ମୁହେଁ ଯେ ଲେପିବ ହସ
        ତା ପାଦେ ଯିବ ମୋ ମଥା ନଇଁ ।୩।

*****

ତା-୨୭ଅପ୍ରେଲ ୧୯୯୪
ରାଉରକେଲା

Digitized by srujanika@gmail.com

୭୯

ଆମେ ଯେବେ ହସିବା

ଆମେ ଯେବେ ହସିବା
ସଞ୍ଜ ମଲ୍ଲିଫୁଲ ପରି
ଆମେ ସବୁ ଦିଶିବା(୦)

ହସି ହସାଇବା ଆମେ
ସାରା ରାଇଜ
ଆମ ହସେ ଖେଳିଯିବ
ଭରା ମଉଜ
ଭଲ ବାଟ ଧରିବା
ଭଲ କାମ କରିବା
ଆମେ ଦିନେ ସବୁ ମନେ
ଭରିଦେବା ସପନ
ସଞ୍ଜ ମଲ୍ଲିଫୁଲ ପରି
ଆମେ ସବୁ ବାସିବା
ଆମେ ଯେବେ ହସିବା ।(୧)

Digitized by srujanika@gmail.com

ଆମ ହସେ ଭରିଯିବ
କେତେ ସପନ
ହସି ହସି ଧୋଇଦେବା
ଆମେ ଲପନ
ଆମ କରତାଳିରେ
ନାଚେ ବନମାଳିରେ
ଆମ ହସେ ହସି ଉଠେ
ସକାଳର ତପନ
ହସେ ଗୁଚ୍ଛା ଫୁଲମାଳ ପରି
ଆମେ ଦିଶିବା
ଆମେ ଯେବେ ହସିବା । (୨)

୪-ଅକ୍ଟୋବର୨୦୦୯
ରସୁଲଗଡ଼

Digitized by srujanika@gmail.com

୮୦

କକ ବାଇଆରେ...

କକ ବାଇଆରେ
କକ ବାଇଆ,
ସଅଳ ସଅଳ
ବେଗେ ଧାଇଁଆ(୦)

ରାତିରେ ଆସିଲେ
ଖାଇବୁ ପିଠା,
ସକାଳକୁ ଦେବି
ସଜ ଗଇଁଠା ।
ଦୁଧଭାତ ଦେବି
ଦି' ପହରେ,
କାକରା ଖାଇବୁ
ଶୋଇ ଉଠିଲେ ।
କକବାଇଆରେ
ବେଗେଧାଇଁଆ(୧)

ସାଥି ହୋଇ ଆମେ
ଖେଳିବା ଖେଳ,
ପଢ଼ିବାକୁ ଯିବା
ହୋଇଲେ ବେଳ ।
ଏକା ଥିଲି, ହେଲୁ
ସାଥି ମୋହର,
କକ ବାଇଆକୁ
ଡର କାହାର ?
ସଅଳ ସଅଳ
ବେଗେ ଧାଇଁଆ(୨)

Digitized by srujanika@gmail.com

ଅନ୍ଧାର ଗଲାଣି
ଦୂରେ ପଳାଇ,
କକ ବାଇଆକୁ
ଡରିବି ନାହିଁ ।
ମାଆ କହିଛନ୍ତି
ଡରିବି ନାହିଁ,
ଜୀବନରେ କେଭେ
ହାରିବି ନାହିଁ ।
ଖେଳିବାକୁ ଯିବା
ବେଗେ ଧାଇଁଆ ।୩
କକ ବାଇଆରେ
କକ ବାଇଆ

*****

ତା ୧୬ ଅପ୍ରେଲ ୨୦୦୪
ରଘୁନାଗଡ଼

Digitized by srujanika@gmail.com

୮୧

ହରଷରେ ବିତିଯିବ ଦିନ

ଏକରେ ସଜହୁଅ
ଦୁଇରେ ଚାଲ
ତିନିରେ ଖୁସିମନେ
ବଗିଚାରେ ବୁଲ । (୦)

ଫୁଲଗଛେ ପାଣିଦିଅ
ମୂଳକର ସଫା
ଫୁଲହସେ ହସିଉଠ
ମୁହଁ ଦିଶୁ ତୋଫା ।
ଗଛେ ଫୁଲ ଦେଖିଯାଅ
ଛିଡ଼ାଅନା ଫୁଲ (୧)

ଭିତର ହସି ଉଠିବ
ବାସୁଥିବ ମନ
ତେବେସିନା ହରଷରେ
ବିତିଯିବ ଦିନ ।
ଫୁଲରାଣୀ ମୁହଁଚାହିଁ
କରଟିକେ ଗେଲ ।।(୨)

*****

୨୬ ଅପ୍ରେଲ ୨୦୦୭
ରସୁଲଗଡ଼

Digitized by srujanika@gmail.com

୮୨

ବଣଭୋଜି

'ବିଲେଇ ନାନୀଲୋ... ବିଲେଇ ନାନୀଲୋ...'
ଛୁଆ କୁକୁରଟି କହିଲା,
'ଛୁପି ଛୁପି କରି କେଣେ ପଳାଉଛୁ
ଆଜି ତ ମାସର ପହିଲା ।'(୦)

'ବଣଭୋଜି ଆଜି କରିବାକୁ ଯିବା
ମୂଷା ଆଣିଲାଣି ଚାଉଳ,
ଓଧଭାଇ ଗଲା ମାଛ ଆଣିବାକୁ
କାଙ୍କଡ଼ ଆଣିବ, ନେଉଳ ॥
କାଳି ବାଛୁରିଟା ଦୁଧ ଆଣିଲାଣି
ଛେଳି ଆଣିଲାଣି ପତର
ମାଙ୍କଡ଼ ମଉସା ରିକ୍ସା ଆଣିଛି
ଆସି ବସିପଡ଼ ଏଥର ।
ଆଜିଠାରୁ ଆସ ମିଳିମିଶି ଯିବା
କରିନେଇ ବଣ ମଉଜ,
ଭାଇମାନେ ସବୁ ଧାଡ଼ିକରି ଆସ
ଯେମିତି ଯାଆନ୍ତି ଫଉଜ
'ବିଲେଇ ନାନୀଲୋ... ବିଲେଇ ନାନୀଲୋ...
ଛୁଆ କୁକୁରଟି କହିଲା...
ପାନ ଚକଲେଟ ବାଣ୍ଟିବ ନାହିଁକି ?
ଏବେ ବଣଭୋଜି ସଇଲା ।

ତା.୬ ଅପ୍ରେଲ ୨୦୦୭
ରସୁଲଗଡ଼

****

Digitized by srujanika@gmail.com

୮୩

ବିଲେଇ ନାନୀର ବାହାଘର

ତାକ୍ ଧିନାଧିନି ତା ଧିନି ଧିନା
ଢୋଲ୍‌କି ବଜାଏ ବିଲୁଆ ନନା
ପେଁ ପେଁ ପେଁ ସୁର ଲମ୍ବାଇ
ମହୁରୀ ବଜାଏ ଶିଆଳ ଭାଇ
ଠେକୁଆ ମାରଇ ତାଳି
ଗଧ ବପୁଡ଼ାଟା କେନ୍ଦରା ବଜାଇ
ଆସୁଅଛି ଢଳି ଢଳି ।(୧)

ମେଘ ବରଷୁଛି ଖରା ହେଉଛି,
ବିଲେଇ ନାନୀ ବାହା ହେଉଛି,
ଗରଭଣା କୋଳି ଆସିଛି ଭାର,
କୁଣିଆ ସାଜିଛି କଳା କୁକୁର
ଆକାଶ ଦିଶୁଛି ତୋରା
ଇନ୍ଦ୍ରଧନୁ ପଡ଼ି ଅଧା ଆକାଶରେ
ତୋରଣ ସାଜିଛି ପରା(୨)

ଭାଲୁ ପୁରୋହିତ ମନ୍ତର ପଢ଼େ
ହନୁବୁଢ଼ା ବସି ଚିତର କରେ
ଜିରାଫ ଆସିଛି ନିମତା ନେଇ
ଘର ସଜାଉଛି କଙ୍ଗାରୁ ମାଇଁ
ସଭିଙ୍କର ମନ ଖୁସି
ମୟୂର ଆସିଛି ଓଡ଼ିଶୀ ନାଚିବ
ବେଙ୍ଗ ଫୁଙ୍କିବ ବଇଁଶୀ(୩)

Digitized by srujanika@gmail.com

ସିଂହ ଆସିଅଛି ଅତିଥି ସାଜି
ହାତୀ ତଦାରଖ କରୁଛି ଭୋଜି
ବାଘ ଚଳାଉଛି ସିନେମା କଳ
ମେଘନାଦ ପରି ଶୁଭେ ଗହଳ
   ବଡ଼ଛୋଟ ଭାବ ଭୁଲି
ମୁଲକ ଯାକର ପଶୁପକ୍ଷୀ ମିଳି
   ଆନନ୍ଦରେ କୋଳାକୋଳି ।(୪)

ତାକ୍ ଧିନା ଧିନି ତା ଧିନି ଧିନା
ଢୋଲ୍‌କି ବଜାଏ ବିଲୁଆ ନନା
ଗଣ୍ଡା ବୁଢ଼ା ଆସି ଭାଷଣ ଦିଏ
ପଶୁପକ୍ଷୀଗଣ ଶୁଣ ସଭିଏ
   ବିଜେଇ ସାଜିଲା ନେତା
ଆଜିଠୁ କୁକୁର ଗଣପତି ହେବ
   ଉଡ଼ାଇବ ପାଟ ଛତା ।।

*****

ତା ୨୬ ଅପ୍ରେଲ ୨୦୦୯
ରସୁଲଗଡ଼

Digitized by srujanika@gmail.com

୮୪

ବଡ଼ମନ୍ତ୍ରୀ ହେଲା ବାଘ

ତାକ ଧିନା ଧିନୀ ତା ଧିନୀ ଧିନା
ଢୋଲକୀ ବଜାଏ ବିଲୁଆ ନନା
ଥେଇ ଥେଇ ଥେଇ ତା ଥେଇ ଥେଇ
ମୟୂରୀ ନାଚୁଛି ଅଣ୍ଟା ହଲେଇ
　　　ମାଙ୍କଡ଼ ମାରୁଛି ତାଳି
ଗଧ ଭାଇ ଆଜି ସଂଗୀତ ଗାଉଛି
　　　ଓଧ ଧରୁଅଛି ପାଳି ।୧।

ଏ ପାଖରେ ପେଚା ଭଜନ ଗାଏ
ସେ ପାଖରେ ବଣି କାହାଣୀ କହେ
ନେଉଳ ଭାଇଟି ଦିଏ ପହରା
ଦେଉଳ ଉପରୁ ଜଗିଛି ପାରା
　　　ସିଂହ ରହିଅଛି ଚାହିଁ
ରଜାହେବାପାଇଁ ଆସିଥିଲା ଧାଇଁ
　　　ରାଜପଦ ଆଉ ନାହିଁ ।୨।

ଚାଲିଛନ୍ତି ମୂଷା ଧାଡ଼ିକି ଧାଡ଼ି
ଗୀତ ବୋଲି ବେଙ୍ଗ ଛାଡ଼ନ୍ତି ରଡ଼ି
ଟହଲ ଟାକର କୋକୀ ଶିଆଳି
ଭେରେଣ୍ଡା ଏ ପାଖେ ଫୁଙ୍କେ କାହାଳୀ
　　　ମଞ୍ଚ ହୋଇଅଛି ସଜା
ଆଜିଠାରୁ ବାଘ, ଭାଲୁ, ମନ୍ତ୍ରୀ ହେବେ
　　　ଉଡୁଅଛି ଦଳ ଧ୍ୱଜା ।

Digitized by srujanika@gmail.com

କୋଳାହଳ ନାଦେ କମ୍ପୁଛି ପୁର
ଗହଳ ଚହଳ ଚଉଦୁଆର
ହାତୀ କହୁଅଛି ମାଇକ ଧରି
ଶୁଣ ସଭାଜନେ କାନକୁ ଡେରି
          ବଡ଼ ମନ୍ତ୍ରୀ ହେଲା ବାଘ
ଆରଥର ଯିଏ ଭୋଅଟ ପାଇବ
          ସିଏ ମନ୍ତ୍ରୀ ହେବ ଆଗ ।

*****

ତା୧୨ମେ'୨୦୦୩
ରାଉରକେଲା

Digitized by srujanika@gmail.com

୮୪

ଟିକିପିଲାଟି କହେ...

କହିଦିଅ କେଙ୍କେ କହିଦିଅ
ମୁଁ ଯେତେବେଳେ ମୋ କାମ କରେ
ସେତେବେଳେ କିଆଁ ଚିଡ଼ିଯାଅ ?(୦)

ହାତେଥିଲେ ରଙ୍ଗ ଚକ୍ ଖଡ଼ି
ଛବି ଆଙ୍କିବାକୁ ମନଟା ଭାରି
ଆମ ଧଳାକାନ୍ଥ ଦେଖିଲାବେଳେ
କାନ୍ଥରେ ମୁଁ ଛବି ଆଙ୍କି ପକାଏ
ତୁମେ କିଆଁ ଚିଡ଼ିଯାଅ
ମୋ ଛବିଟା ଦେଖି,ସାବାସ୍ ନ କହି
କାନମୋର ମୋଡ଼ିଦିଅ ।(୧)

ତୁମେ ବଗିଚାରେ ଦିଅତ ପାଣି
ଘାସମୂଳ ସବୁ ପକାଅ ହାଣି
ଘାସଫୁଲ ମତେ ବଢ଼ିଆ ଲାଗେ
ପାଣିପାଇପ୍ ମୁଁ ଦେଖାଏ ଡେବେ
ତୁମକୁ ଲାଗେ ଅଡୁଆ
ପାଣି ପାଇପ୍‌କୁ ମୋ ହାତୁ ଛଡ଼ାଇ
ମାଡ଼ ତ ଦିଅ ବଢ଼ିଆ ।(୨)

Digitized by srujanika@gmail.com

କାଗଜରେ କେତେ କର ତ ଚାଷ
ମତେ ସବୁ ଲାଗେ ବଣୁଆ ଘାସ
ଖାତା ଛାଡ଼ି ଦେଇ କୁଆଡ଼େ ଗଲେ
ସେ ଖାତାରେ ମୁଁ ତ ଚିତର କରେ
ତମେ ଦେଖା ନାଲି ଆଖି
ମୋ ମନ କଥାକୁ ବୁଝିତ ପାରୁନା
ପାରୁନା ମୋ ମନ ଦେଖି (୩)

ତମେ କାମ କର ତମ ବାଗରେ
ମୋ କାମକୁ କିଆଁ ଚାହଁ ରାଗରେ ?
ମୋ ଖୁସିରେ କେତେ କରେ ମୁଁ କାମ
ତମେ ସବୁ ରାଗି କର ଶାସନ
କାହିଁକି ଦେଖାଅ ଆଖି
ତୁମ ପିଲାବେଳେ ତୁମେ କି ଖୁସିରେ
ଖଡ଼ି, ମାଟି, ନାହଁ ଚାଖି ? (୪)

*****

ତା - ୧୫ଜୁଲାଇ୨୦୦୯
ରସୁଲଗଡ଼

Digitized by srujanika@gmail.com

୮୬

କଥାଟିଏ କହୁଁ କଥାଟିଏ

କଥାଟିଏ କହୁଁ ,କଥାଟିଏ କହୁଁ
କଥାଟିଏ,
କଥାଟି ଭିତରେ ଲୁଚି ରହିଥାଏ
ଲଥାଟିଏ ,
ଏଣୁଅ ବୁଢ଼ାଟି ତା ବୁଢ଼ୀ ସାଥୀରେ
ମଥାକୁ ହଲାଇ କଥାକହେ ।୦।

ଗଡ଼ଗଡ଼ ମାଳି, ତାଳିବଙ୍କା ତାଳି
ଗୀତ ଗା ସୁର ଧରି ପଛେଧର ପାଳି
ରଜାପୁଅ ଆସିବ,
ମୁରୁକେଇ ହସିବ
ମନପବନ ଘୋଡ଼ାରେ
ରଜାଝିଅ ବସିବ
ଆମେଯିବା ସିଆଡ଼େ,
ଚାନ୍ଦଦେଶ ଉହାଡ଼େ
ଟିକିଟିକି ତାରାମାନେ
ହସୁଛନ୍ତି ଯୁଆଡ଼େ ।

Digitized by srujanika@gmail.com

ଆସ ମିକି,ଚୁଚୁନା,
ପେଚି ପୁଚି ଟୁକୁନା
ଆସ ଛୋଟୁ,ମିଲି,ଲିଲି,
କୁମାରିକା ନବୀନା
କଥାଟିଏ କହୁଁ ,କଥାଟିଏ କହୁଁ
କଥାଟିଏ,
କଥାଟି ଭିତରେ ଲୁଚି ରହିଥାଏ
ଲଥାଟିଏ ,
ଏଣ୍ଡୁଅ ବୁଢ଼ାଟି ତା ବୁଢ଼ୀ ସାଥୀରେ
ମଥାକୁ ହଲାଇ କଥାକହେ ।୧।
ଅଗନା ଅଗନି
ବନସ୍ତରେ ଥିଲା
ଗୁମ୍ଫାଟିଏ,
ଗୁମ୍ଫାର ମୁହଁରେ
ଛଗିବସିଥିଲା
କେମ୍ପାଟିଏ
ଅସୁରୁଣୀ ବୁଢ଼ୀ ସାଥିରେ ଥିଲା ସେ
ସୁନାନାକୀ ଝିଅ ଚମ୍ପାଟିଏ ।
କଥାଟିଏ କହୁଁ ,କଥାଟିଏ କହୁଁ
କଥାଟିଏ,
କଥାଟି ଭିତରେ ଲୁଚି ରହିଥାଏ
ଲଥାଟିଏ ,
ଏଣ୍ଡୁଅ ବୁଢ଼ାଟି ତା ବୁଢ଼ୀ ସାଥୀରେ
ମଥାକୁ ହଲାଇ କଥାକହେ ।(୨)

Digitized by srujanika@gmail.com

ଆସରେ ସଭିଏ ନାଚିନାଚି ଯିବା
ତାଳିମାରି
ବଉଦ ଯେଉଁଠି ପାହାଡ଼ରେ ଖେଳେ
ଲୁଚୁକାଳି
କୁଳୁକୁଳୁ ଗୀତ
ପାହାଡ଼ ପାଖରେ
ଗାଉଥିବ ଏକ ଝରଣା ।
ଚିକି ଚିକି ପକ୍ଷୀ
ଝରଣା କୂଳରେ
ବାଉଥିବେ କଳଗାଉଣା
ସେ ଗୀତ ତାଳରେ
ମଥାକୁ ହଲାଇ
ଖୁସିରେ ନାଚିବା ନାଚଟିଏ ।
କଥାଟିଏ କହୁଁ,କଥାଟିଏ କହୁଁ
କଥାଟିଏ,...

*****

ତା ୧୮ ଅପ୍ରେଲ ୧୯୯୦
ରାଉରକେଲା

Digitized by srujanika@gmail.com

୮୭

କାଠ ଘୋଡ଼ା ପାଣି ପି'

କାଠ ଘୋଡ଼ା ପାଣି ପି'ରେ
କାଠଘୋଡ଼ା ପାଣି ପି'
ଦୁନିଆ ଯାକ ବୁଲି ଆସି
ବେଣ୍ଟ ପୋଖରୀ ଛାଣି ପି' ।(ପଦ)

ରବର କଣ୍ଢେଇ
ଅଛି ତୋ ସାଙ୍ଗରେ
ବୁଲାଇ ନେବରେ ତୋତେ,
　　ମାଟି ହାତୀ ଅଛି
　　ପିନ୍ଧି ପାଟଛତି
　　ବୁଲାଇବ ଦେଶ କେତେ,
　　　　ଫୁକୁରୁ ଫୁକୁରୁ ଡେଇଁତୁ ପଡ଼ିରେ
　　　　ଚିଲିକାର ପାଣି ଛାଣି ପି' ।(ଏକ)

ରକେଟ ତୋ ପାଇଁ
ହୋଇଛି ସଜରେ
　　ଯିବୁ ଚାନ୍ଦ ରାଇଜକୁ,
　　ଟିକେଟ କରିଛି
　　କୁନି କଣ୍ଢେଇରେ
　　ସାଥିରେ ନେବୁ ତୁ ତାକୁ,
　　　　ଚାନ୍ଦ ରାଇଜେ ପାଣି ନାହିଁ ବାବୁ
　　　　ମନଭରିକରି ପାଣି ପି' ।(ଦୁଇ)

Digitized by srujanika@gmail.com

ତୁ ଯଦି ଭେଟିବୁ
ଆକାଶ ରାଇଜେ
ଟିକିଟିକି ତୂଆ ସାଥୀ,
ଫେରିଲାବେଳକୁ
ଠିକଣା ଆଣିବୁ
ପଠାଇବି ତାଙ୍କୁ ଚିଠି,
ସଅଳ ଆସିବୁ ଫେରି କାଠ ଘୋଡ଼ା
ମନଖୁସି କରି ପାଣି ପି' । (ତିନି)

*****

ତା ୧୦ଫେବୃୟାରୀ୧୯୭୩
ମହିପାଳ

Digitized by srujanika@gmail.com

୮୮

ମଣିଷ ହେବି ରେ ମଣିଷ ହେବି

ମଣିଷ ହେବି ରେ ମଣିଷ ହେବି,
ମଣିଷ ହେବି ରେ ମଣିଷ ହେବି,
ପାଠ ପଢ଼ିବି,
ଦେଶ ଗଢ଼ିବି,
ବୀର ସଇନିକ ବେଶ ସାଜିବିରେ
ଦେଶର ବଇରୀ ସଙ୍ଗେ ଲଢ଼ିବି,
ନୀଳ ଆକାଶର ବୁକେ ଉଡ଼ିବି,
ଗିରି ହିମାଚଳ ଶିରେ ଚଢ଼ିବି,
ମଣିଷ ହେବି ରେ ମଣିଷ ହେବି,
ମଣିଷ ହେବିରେ ମଣିଷ ହେବି । (ଏକ)

ମଣିଷ ହେବିରେ ମଣିଷ ହେବି,
ଭେଦଭାବ ମୋର ମନୁ ତଡ଼ିବି
କାନ୍ଧରେ କାନ୍ଧକୁ ମିଳାଇ ଦେବି
ବୀର ଜନନୀର ସନ୍ତାନ ହେବି,
ଦେଶବାସୀ ମନୁ ଭୟ ତଡ଼ିବି,
ପାଠ ପଢ଼ିବି,
ଦେଶ ଗଢ଼ିବି,
ମଣିଷ ହେବି ମୁଁ
ମଣିଷ ହେବି ।
ମଣିଷ ହେବି ରେ ମଣିଷ ହେବି,(ଦୁଇ)

ମଣିଷ ହେବି ରେ
ମଣିଷ ହେବି

Digitized by srujanika@gmail.com

ପାଠ ପଢ଼ିବି,
ଜାତି ଗଢ଼ିବି,
ହତାଶ ମନରେ ଆଶା ଯୋଡ଼ିବି,
ଗ୍ରହ ଉପଗ୍ରହେ ଯାଇ ଉଡ଼ିବି,
ସାରା ଦୁନିଆଁର ମଣିଷ ଜାତି,
କେହିବା ମୋହର ପର ନୁହନ୍ତି,
ଦେଶ ଜାତି ପାଇଁ ଜୀବନ ଦେବି ।
ମଣିଷ ହେବି ରେ
ମଣିଷ ହେବି,(ତିନି)
ମଣିଷ ହେବି ମୁଁ ମଣିଷ ହେବି,
ପାଠ ପଢ଼ିବି,
ଦେଶ ଗଢ଼ିବି,
ଜାତି ଗଢ଼ିବି,
ଉଚ୍ଚେ ଉଡ଼ିବି,
ଯୁଦ୍ଧେ ଲଢ଼ିବି,
ଜୀବନ ପାଇଁ ମୁଁ ଜୀବନ ଦେବି,
ମଣିଷ ହେବି ମୁଁ ମଣିଷ ହେବି ।
ମଣିଷ ହେବି ରେ
ମଣିଷ ହେବି, (ଚାରି)

*****

ତା-୩୧ଜାନୁଆରୀ୧୯୭୪
ହାପିମେଳକ ଓଲ୍ଢ଼ି

Digitized by srujanika@gmail.com

୮୯

ସିଏ କେତେ ସୁନ୍ଦର

ସିଏ କେତେ ସୁନ୍ଦର...
ବଗିଚାରେ ଫୁଟାଏ ଯେ
କେତେ ରଙ୍ଗ ମନ୍ଦାର ।୦।
ସୁରୁଯ ଉଠଇ ଯେବେ
ହସି ହସି ପୁରୁବେ
ପଦୁଅଁ ଫୁଟଇ ତାକୁ
ଦେଖି ଦେଖି ଗରବେ,
ଆକାଶରେ ବୁଣିଦିଏ
କିଏ ନାଲି ସିନ୍ଦୂର,
ନିତି ନିତି କରୁଅଛି
ଯିଏ ଏତେ ଚୁନ୍ଦର
ସିଏ କେତେ ସୁନ୍ଦର ।୧।
ଆଷାଢ଼ ଆକାଶେ ଯେବେ
କଳାମେଘ ଘୋଟଇ,
ଘଡ଼ ଘଡ଼ ବାଇଦରେ
କାନଦିଏ ଫଟାଇ ।
ମୟୂର ନାଚଇ ତାଳେ,
ତାଳ ଦେଇ ମଧୁର
ନିତିନିତି କରୁଅଛି
ଯିଏ ଏତେ ଚୁନ୍ଦର
ସିଏ କେତେ ସୁନ୍ଦର ।୨।

ତା।୬ ଅପ୍ରେଲ ୨୦୦୭
ଉତ୍କଳଗଡ଼

*****

Digitized by srujanika@gmail.com

୯୦

ଜନମ ମାଟି ମୋର

ସହର ଠାରୁ ଅନେକ ଦୂରେ
ଜନମ ମାଟି ମୋର
ଆଶିଷ ବାରି ଢାଳିବା ପାଇଁ
ଡାକେ ସେ ବାର ବାର (ପଦ)

ତା'ର ନଦୀର ଦରପଣରେ
ସରଗ ଦେଖେ ମୁଖ,
ସୁନା ଫସଲ ବିଛାଇ ଦିଏ
ସେ ତାର ବିଲ ଯାକ,
କାଶତଣ୍ଡିର ଧବଳ ହସେ
ହସଇ ନଈ କୂଳ (ଏକ)

ସୂରୂଯ ଗଲେ ସଞ୍ଜ ନଇଁଲେ
ଅନ୍ଧାର ଆସେ ଘୋଟି,
ଚଉରା ମୂଳେ ନୂଆ ବୋହୂଟି
ଜାଳଇ ସଞ୍ଜ ବତୀ,
ଗାଁ ମୁଣ୍ଡରୁ ଭାସି ଆସଇ
ଘଣ୍ଟ ଘଣ୍ଟାର ସ୍ୱର ।(ଦୁଇ)

ବିଲରୁ ଆସି ହାତପା' ଧୋଇ
ଭାଗ'ତ ହୁଏ ପଢ଼ା
ପରବ ଦିନେ ହସଖୁସିରେ
ମାତେ ଗାଁଟା ସାରା

Digitized by srujanika@gmail.com

ପଡ଼ୋଶୀ ଦୁଃଖ ବାଣ୍ଟି ନେବାକୁ
ପଡ଼ିଶା ଆଗଭର ।(ତିନି)

ଏବେ ଶୁଣୁଛି ଗାଁ ଭିତରେ
ଜଳେ ବିଜୁଳି ବତୀ
ସଂଜ ନଇଁଲେ ଟି.ଭି.ରେ ଦିଶେ
ସିନେମା କେତେ ଜାତି
ଭାଗ'ତ ଘରେ କ୍ଲବ ଚାଲେ
ରାଜନୀତିର ଗୋଳ । (ଚାରି)

ଆକାଶେ ସିନା ଚାନ୍ଦ ହସୁଛି
ଅନାଏଁ ନାହିଁ କେହି,
ଗାଁ ଟା ସାରା ଚରଚା ହୁଏ
ଭୋଟ ଦେବେ କାହିଁ ?
ଗାଁ ମନ୍ଦିର ପୂଜାରୀ କହେ
ବୋନସ ଦରକାର ।(ପାଞ୍ଚ)

*****

ତା ୮ ଅପ୍ରେଲ ୧୯୮୯
ରାଉରକେଲା

Digitized by srujanika@gmail.com

୯୧

କହିଦିଅ ସାଥୀ କହିଦିଅ ।

ସବୁ ଧରମକୁ ଗଢ଼ିଛି ଯିଏ
ତା ପାଇଁ ଆଉ କି ଧରମ ଥାଏ
କହିଦିଅ ସାଥୀ କହିଦିଅ ।
ଆନନ୍ଦ ସରବେ ବାଣ୍ଟିନିଅ ।
ସବୁ ମଣିଷତ
ଗୋଟିଏ ଜାତି
ଧରମ ନାଆଁରେ
କାହିଁ ଏ ରୀତି ?
ମଣିଷ କରିଛି
ରୀତି ଧରମ
ଧରମ ନାମରେ ଅନୁଶାସନ
କହିଦିଅ ସାଥୀ କହିଦିଅ ।
ଆନନ୍ଦ ସରବେ ବାଣ୍ଟିନିଅ । ୧।
ଠାକୁର ଯାହାକୁ
ଅଛନ୍ତି ଗଢ଼ି
ଜାଣେନା ସେ
ଭେଦଭାବ କାହାରି

ଜଳର ଧରମ
ତଳକୁ ଯିବା
ମଣିଷ ଧରମ
ପ୍ରାଣୀର ସେବା
କହିଦିଅ ସାଥୀ କହିଦିଅ ।
ଆନନ୍ଦ ସରବେ ବାଣ୍ଟିନିଅ । ୨।

Digitized by srujanika@gmail.com

ଆମେ ଭାରତର
ବୀର ସନ୍ତାନ
ଆମେ ଭାଇଭାଇ
ଆମେ ସମାନ
ଜୟ ଯବାନରେ
ଜୟ କିଷାନ
ଭାରତ ମାଆର
ରକ୍ଷିବାମାନ
କହିଦିଅ ସାଥୀ କହିଦିଅ ।
ଆନନ୍ଦ ସରବେ ବାଣ୍ଟିନିଅ । ୩।

*****

ତା୬ ମେ ୨୦୦୭
ରସୁଲଗଡ଼

Digitized by srujanika@gmail.com

୯୭

ବାହାବାହା କେମିତି ମଜା

ବାହାବାହା କେମିତି ମଜା. . .
ହୁଙ୍କା ଚୁଲେ ବସି ମୁଣ୍ଡକୁ ହଲାଇ
ରଙ୍ଗା ଏଣ୍ଡୁଅଟା ସାଜିଛି ରଜା (୦)

ଛତୁଛତା ମୁଣ୍ଡରେ ଟାଣି
ବେଙ୍ଗୁଲୀଟି ସାଜିଛି ରାଣୀ
ଛୋଟ ବେଙ୍ଗମାନେ ହୁଳହୁଳି ଦେଲେ
ବଡ଼ ବେଙ୍ଗମାନେ ବାଇଲେ ବାଜା ।(୧)

ଝିଙ୍କାରିଏ ଗୀତଗାଇଲେ
ଗଧମାନେ ପାଳି ଧଇଲେ
ବିରାଡ଼ି ଗଲେଣି ମାଛ ଧରିବାକୁ
ଓଧ ଭାଜୁଛନ୍ତି ମାଛର ଭଜା (୨)

ଷଣ୍ଢ ଗଲେ ନିମତା ଖାଇ
ପରଷନ୍ତି ବଳଦ ଯାଇ
ଡାଳେ ଡାଳେ ଗାଈ ନାଚ କରୁଛନ୍ତି
ବାଘ ବଜାଉଛି ତେଲିଙ୍ଗୀ ବାଜା (୩)

ହନୁ ବସି ଚିତର କରେ
ପେଚା ଆସି ମନ୍ତର ପଢ଼େ
ଛନ୍ଦା ପିମ୍ପୁଡ଼ିଏ ଭାର ବୋହି ବୋହି
ଅଣ୍ଟା ପିଠି ସବୁ ହେଲାଣି କୁଜା (୪)

Digitized by srujanika@gmail.com

ରଙ୍ଗା ରଙ୍ଗା ମୁଣ୍ଡ ହଲାଇ
ଆଉ ବସି ପାରିଲା ନାହିଁ
ଜୀବଜନ୍ତୁ ସବୁ ଗୋଡ଼ାଇ ଗଲେଣି
ତାଳିମାରି ପିଲେ କରିଲେ ମଜା (୫)

*****

ତା୬ ନଭେମ୍ବର ୧୯୮୭
ରାଉରକେଲା

Digitized by srujanika@gmail.com

ଆଧୁନିକ

Digitized by srujanika@gmail.com

Digitized by srujanika@gmail.com

୯୩

ମନଟା ଫୁଲ ପାଖୁଡ଼ା

ଯେତେ ଯେତେ ବୁଝାଇଲେ
ଭଙ୍ଗାମନ ବୁଝେନା,
ଯେତେ କରି ସିଝାଇଲେ
ପଥର ତ ସିଝେନା, ।(ପଦ)

ମନଟା ଫୁଲ ପାଖୁଡ଼ା
ଭାରି ସେ କୋମଳ,
ମନ ଭଲ ଥିଲେ ଫୁଟେ
ପ୍ରୀତିର କମଳ,
ମନରେ ଲାଗିଲେ ନିଆଁ
ତୁଟେ ସବୁ ବାସନା । (ଦୁଇ)

ଏଇ ମନ ହସୁଥିଲେ
ହସେ ସାରା ଜଗତ
ଏଇ ମନ ଖୁସି ଥିଲେ
ବାସେ ସାରା ମରତ
ମନଫୁଲ କେବେ ବାସେ
କେବେ-ଦିଏ ଯାତନା । (ତିନି)

*****

ତା ୬ ଅପ୍ରେଲ ୧୯୭୮
ଗଜପିତି

Digitized by srujanika@gmail.com

୯୪

ଯଉବନ ହେଲା ଏକ

ଯଉବନ ହେଲା ଏକ ଉଚ୍ଛୁଳା ନଈ,
ପବନ ବହିଲେ ଯାଏ
ବାର ବାର କୂଳଡେଇଁ ।(ପଦ)

ଭାସିଯାଏ ସେ ନଈରେ
କଳପନା ନାଆ କେତେ,
ସୁନେଲୀ ଅଝାଳ ଟାଣି
କାଉଁରୀ ଦେଶକୁ ସତେ,
ଉଚ୍ଛୁଳି ପଡ଼ିଲେ ନଈ
ନ ମାନିବ କୂଳ କାହିଁ । (ଏକ)

କେବେ ନଈ କୂଳ ଡେଇଁ
ଚାଲେ ମାଡ଼ି ଅମାନିଆଁ,
ଯେଉଁପରି ଯଉବନ
ମାନେନା ବନ୍ଧନ ଯାହା,
ବହି ଚାଲିଥିଲେ ନଈ
ସାଗର ପାରିବ ଛୁଇଁ । (ଦୁଇ)

*****

ତା-୪ଏପ୍ରିଲ୧୯୮୬
ସରକାରୀ କଲେଜ,ପାନପୋଷ ।

Digitized by srujanika@gmail.com

୯୪

ଏବେ ବି ଦେଖୁଛ ଯାହା

କାହିଁକି ବା ପଚାରୁଛ
 ମୋତେ ମୋର ପରିଚୟ,
କରିଛି ଜୀବନ ସାରା
 ତୁଚ୍ଛା ଖାଲି ଅଭିନୟ ।(ପଦ)

ଅଭିନୟ କରି କେତେ
 ହସିଛି ମୁଁ ଖୋଲା ହସ,
ଆଖିରେ ଭରି ଶ୍ରାବଣ,
 ମୁହଁରେ ଭରି ଉଆଁସ
ତିଳେ ତିଳେ କରିଛି ମୁଁ
 ଜୀବନକୁ ଅପଚୟ । (ଏକ)

କେତେ କେ ଚାହିଁଛି ମୋତେ
 ଅମାପ ଭରସା କରି,
ଦେଇନି ଭରସା କା'ରେ
 ନିଜେ ମୁଁ ଯାଇଛି ହାରି
ଏବେ ବି ଦେଖୁଛ ଯାହା
 ସିଏ ମୋର ଅଭିନୟ । (ଦୁଇ)

*****

୨୦ନଭେମ୍ବର୧୯୮୨
ରାଉରକେଲା-୩

Digitized by srujanika@gmail.com

୯୬

ଚାହିଁଥିବି ରହି ଦୂରେ

ଶେଷ ଗୀତଟିକୁ ମୋର ଗାଇବି କି ଗାଇବିନି
ଶେଷ କଥା ପଦ ଟିକୁ କହିବି କି କହିବିନି ।(ପଦ)

ଅତୀତ କୁ ଆଣିବିନି
ଆଉ ମୁଁ ବରଣ କରି,
ଗୁନ୍ଥିବି ନାହିଁ ଆଉ
ମାଳତୀକୁ ମାଳା କରି
ଯାଇଅଛି ଯାହା ସବୁ
କିଛି ମନେ ଧରିବିନି । (ଏକ)

ହଜି ସେ ଯାଇଛି କାହିଁ
ଅତୀତର ଆଇନାରେ,
ପରାଣ ମଇନା ମୋର
ତା' କଥା ଗାଇ ଝୁରେ
ଭୁଲି ଯିବି ଭାବୁଛି ମୁଁ
କିଛି ଆଉ କହିବିନି । (ଦୁଇ)

ଭାଙ୍ଗିଯିବ ଦେଲେ ଡାକ
କଅଁଳ ସପନ ତା'ର
ଝୁରିହେବ ତା'ମରମ
ଶୁଣି ଶେଷ ଗୀତ ମୋର
ଚାହିଁଥିବି ରହି ଦୂରେ
ମନେ ତା'ବ୍ୟଥା ଦେବିନି । (ତିନି)

*****

Digitized by srujanika@gmail.com

୯୭

ଗଲେ ଭାଙ୍ଗି ଥରେ ମନ

ଗଲେ ଚାଲି ଯଉବନ
ଫେରି ଆସେନା
ଗଲେ ଭାଙ୍ଗି ଥରେ ମନ
ତୁଟେ ବାସନା ।୦।

ଜୀବ ଯେବେ ଯାଏ ଛାଡ଼ି
ଏ ମାଟିର ଘଟ
ବୁଡ଼ିଲେ ପୀରତି ନାଆ
ପ୍ରାଣ ଛଟପଟ
ଫୁଲ ଥରେ ଗଲେ ଝଡ଼ି
ମଉଳେ ସିନା ।୧।

ମନ ଦେଇ ନ ପାଇଲେ
ଉହଳ ବିକଳ
ନ ବୁଝି ପୀରତି କଲେ
ବିଷମ ତା'ଫଳ
କଥା ଥରେ ଗଲେ ଖସି
ଫେରି ପାରେନା ।୨।

*****

ତା-୩୦ନଭେମ୍ବର୧୯୭୪
ମହିପାଳ

Digitized by srujanika@gmail.com

୯୮

ଜୀବନରେ ଯଉବନ

ବହୁ ଦିନ ପରେ ଆଜି
ଆସିଛି ହୋଲି
ଫଗୁଣ ଦେଇଛି ଫୁଲ
ପସରା ମେଲି ।୦।
ପବନରେ ଭରିଅଛି
ମଳୟ ବାସ
ଜୀବନରେ ମହକୁଛି
ଭରା ସୁବାସ
ନୂଆ ବେଶ ସାଜି ଧରା
ହସୁଛି ଖାଲି (୧)
ପରାଣେ ଭରିଛି କେତେ
ନବ କାମନା
ରାସେ-ରସେ ରାସେଶ୍ୱରୀ
ସାଥିରେ କାହ୍ନା
ମଦନ ଦେଇଛି ତାର
ସଦନ ଖୋଲି (୨)
ମାଖୁଛି ଅବିର ପ୍ରିୟ
ମୁଖରେ ଧୀରା
ଯୁଗଳ ଜୀବନେ ଖେଳେ
ପ୍ରୀତି ମଦିରା
ଜୀବନରେ ଯଉବନ
ଖେଳୁଛି ଦୋଳି (୩)

ତା-୧୯ଜୁନ୍୨୦୦୩
ରାଉରକେଲା-୨

*****

Digitized by srujanika@gmail.com

୯୯

ଝିଲିମିଲି ତାରା ଆକାଶେ ଡାକିଲା

ଝିଲିମିଲି ତାରା ଆକାଶେ ଡାକିଲା
ଆସନା ଗୋ ତୁମେ ଆସନା
ସୁଖର ସପନେ ହଜିଯିବା ଆମେ
ଆସି ଥରେ ପାଶେ ବସନା । (ପଦ)
ଅଳାଜୁକ ସେହି ଦୂରର ପାହାଡ଼
କାହିଁ ପାଇଁ ଡାକି ନେଉଛି...
ନାଲି ଗୁଲୁଗୁଲୁ ଓଠେ ଛୁଇଁବାକୁ
ଇସାରାରେ କିବା କହୁଛି
ସତେ ଅବା ସିଏ ଚାହୁଁଛି,
ପାହଡ଼ର ସେହି ନୀଳିମା କୁ ଭୁଲି
ଆସି ତୁମେ ପାଶେ ଆସନା,(୧)

ଲାଜୁଆ ସଞ୍ଜ ଲୁଚି ଲୁଚି ଗଲା
ରାତିର ପଣତ କାନିରେ
ତୁମେତ ବସିଛ ବଉଦ ଉହାଡ଼େ
ଲାଜେ ଲାଜେ ତୁନି ତୁନିରେ
ବଉଦ ଫାଙ୍କେ ଲୁଚୁକାଳି ଖେଳ
ଖେଳିବାକୁ ନାହିଁ ବାସନା ।
ଆସି ଥରେ ପାଶେ ବସନା (୨)

*****

ତା ୨୬ ଅପ୍ରେଲ ୧୯୮୬
ରାଉରକେଲା

Digitized by srujanika@gmail.com

୧୦୦

ହଜିଲା ଦିନର ଗତ ଜୀବନର

ହଜିଲା ଦିନର ଖୋଜିଲା ସ୍ମୃତିକୁ
ଆଜି ମୁଁ ଚାହିଁଛି ବସି
ଜୀବନଟା ଖାଲି ଖୋଜି ବିତିଗଲା
ମନଫୁଲ ହେଲା ବାସି (୦)

ଦୁନିଆକୁ କେତେ ଆପଣାର କଲି
ଜୀବନ ଲଗାଇ ବାଜି
କଉତୁକେ କେତେ ଖେଳ ଖେଳିଥିଲି
ଆପେ ଯାଇଥିଲି ହଜି
ଜୀବନ ନଉକା ତୀର ଛୁଇଁଲାନି
ଯାଉଅଛି ସିନା ଭାସି (୧)

ବାରୁଣୀ ଆକାଶ ହସି ଉଠିଲାଣି
ମଙ୍ଗୁଆଳ ଦିଏ ଡାକ
ଉପରେ ଉଠିବା ଆଶା ଆଉନାହିଁ
ନାହିଁ ଖସିବା ଆତଙ୍କ
ହଜିଲା ଦିନର ଗତ ଜୀବନର
ଅଙ୍କ କଷୁଅଛି ହସି ।(୨)

*****

ତା ୬ ଅପ୍ରେଲ ୧୯୯୯
ରାଉରକେଲା

Digitized by srujanika@gmail.com

୧୦୧

ସପନ ଦେଖାର ମଜରା ତୁଟିନି

ସପନ ଦେଖାର ମଜରା ତୁଟିନି
 ରାତି ତ ଗଲାଣି ପାହି
ଜୀବନ ନଦୀ ମୋ ସାଗର ଛୁଇଁନି
 ଆସିଗଲା ମରୁଭୂଇଁ ।(୦)

ନିଦାଘରେ ସିଝିଥିଲି
 ବରଷା ଆସିବ ବୋଲି
ଶିଶିରରେ ଭିଜିଥିଲି
 ବସନ୍ତ ର ଆଶାମେଲି
ବରଷା ବସନ୍ତ କାହିଁକି ଖୋଜିବି
 ଆଶା ଖାଲି ମଲାନଈ (୧)

ଶୁଖିଗଲା ସେ ଝରଣା
 ଆଉକି ଝରିବ ଝର
ଦେଖିଲା ଦେଖିଲା ମୁହଁ
 ହଜିହେଲା ସାତପର
ହତାଶ ବତାସ ବହି ଚାଲୁଅଛି
 କୂଳକି ପାରିବି ଛୁଇଁ ?(୨)

*****

ତା ୬ ଅପ୍ରେଲ ୧୯୯୮
ରାଉରକେଲା

Digitized by srujanika@gmail.com

୧୦୨

ଚନ୍ଦ୍ର ଆସିଛି ବୟସୀ ରାତିର

ଚନ୍ଦ୍ର ଆସିଛି ବୟସୀ ରାତିର
କପାଳରେ ଦାଗ ଦେଇ ,
ସଜ ବିଧବାର ଝାଉଁଳା ମୁଖକୁ
ଉଚ୍ଛଳା ଲୁହରେ ଧୋଇ ।୦।

ପାହିବାକୁ ରାତି ଅଛି କେତେକାଳ
ଦିନ ରହିଗଲା ଦୂରେ
ଦୁଃଖେ ଚକୋରୀ ଆନମନା ହୁଏ
ଅନ୍ଧାର ଆକାଶରେ
ମଉଳା ଚନ୍ଦ୍ର ସାରା ଗଗନର
କାଳିମା ପାରେ କି ଧୋଇ?(୧)

ଚନ୍ଦ୍ର ସେ ଦିନ କଥା ଦେଇଥିଲା
ହସାଇବ ଦୁନିଆକୁ
କୁଆଁରୀ ଆଖିରେ ସପନ ସଜାଇ
ଲପନ ଭିଜାଇବାକୁ
ସମୟ ବିତିଲା ମରା ଆଖିଲୁହେ
ପଲକ ଗଲା ହଜାଇ ।(୨)

*****

ତା୧୩-ଜୁଲାଇ୨୦୦୩
ରସୁଲଗଡ଼

Digitized by srujanika@gmail.com

୧୦୩

ଜହ୍ନ ହସେ ଖିଲି ଖିଲି

ଜହ୍ନ ହସେ ଖିଲି ଖିଲି
　　　　ଅଲିଅଳି ଝିଅ ପରି,
ଭସା ବାଦଲର କୋଳେ
　　　　ଖେଳେ ସତେ ଲୁଚକାଳି ।୦।

ଓଢ଼ଣା ତା'କେବେ ଖସେ
　　　　ଚାନ୍ଦମୁଖ ଫୁଟି ଦିଶେ
କଳା କେଶ ଗହଳରେ
　　　　ମୁହଁକୁ ଲୁଚାଇ ବସେ
ଚାନ୍ଦ କେବେ ବନ୍ଦୀହୁଏ
　　　　ପାଗଳା ଭ୍ରମର ପରି ।୧।

ଲାଜକୁଳି ଝିଅ ପରି
　　　　ଥିର ହୋଇ ଚାହେଁ କେବେ
ଖୁମାଣି ପରି ସେ କେବେ
　　　　ମୁହଁକୁ ଫୁଲାଇ ଭାବେ
ତା ଚାହାଣି ଦିଏ ହାଣି
　　　　ଫୁଲର ଗଜରା ଧରି ।୨।

*****

ତା ୧୨ ଅଗଷ୍ଟ ୨୦୦୩
ରସୁଲଗଡ଼

Digitized by srujanika@gmail.com

୧୦୪

ପୁନେଇ ରାତିରେ ସପନ ଦେଖିଲି

ପୁନେଇ ରାତିରେ ସପନ ଦେଖିଲି
ଜହ୍ନ ଯାଇଛି ହଜି
ସାଗର ଆକାଶ ସବୁଠି ବୁଲିଲି
ନ ପାଇଲି ତାକୁ ଖୋଜି ।୦।

ସାରା ଆକାଶଟା ଆଲୁଅରେ ଭରା
ଜହ୍ନ ନ ଥିଲା କାହିଁ
ସାଗର ତା ବୁକେ ଢେଉ ଖେଳୁଥିଲା
ବୀଚି ଉତାଳ ହୋଇ
ଚକୋର ଚକୋରୀ କହି କହି ଗଲେ
ଜହ୍ନ ଲୁଚିଛି ଆଜି ।୧।

ଅଳିଅଳି ଜହ୍ନ ମାନମାରି ସିନା
ଖିଲି ଖିଲି ହସିଗଲା
ବୟସୀ ଜହ୍ନ ଉଆଁସୀ ନଜରେ
ଓଢ଼ଣା ପକାଇଥିଲା
ବୁଲି ମୁଁ ଦେଖିଲି ମୋ ଘରେ ଜହ୍ନ
ଲୁଚିଅଛି ଆଖି ବୁଜି ।୨।

* * * * *

ତା ୧୯ଜାନୁଆରୀ୨୦୦୪
ରାଉରକେଲା

Digitized by srujanika@gmail.com

୧୦୫

ଝରିଲା ଫୁଲ ବାସନା

ମାଗିଲି ଚେନାଏ ହସ
        ଦେଲୁ ତୁ ଆଖିଏ ଲୁହ
ମାଗିଲି ଟିକିଏ ସ୍ନେହ
        ଉପହାର ଦେଲୁ କୋହ ।୦।

ବାନ୍ଧିଲେ ଆଶା କେତେ
        ବାନ୍ଧିବା ଘରଟିଏ
ବାନ୍ଧିଲେ ନାହିଁ ତ ଘର
        ଲୋକହସା କଲା କିଏ ?
ନ କହି ମନର କଥା
        ଡାକିଲୁ ବେଦନା ସୁଅ ।୧।

ଝରା ଶ୍ରାବଣରେ ପାଶେ
        ଥିଲେ ତୁହି ହସୁଥାଉ
ଆଜି ଏ ଫଗୁଣ ସଂଗେ
        ମନ ଛଳେ ଦାଉ ଦାଉ
ଝରିଲା ଫୁଲ ବାସନା
        ମନେ କି ଲେପିବ ମୋହ । ୨।

*****

ତା ୮ଅପ୍ରେଲ ୧୯୮୧
ବରଗଡ଼

Digitized by srujanika@gmail.com

୧୦୬

କିନ୍ତୁ ଏ ଜୀବନ ଆହା

ଜୀବନରେ କିଏ କେତେ
କରିନାହିଁ ଅଭିନୟ
କେହି କହେ ନାହିଁ ଖୋଲି
ତାର ସତ ପରିଚୟ ।୦।

କୁଆଁରୀ ସପନ ହୋଇ
ଦିଏ କେ ଭରସା କେତେ,
ଜୀବନେ ଦେବାକୁ ଭରି
ଫଗୁଣ ସୁରଭି ଯେତେ
ସପନ କୁମାର ହୋଇ
କରି କେତେ ଅଭିନୟ ।୧।

ପରିଚୟ ଦେବା ପାଇଁ
ଚାଲେ ନିତି ଅଭିନୟ,
ଅଭିନୟ ନୁହେ ସେ'ତ
ସମୟର ଅପଚୟ
କିନ୍ତୁ ଏ ଜୀବନ ଆହା
ତୁଚ୍ଛା ଖାଲି ଅଭିନୟ । ୨।

*****

ତା ୧୭ ଜାନୁଆରୀ ୧୯୯୮
ରାଉରକେଲା-୨

Digitized by srujanika@gmail.com

୧୦୭

ହଜିଲା ଦିନର ସ୍ମୃତି

ବଇଶାଖୀ ନୂଆ ମେଘେ
ଭିଜିବାକୁ ଭଲଲାଗେ,
ଭିଜା ଭିଜା ଭାବନାରେ
ହଜିବାକୁ ଭଲଲାଗେ ।(୦)

ଭଲଲାଗେ ନୂଆ ମେଘେ
ଭିଜା ଭିଜା ମାଟି ବାସ
ଭଲଲାଗେ ଫୁଲପରି
କୁଆଁରୀ ମୁହଁରେ ହସ
ଅନେକ ପ୍ରତୀକ୍ଷା ପରେ
ଦେଖା ହେଲେ ଭଲଲାଗେ (୧)

ଭାରି ଭଲଲାଗେ ସତେ
ନବବଧୂ ଅଭିମାନ
ସତେ ଅବା ଭସା ମେଘ
ଉହାଡ଼େ ଲୁଚେଇ ଚହ୍ନ
ହଜିଲା ଦିନର ସ୍ମୃତି
ଖୋଜିବାକୁ ଭଲଲାଗେ (୨)

*****

ତା ୬ ଅପ୍ରେଲ ୨୦୦୨
ରାଉରକେଲା

Digitized by srujanika@gmail.com

୧୦୮

ଚାଲ ମିଶି ଗାଇଯିବା

ମୋ ମନରେ ଲେଖିଗଲୁ
ତୋ' ମନର କବିତା
ମୋ କାନରେ କହିଲୁତୁ
ତୋ ମନର ବାରତା (୦)

ତୋ ଚାହାଣି ଭରିଦେଲା
ମୋ ଜୀବନେ ସପନ
ତୋ ଭାଷାରେ ଭରିଗଲା
ମୋ ମରମେ ଦହନ
ଦୁଇଟି ମନରେ ଜଳେ
ଏକ ପ୍ରୀତି ସଳିତା (୧)

ସମୀରଣ ବୋଲି ଦେଲା
ଜୀବନରେ ସୁରଭି
ମୋ ମନ ବନରେ ଫୁଟେ
ହୋଇ ପ୍ରୀତି କରବୀ
ଚାଲ ମିଶି ଗାଇଯିବା
ଫଗୁଣର କବିତା (୨)

*****

ତା ୬ ଅପ୍ରେଲ ୨୦୦୬
ରସୁଲଗଡ଼

Digitized by srujanika@gmail.com

୧୦୯

ଦୁହେଁ ମିଶିଲେ ହୁଏ କବିତା

ଆଖି ବୁଝେନା ମନର କଥା
ଆଖି ବୁଝେନା ମନର ବ୍ୟଥା ।୦।

ହୃଦ ପଥର ତରଳି ଯାଏ
ସେ'ତ ଆଖିଲୁହ ହୋଇ ବହେ
କେତେ ମନର କାହାଣୀ କହେ
ମନ ନଦୀ ଲୁହ ହୋଇ ବହେ
ଆଖି ଆଖିରେ ଦିଏ ବାରତା ।୧।

ଆଖି ମନର ଅସୁଖା ଝର
ହୃଦ ଏକ ନୀଳ ପାରାବାର
ହୃଦ ସାଗରେ ମିଳିବାପାଇଁ
ଆଖି ଲୁହ ରୂପେ ଯାଏ ବହି
ଦୁହେଁ ମିଶିଲେ ହୁଏ କବିତା ।୨ ।

*****

ତା୧୭ସେପ୍ଟେମ୍ବର୨୦୦୩
ରାଉରକେଲା

Digitized by srujanika@gmail.com

୧୧୦

ଆଖି ବୁଝିପାରେ ମନ କୋହ

ଆଖି ବୁଝିପାରେ ମନ କୋହ
ଏଣୁ ଢାଳି ଦେଉଥାଏ ଲୁହ ।୦।

ଆଖି ସାଗରର ନୀଳ ଢେଉ
ଆଖି ଜୀବନ ଫୁଲର ମହୁ
ଆଖି ବାନ୍ଧିପାରେ ମନେ ମନ
ଆଖି ହୃଦୟ କରେ ଉଛନ
ଆଖି ଆଖିର ଅସରା ମୋହ ।୧।

ସଚ୍ଚ ମନକୁ ଭିଜାଇ ପାରେ
ଭିଜା ମନକୁ ସଜାଇ ପାରେ
ଭସା ବାଦଲରେ କହେ କଥା
ନୂଆ ବରଷାରେ ଦିଏ ବ୍ୟଥା
ସେତ ଅସରା ଝରଣା ସୁଅ ।୨।

*****

ତା ୨୧ ଜୁଲାଇ ୦୩
ରାଉରକେଲା

Digitized by srujanika@gmail.com

୧୧୧

ସବୁବେଳେ ମନଲାଖି

ସବୁବେଳେ ମନଲାଖି
ଦରବ ତ ମିଳେ ନାହିଁ
ମନ ମତୁଆଲା ଘୋଡ଼ା
ମନତ ଦୁହାଁଳ ଗାଈ ।ପଦ।

କାହା ମନ ଚାହେଁନାହିଁ
ହସିଖେଳି ବୁଲିବାକୁ
ସପନ ସାଗରେ ଭାସି
ନନ୍ଦନେ ଖେଳିବାକୁ
ମନ ଯାହା ଚାହୁଁଥାଏ
ସବୁବେଳେ ମିଳେ ନାହିଁ ।୧।

ମନ ପାଇବାକୁ ହେଲେ
ଦେଇପାରେ ଯିଏ ମନ
ମନ ସାଥେ ଆଣିପାରେ
ମନର ଅଭୁଲା ଧନ
ନ ଦେଇ କିଛି ଯେ ଖାଲି
ପାଇବାକୁ ହାଇଁପାଇଁ ।୨।

*****

ତା ୬ ଅପ୍ରେଲ ୨୦୦୬
ରଘୁଇଗଡ଼

Digitized by srujanika@gmail.com

୧୧୭

ଫୁଲ ଦେବ ବୋଲି ଆଶା ଦେଇଥିଲ

ଫୁଲ ଦେବ ବୋଲି ଆଶା ଦେଇଥିଲ
          ଶେଷେ ଧରାଇଲ କଣ୍ଟା
କଣ୍ଠେ ମାଳାକରି ନେବ କହିଥିଲ
          ଉପହାର ଦେଲ ଖୁଣ୍ଟା ।୦।

ବସନ୍ତ ସକାଳେ ଦେଖାହେବ କହି
          ଶ୍ରାବଣେ ଆସିଲ ଚାଲି
ଶୀତ ରଜନୀର ସାଥି ହେବ କହି
          ହେଲ ବଇଶାଖ ବାଲି
ଆଶା ମରୀଚିକା ପଛରେ ଧାଇଁଛି
          ମହୁ ପାଲଟିଲା ଖଟା । ୧।

କଥାରେ ହତାଶ ମନରେ ବତାସ
          ତୁମେ ହେଲ ଚୋରା ବାଲି
ମନର ନଦୀରେ ଅକୂଳରେ ଭାସି
          ପ୍ରୀତି ପାଗଳିନୀ ହେଲି
ପୀରତି ଯମୁନା ଉଛୁଳି ପଡୁନି
          ଜୀବନେ ଆସିଛି ଭଟା ।୨।

*****

ତା।୧୮ ଅପ୍ରେଲ ୨୦୦୭
ରସୁଲଗଡ଼

Digitized by srujanika@gmail.com

୧୧୩

ଝରା ପତରରେ ଚିଠି ଲେଖିଥିଲି

ଝରା ପତରରେ ଚିଠି ଲେଖିଥିଲି
ହଜିଲା ଦିନର ବନ୍ଧୁପାଇଁ
ଧାରା ଶିରାବଣେ ଲୁହ ଢାଳିଥିଲି
ଲିଭିଲା ଦିନର ଇନ୍ଦୁ ପାଇଁ ।୦।

ଚିଠିଗଲା ବତାସର
ଅମାନିଆଁ ପବନରେ
ଲୁହଗଲା ନଦୀହୋଇ
ମିଶିବାକୁ ସାଗରରେ
ଆଜି ମୁଁ ବସିଛି ପାଷାଣ ବୁକୁରେ
ଭାବନାର ଏକ ସିନ୍ଧୁ ନେଇ ।୧।

ବୁଲାଇ ସପନ ଦେଶେ
ଚଢ଼ି ଆଶାର ବୋଇତ
ଦେଇଥିଲେ କଥା ଯିଏ
ତୋଳିଦେବେ ପାରିଜାତ
ହଜା ସପନକୁ ହେଜି ହୁଏ ଆଜି
ହଜିଗଲା ମୋର ନିଦ କାହିଁ।୨।

*****

ତା।୬ ଅଗଷ୍ଟ ୧୯୭୮
ବାଣୀବିହାର

Digitized by srujanika@gmail.com

୧୧୪

ଜୀବନ ହସ-ଦୀପରୁ

ଜୀବନ ହସ-ଦୀପରୁ
ତେଲ ମୋର ଯାଇଛି ସରି
ସଳିତାଟା ଖାଲି ଯାହା
ଶୁଖିଲାରେ ରହିଛି ପଡ଼ି ।୦।

ଗାଇବାକୁ ବସିଥିଲି
ବୀଣା ତାର ଦେଲି ଛିଡ଼ାଇ
ପାଇବାକୁ ଆସିଥିଲି
ଫେରିଗଲି ହଜାଇ ଦେଇ
ଫଗୁଣକୁ ଚାହିଁ ଚାହିଁ
ଶ୍ରାବଣଟା ଆସିଲା ଚାଲି ।୧।

ମଙ୍ଗଳ ସାହାନାଇ
ପ୍ରଭାତରୁ ବାଜିବ ବୋଲି
ବୁଲୁଥିଲି ପୁଲକରେ
ଫୁଲଟିଏ ପାଇବି ବୋଲି
ବତାସଟା ଧାଇଁ ଆସି
ପ୍ରଭାତରେ ବୋଲିଲା କାଳି ।୨।

*****

ତା୬ ଅପ୍ରେଲ ୧୯୮୦
କୁଚଙ୍ଗ

Digitized by srujanika@gmail.com

୧୧୫

ଏତେଦିନ ପରେ ଯେବେ

ଏତେଦିନ ପରେ ଯେବେ
ଅଚାନକ ଦେଖା ହେଲା
ମିଛ ଖାଲି ଲୁହ ଢଳା
ପ୍ରାଣ ବିକା ଜଣାଗଲା ।୦।

ରଙ୍ଗୀନ ସପନ ଯେତେ
କାଳିମାରେ ଗଲା ମିଶି
ଜୀବନ ଫସଲ ଯାହା
ସପନରେ ଗଲା ଭାସି
ସେ ଆଗ ଦିନର କଥା
ଭାବନାରେ ବଣା ହେଲା ।୧।

ଆଶା ପାରିଜାତ ଆମ
ଗଲା ମଉଳି ମଉଳି
ଅମାନିଆ ମନ ଫୁଲ
ଏବେ ପଡ଼ିନି ଝାଉଁଳି
କେତେ ତୁମେ ଭଲପାଅ
ଏଇଥିରୁ ଜଣାଗଲା ।୨।

*****

ତା.୬ ଅପ୍ରେଲ ୧୯୭୯
ଭୁବନେଶ୍ୱର

Digitized by srujanika@gmail.com

୧୧୬

ତୁମେ ଗାଇଥିଲ ମେଘ ମହ୍ଲାର

ତୁମେ ଗାଇଥିଲ ମେଘ ମହ୍ଲାର
　　　　ମୋ ମନ ଶ୍ରାବଣ ପାଇଁ
କେମିତି କହିଲ ତୁମ ସାଥେ ମୋର
　　　　ପରିଚୟ କିଛି ନାହିଁ।୦।

ମୋ ମରୁ ଦେହରେ ତୁମ ବାରିଧାରା
ଛାଇ ଦେଇଥିଲା ସେନେହ ପସରା
ସେଥିପାଇଁ ସିନା ମୋ ଭିତରେ ତୁମେ
　　　　ଆଜି ବି ରହିଛି ଛିଇ ।୧।

ତୁମେ ଚଖାଇଲ ସରଗ ପୀୟୂଷ
ତୁମେ ଭରିଦେଲ ଏ ଜୀବନେ ହସ
ସେଇ ଦିନଠାରୁ ତୁମ ପରିଚୟ
　　　　ମନେଭାସେ ସ୍ମୃତି ହୋଇ । ୨।

*****

ତା ୩୦ଅଗଷ୍ଟ୧୯୭୩
କେନ୍ଦ୍ରାପଡ଼ା

Digitized by srujanika@gmail.com

୧୧୭

ହସିଲା ସୂରୁଯ ନାଲିଆ ଟୋପାଟି

ହସିଲା ସୂରୁଯ ନାଲିଆ ଟୋପାଟି
　　　　ଦିଶୁଥାଏ କେଡ଼େ ସୁନ୍ଦର ଏକା
ତାଠାରୁ ସୁନ୍ଦର ଟୋପାଏ ସିନ୍ଦୂର
　　　　ତୁମ କପାଳରେ ହୋଇଲେ ଅଙ୍କା ।୦।

ନାଲିଆ ସୂରୁଯ ତାପ ହଜିଯାଏ
　　　　କଳାଶାଢ଼ୀ ଯେବେ ରଜନୀ ଟାଣେ
ତୁମ କଳାଶାଢ଼ୀ କଜଳ କବରୀ
　　　　ଶୋଭାରେ ସଜାଇ ମନକୁ କିଣେ
ତୁମ କଳା ଡୋଳା ଭୃରୁଲତା ସମ
　　　　କହ କିଏ ଆଉ ହୋଇବ ଲେଖା ।୧।

ମାନମୟୀ ଆଉ ମାନମାର ନାହିଁ
　　　　ତୁମ ଅଭିମାନ ଭାରି ସୁନ୍ଦର
ପୁରୁବ ଆକାଶେ ଚାନ୍ଦ ଉଇଁଲାଣି
　　　　ଚାଲ ଯିବା ସଖୀ ସାଗର କୂଳ
ଭାରି ମିଠା ତୁମ ଲାଜ ଲାଜ ମୁହଁ
　　　　ଆଉ କି ଜୀବନେ ପାଇବି ଏକା ।୨।

*****

ତା ୭ନଭେମ୍ବର୧୯୭୪
ପୁରୁଷୋତ୍ତମପୁର

Digitized by srujanika@gmail.com

୧୧୮

ମିଠା ମିଠା ସପନରେ

ମିଠା ମିଠା ସପନରେ ହଜିବାକୁ ଚାହେଁନି,
କଳପନା ଛବି ଦେଖି ମଜିବାକୁ ଚାହେଁନି
କୋଇଲିର ସ୍ବରେ ସ୍ବରେ ଭିଜିବାକୁ ଚାହେଁନି
କୁନି କୁନି ଜୋଛନାରେ ସାଜିବାକୁ ଚାହେଁନି ।
ଚାହେଁନିମୁଁ ବାସନ୍ତର
ମତାଣିଆ ଚାହାଣି ।୧।

ଟିକି ଟିକି ଦୀପ ଜାଳି
ତାରାରାଣୀ ହସଇ
ଗୁଣୁ ଗୁଣୁ ଗୀତେ ଅଳି
ଫୁଲ ମନ ତୋଷଇ
ଚାହେଁନି ମୁଁ ଶୁଣିବାକୁ
ସାଗରର ଗୀତିକା
ଚାହେଁନି ମୁଁ ଦେଖିବାକୁ
ଚାରୁ ବନ ବୀଥିକା
ଚାହେଁନିମୁଁ ଆକାଶର
ନୀଳିମାକୁ ଚାହେଁନି ।୨।

ତୁମକୁ ମୁଁ ସାଥେ ସାଥେ ଦେଖିବାକୁ ଚାହୁଁଛି
ସୁନେଲି ଓଢ଼ଣା ଟେକି ଆସ ବୋଲି କହୁଛି
ରଜନୀର କୁହୁକିନୀ ବେଶ ସାଥେ ଆସିବ
ମାୟାବିନୀ ରଜନୀରେ ଆସି ପାଶେ ବସିବ
ଚାହେଁନି ମୁଁ ଛଳନାର
ମଧୁଭରା ଚାହାଣି ।୩।

****

Digitized by srujanika@gmail.com

୧୧୯

ମୋ ପ୍ରିୟା ଅଧରୁ ରଙ୍ଗକୁ ନେଇ

ମୋ ପ୍ରିୟା ଅଧରୁ ରଙ୍ଗକୁ ନେଇ
କୃଷ୍ଣଚୂଡ଼ା ଟି ହସେ
ମୋ ପ୍ରିୟାର ମଧୁ ଗନ୍ଧକୁ ନେଇ
ମଲ୍ଲିକା ଆଜି ବାସେ ।୦।

ମୋ ପ୍ରିୟା କବରୀ ରଙ୍ଗକୁ ନେଇ
କଳା ମେଘ ଭାସିଯାଏ
ମୋ ପ୍ରିୟା ରମ୍ୟ କୁନ୍ତଳେ ଚାହିଁ
ଲହରୀ ଯେ ନାଚୁଥାଏ
ମୋ ପ୍ରିୟା ଚାଲିଲେ ଶତଦଳ ଫୁଟେ
ମଧୁ ସଉରଭ ରସେ । ୧।

ମୋ ପ୍ରିୟାର ସ୍ୱର ମାଧୁରିମା ନେଇ
କୋକିଳ ଯେ ଗୀତ ଗାଏ
ଚମ୍ପକ ପ୍ରିୟା ଅଙ୍ଗୁଳି ଦେଖି
ମରମେ ସରମି ଯାଏ ।
ମୋ ପ୍ରିୟା ହସିଲେ ମୁକୁତା ଝରଇ
ଚନ୍ଦ୍ର ତା' ଦେଖି ହସେ ।

*****

ତା ୨୭ମାର୍ଚ୍ଚ୧୯୭୪
କେନ୍ଦ୍ରାପଡ଼ା

Digitized by srujanika@gmail.com

୧୨୦

ମନେ ପଡ଼େ ଏ ଜୀବନେ ସଖୀଗୋ

ମନେ ପଡ଼େ ଏ ଜୀବନେ ସଖିଗୋ !
ତୁମର ସେ ଭିଜା ଭିଜା ଆଖି ଗୋ ।୦।

ସବୁଜ ଧରଣୀ ପରେ ମମତାର ରଙ୍ଗ ନେଇ
କେତେଥର ଚାହିଁଥିଲ ସଖିଗୋ !
ସୁନୀଳ ଆକାଶ ତଳେ ସେନେହର ତୁଳୀ ଧରି
କେତେଛବି ଯାଇଥିଲ ଆଙ୍କିଗୋ।
ମନେ ଥିଲା କଳପନା ସୁଅ
ହସରେ ଭିଜାଉଥିଲ ମୁହଁ
ସେ ନୀଳ ସାଗର କୂଳେ ପରାଣ ତରୀଟି ତୁମ
ହୋଇଥିଲା କେତେ ମନ ଲାଖିଗୋ ।୧।

ସୁନେଲି ଭାବନା ନେଇ କୁହୁକର ପୁଟ ଦେଇ
କେତେ କଥା ଯାଉଥିଲ କହି
ମନର ପରଦା ପରେ ଅଲିଭା ଦାଗଟି ପରି
ମରମରେ ଯାଇଥିଲା ରହି
ସମୟଟି ବଡ଼ ବଳବାନ
କଳପନା ତହୁଁ ସଇତାନ
ସପନ ରାଇଜ ଛାଡ଼ି,ଗୋପନେ ଯିବାର ଉଡ଼ି
ସେ ଦିନକୁ ଦେଖେ ନିରିମାଖି ଗୋ ।୨।

ତା ୫ ମାର୍ଚ୍ଚ ୧୯୭୪
କେନ୍ଦ୍ରାପଡ଼ା

*****

Digitized by srujanika@gmail.com

୧୬୧

ଦୁନିଆଁ ଆଖିରେ

ଦୁନିଆଁ ଆଖିରେ କଳଙ୍କିନୀ ଥିଲି
ତୁମେ କଲ ମୋତେ ଚନ୍ଦ୍ରମା,
ସବୁରି ଆଖିର ପାତକ ଛଡ଼ାଇ
ଜୀବନେ ଆଣିଲ ପୂର୍ଣ୍ଣିମା । ୦।

ଭିତର ରୂପ ମୋ ଦେଖିଲେନି କେହି
ରଟାଇଲେ ଅପନିନ୍ଦା,
କାହାକୁ କହିବି ଅନ୍ତର କଥା
କାହିଁ ନ ପାଇଲି ଫନ୍ଦା
ଅତୀତ ଜୀବନ ହାହାକାର ପାଇଁ
ତୁମେ ଆଣିଦେଲ ଗାରିମା ।୧।

କଳାଲାଗି ହେଲି କଳଙ୍କିନୀ ମୁଁ
ଦୁନିଆଁ ନ ପାରେ ବୁଝି,
ତୁମେ ବୁଝିଥିଲ କଳାର ମହତ
ଏ କଳାର ଭୋଜବାଜି,
କଳାର ମହକେ କାଳିମା ଛଡ଼ାଇ
ଜୀବନୁ ହରିଛ ଯାତନା ୨।

*****

୯ସେପ୍ଟେମ୍ବର୨୦୦୪
ରାଉରକେଲା

Digitized by srujanika@gmail.com

୧୨୨

ପ୍ରେମ ଯଦି ତୁମେ

ପ୍ରେମ ଯଦି ତୁମେ ନ ପାରିଲ ଦେଇ
ପ୍ରତାରଣା ଟିକେ ଦିଅ,
କହିତ ପାରିବି ପାଉଥିଲି ଭଲ
ତୁମକୁ ହେ ମୋର ପ୍ରିୟ !(୦)

ମୋ ଓଠର ହସ ଯଦି ନ ପାରିଲା
ଅନ୍ତର ତୁମ ଛୁଇଁ
ମୋ ଆଖିର ଲୁହ କିପରି ବା କୁହ
ସେ ମନେ ଭେଦିବ ଯାଇଁ
ମୋ ମନ ପରଦା ଦେଖିବା ପାଇଁକି
ଆଡ଼ଆଖି ନେଇ ଚାହଁ (ଏକ)

ପ୍ରେମ ପ୍ରତାରଣା ଦୁଇଟି ଝରଣା
ଅନ୍ତରେ ଚାଲେ ବହି
ଦୁଇର ଲକ୍ଷ୍ୟ ସାଗର ଛୁଇଁବା
ନିଜ ନିଜ ବାଟ ଦେଇ
ଅକାଳେ ସକାଳେ ମନେ ପଡ଼େ, ଥିଲ
କେତେ ଯେ ଆଦରଣୀୟ (ଦୁଇ)

*****

ତା ୧୭ଜୁଲାଇ ୧୯୭୩
କେନ୍ଦ୍ରାପଡ଼ା

Digitized by srujanika@gmail.com

୧୬୩

ବସନ୍ତ ଆସିଛି ଆଜି କାନ୍ଦେ ଗଛ ଲତା

ବସନ୍ତ ଆସିଛି ଆଜି କାନ୍ଦେ ଗଛ ଲତା,
ଡାଳ ନାହିଁ ପତ୍ର ନାହିଁ,କି ଦେବ ବାରତା ।୦।

ଆକାଶର ଜହ୍ନ ଅଛି ଧୂଆଁ ଉହାଡ଼ରେ
ମଳୟ ଗିରିରେ ନିଆଁ ହୁତୁ ହୁତୁ ଜଳେ,
ଦକ୍ଷିଣା ପବନ ଆଜି ଭୁଲେ ଶୀତଳତା ।୧।

କୋକିଳର ସ୍ୱର ଆଉ ଆଣେନା ଚମକ,
ବିପଣୀରେ ପ୍ରିୟା ଖୋଜେ ପ୍ରୀତିର ବଣିକ,
ଜୀବନରେ ଯୌବନର ନାହିଁ ସରସତା ।୨।

ହନ୍ତସନ୍ତ ବସନ୍ତ ଟା ଦୁଃଖେ ଯାଏ ଲୁଚି,
କବି ଲେଖନୀରେ ଖାଲି ବସନ୍ତ ରହିଛି,
ଜୀବନରେ ବସନ୍ତ ର କାହିଁ ମାଦକତା ? ।୩।

*****

ତା ୮ମାର୍ଚ୍ଚ୨୦୦୩
ରାଉରକେଲା

Digitized by srujanika@gmail.com

୧୨୪

ଜୀବନ ମୋ ଥିଲା ଶୂନ୍ୟରେ ଭରା

ଜୀବନ ମୋ ଥିଲା ଶୂନ୍ୟରେ ଭରା
ଶୂନ୍ୟ ତା ପରେ ଶୂନ୍ୟ,
ବାମପାଶେ ମୋର ସଂଖ୍ୟାଟି ହୋଇ
କରିଦେଲ ମତେ ପୂର୍ଣ୍ଣ ।୦।

ହୋଇ ବେସାହାରା ଘୁରିବୁଲୁଥିଲି
ଖୋଜି ନିଜ ପରିଚୟ
ଏ ଜୀବନେ ତୁମେ ଦେଲ ତ ଆସରା
ହଜିଲା ହତାଶ ଭୟ,
ଭାଜିଲା ସପନ ସାଜିଲା ଜୀବନ
ଶୂନ୍ୟ ହୋଇଲା ପୂର୍ଣ୍ଣ ।୧।

ଭାବ ରାଇଜରେ ଏ ଜୀବନେ ଥିଲା
ସ୍ୱର୍ଣ୍ଣ ଟିକିଏ ବାକି
ଜୀବନ ବାରିଧି ନୌକାରେ ହେଲା
ଶୂନ୍ୟ ଜୀବନ ସାକ୍ଷୀ
ଦୁଇଟି ଲକ୍ଷ୍ୟ ମିଶି ଏକ ହୋଇ
ହେଲା ସିନା ପରିପୂର୍ଣ୍ଣ ।୨।

*****

ତା ୭ ମାର୍ଚ୍ଚ ୨୦୦୮
କଟକ

Digitized by srujanika@gmail.com

୧୨୪

ଶୀତ ଆଜି ଲେଖାଏ କବିତା

ଶୀତ ଆଜି ଲେଖାଏ କବିତା
ପଉଷର ଲୁହ ଭିଜା ମରମୀ ଛବି'ଟା ।୦।

ବସନ୍ତକୁ ଚାହିଁ ଚାହିଁ ଶୀତ କାନ୍ଦେ କଇଁକଇଁ
କି ବାରତା ଲେଖିବ ପତରେ
ମିତ ତ ଗଲାଣି ଚାଲି ଜୀବନଟା ଚୋରା ବାଲି
ଆଉ କିସ ଲେଖିବି ଗୀତରେ
ଜୀବନଟା ଜୁଆ ଖେଳ
ନୂଆ କିଛି ନୁହେଁ
ଫଗୁଣର କୋଇଲି କି
ଶ୍ରାବଣରେ ଗାଏ ?
ତଇଳ ଅଭାବେ ଜଳେ
ଶୁଖିଲା ସଳିତା ।୧।
ହତାଶର ବତାସଟା ଭାଙ୍ଗିଦିଏ ବାଡ଼ବତା
ଆକାଶରୁ ଝରିପଡ଼େ ଲହୁ
କୃଷକ ଆଖିର ଲୁହେ, କ୍ଷେତ ସବୁ ଧୋଇଯାଏ
ଶୀତଗୀତେ ଝରିବକି ମହୁ ?
ମାନସୀର ମନ ଆଜି
ଛଳନା କିମିଆଁ
ଫୁଲବଣ ଅକାରଣ
ବଗିଚାରେ ଧୂଆଁ
ଲୁହ ଲହୁ ଜୀବନର
ଅସଲ କବିତା ।୨।

ତା ୭ଜାନୁୟାରୀ୨୦୦୭
ରସୁଲଗଡ଼

*****

Digitized by srujanika@gmail.com

୧୨୭

ତୁମେ ଚାଲିଗଲ ତୁମରି ବାଟରେ

ତୁମେ ଚାଲିଗଲ ତୁମରି ବାଟରେ
ଆକାଶର ତାରା ହୋଇ
ମୁଁ ଚାଲିଛି ଏକ ଅଜଣା ବାଟରେ
ଲୁହରେ ବୁହାଇ ନଈ ।ପଦ।

ଚାଲିଗଲ ଛାଡ଼ି ସବୁଜ ସଂସାର
ସୁନେଲି ଫସଲ କ୍ଷେତ
ଆଶା ବୈତରଣୀ ନ ପାରିଲା ଟାଣି
ଛିଡ଼ିଲା ମନ୍ଦିର ନେତ,
କିଏବା ରହିଛି କିଏବା ରହିବ
ବିଧାତାର ଗାର ଡେଇଁ ।୧।

ମଣିଷ ଭାବଇ ନିଜ ଛଡ଼ା ବୋଧେ
ସର୍ବେ ଯିବେ କାଳ ବଳେ
ନିଜ ପାଇଁ ତୋଳେ ଆଶାର ମୀନାର
ଦୁନିଆଁକୁ ଧରି କୋଳେ
ଆଶା ଛାଡ଼ିଦେଇ ଚାଲିଗଲ,ଏବେ
ହତାଶାରେ ଯାଏ ନଇଁ ।୨।

*****

ତା ୨୭ନଭେମ୍ବର୨୦୦୪
ରାଉରକେଲା

Digitized by srujanika@gmail.com

୧୬୭

ବରଷାରେ, ବାରିଦର

ବରଷାରେ, ବାରିଦର
ଏତେ କିମିଆଁ
କାହା ପ୍ରାଣେ ଫୁଲ ଢାଳେ
କା' ମନେ ନିଆଁ ।ପଦ ।
ରାମଗିରି ଶିଖେ ବସି
ଢାଳେ କେ ଲୋତକ ରାଶି
ବିରହ ବେଦନା,
ମେଘେ ଦିଏ ବାରତା,
ବରଷାର ତାଳେ ତାଳେ
ଆଉ କା ଲୋତକ ଝରେ
ଦିନ ବି ଏ ରାତି ସମ
ପରାଣେ ବ୍ୟଥା,
ବେଦନାରେ ଦିନ ବିତେ
ମରମେ ନିଆଁ ।୧।
ସଖା ସଙ୍ଗ ପାଇ ସଖୀ,
ପଦେ ପଦ ଦିଏ ଯୋଖି
ଆନନ୍ଦରେ ଗଦଗଦ
ମନେ ହରଷ,
ଦିବା ନିଶି ଯାଏ ମିଶି
ଅମା ଅବା ରାକା ଶଶୀ
ପ୍ରାଣେ ପ୍ରାଣେ ଫୁଲ ହସି
ଢାଳେ ସୁବାସ,
ଆନନ୍ଦରେ ନନ୍ଦ ଗ୍ରାମେ
କିଶୋରୀ ଠିଆ । ୨ ।

ତା ୧୮ଜୁନ୍ ୨୦୦୮
ଉସୁଲଗଡ଼

*****

Digitized by srujanika@gmail.com

୧୨୮

ଆଖିରୁ ଲୁହତ

ଆଖିରୁ ଲୁହତ ଝରି ସରିଗଲା
ଏବେ ଝରିପଡ଼େ ଲହୁ
କାହିଁକି ଖୋଜିବି ଶ୍ରାବଣେ ବସନ୍ତ
ଅଦିନେ କୋଇଲି କୁହୁ ।ପଦ ।

ସବୁଜ କେଦାର ହସି ଉଠୁଥିଲା
ଶିରି ଶିରି ବାଆ ତାଳେ
ଚଢ଼େଇ ଦୁଇଟି ଗୀତ ଗାଉଥିଲେ
ଛାଇଘେରା ଗଛ ଡାଳେ
ଝଡ଼ରେ ଫସଲ ମାଟିରେ ମିଶିଲା
ଡାଳ ବି ସାଧିଲା ଦାଉ ? ।୧।

ଝଡ଼ଚାଲିଗଲା ଝଡ଼ର ବାଟରେ
ଫସଲ ଉଠିଲା ଚେଇଁ
ଗଛର ଡାଳ ବି କଅଁଳି ଉଠିଲା
ସେ ପକ୍ଷୀ ଫେରିଲା ନାହିଁ
ଯିଏ ଚାଲିଯାଏ ଆଉ କି ସେ ଫେରେ
ପଥର ଭାସେ କି ଆଉ ? ।୨।

*****

ତା ୨୭ନଭେମ୍ବର୨୦୦୪
ରାଉରକେଲା

Digitized by srujanika@gmail.com

୧୬୯

ଯେ ହସରେ ଥିଲା

ଯେ ହସରେ ଥିଲା ଏତିକି ଚମକ
କିଣି ନେଇଥିଲା ମୋତେ
ସେ ହସକୁ ଯଦି ରଖି ମୁଁ ପାରନ୍ତି
ଧନୀ ମୁଁ ହୁଅନ୍ତି କେତେ ?

ହସେ ଖେଳୁଥିଲା କଇଁର ପାଖୁଡ଼ା
ଦୁଧ-ଅଳତାକୁ ଫେଣ୍ଟି,
ଆଖିରେ ନାଚେ ତା ଚାହାଣି ଚମକ
କଥା ତା ମୟୁର କଣ୍ଠି,
ଅକାଳେ ସକାଳେ ଦେଖା ହେଲା ବୋଲି
ଅଭିମାନ କଲା କେତେ ।୧।

ଆଖିକୁ ନଚାଇ କହିବୁନି କଥା
ପଥର ଯିବ ତରଳି
ପଞ୍ଚମ ତାନରେ ଗୀତ ଗାଇବୁନି
ଗୋଲାପ ଯିବ ଝାଉଁଳି
ତୋ ଓଠରେ ସଦା ହସ ଲାଗିଥାଉ
ଯାହା ଇଛା ନେ ଯେତେ । ୨ ।

*****

ତା ୨୭ଜୁଲାଇ୨୦୦୯
ରସୁଲଗଡ଼

Digitized by srujanika@gmail.com

୧୩୦

ନିରବ ମନରେ ଯେବେ

ନିରବ ମନରେ ଯେବେ
ଝଞ୍ଜା ବା ଉଠେ କେବେ
ସେ ମନ ନିରବ କେବେ ହୁଏନା
ନିରବ ଆଖି ବା ଯେବେ
କଥା କହିବାକୁ ଭାବେ
ସେ ଆଖିରେ ବହିଯାଏ ଝରଣା ।୦।

ନିରବତାର ଭାଷାକୁ ମନଖାଲି ବୁଝିପାରେ
ଯେ ମନରେ ଥାଏ ଟିକେ ସରାଗ,
ନିରବତାର ଚିଠିକୁ ସିଏ ସିନା ପଢ଼ିପାରେ
ଯେ ଫୁଲରେ ଥାଏ ପ୍ରୀତି ପରାଗ,
ଭାଷା ସିନା ଲୋକଦେଖା ବାହାନା
ଭାବ-ନାବ ମିଛ ଏକ ଖେଳନା ।୧।

ଝଞ୍ଜା ଉଠିବ ଯେବେ ନିରବ ମନରେ ଥରେ
ସେ ଆଉ କି ବାଡ଼ବତା ମାନିବ,
ଆକାଶ ଉଠିବ ଥରି, ସାଗର ଯିବ ଉଛୁଳି
ମଉସୁମୀ ଧାରା ବେଗେ ଧାଇଁବ,
ବରଷିବ ବରଷାର ଝରଣା
ସବୁଜିମା ଭରା ପ୍ରୀତି-ମଇନା ।୨।

*****

ତା୯ସେପ୍ଟେମ୍ବର୨୦୦୯
ରସୁଲଗଡ଼

Digitized by srujanika@gmail.com

୧୩୧

ମରକତ ଢଳେ ସୁନା ଦେହଟାକୁ

ମରକତ ଢଳେ ସୁନା ଦେହଟାକୁ
ମାଢନା ମାଢନା ଗୋରା,
ସୁନା ଦେହ କାହିଁ ମିନା କରାଉଛୁ
ତୁ ତ ନିଚ୍ଛେ ଜଳ-ପରୀ ।(ପଦ)

ଓଠ ତୋର ନାଲି, ପୋହଳା ରଙ୍ଗଲୋ,
ଓଠେ ରଙ୍ଗ କାହିଁ ମାଖୁ
ନଖ ଦରପଣେ ତୋ ମୁହଁ ଦିଶୁଛି,
ଦରପଣ କାହିଁ ଦେଖୁ ।
ତୋତେ ଦେଖିବାକୁ ମେଘ ଉହାଡ଼ରୁ
ଚାହେଁ ଆକାଶର ପରୀ ।(୧)

କଜଳ ଗଭା ତୋ ଉଜଳ ଦିଶୁଛି
ସଜଳ ଜଳଦ ପରି
ବିଜୁଳି ଲତା ତୋ ଦେହକୁ ଡାଙ୍କିଛି,
ହରିତାଳ ମରେ ଝୁରି,
ସାଧବ କୁମର ବୋଇତେ ଆସୁଛି
ତୋ ରୂପକୁ ଅନୁସରି ।(୨)

***

ତା-୨୧ସେପ୍ଟେମ୍ବର୧୯୮୧,
କୁଜଙ୍ଗ ଗଡ଼

Digitized by srujanika@gmail.com

୧୩୨

ଆକାଶରେ ଭାସିଯାଏ

ଆକାଶରେ ଭାସିଯାଏ ରୂପାର ବାଦଲ
ମନେମୋର ଫୁଟିଉଠେ ରୂପା କଇଁଫୁଲ । ପଦ
ସୁଲୁସୁଲୁ ବାଆ ବହେ
କାନରେ କାହାଣୀ କହେ,
ଆସିବକି ମନଚୋର
ବସିବ ପାଶରେ ମୋର
ପାଶେ ତାର ଥୋଇଦେବି
ସଜମଲ୍ଲୀ ମାଳ (୧)
ମୁଁ ତାର କୁଡ଼ିଆପାଶେ
ଚାହିଁଥିବି ବସି
କ୍ଷେତରୁ ଫେରିଲାବେଳେ
ଥରେ ଦେବ ହସି
ବିଞ୍ଚଣାରେ ବିଞ୍ଚିଦେଇ
ପୋଛି ଦେବି ଝାଳ ।୨।

ମୁଁ ମାଗିଲେ ଚାନ୍ଦ ସିଏ
ଚାହିଁବ ମୋ ମୁହଁ
ମୁଁ ମାଗିଲେ ଖେଳଣା ସେ
ଦେବ କୁନିପୁଅ
ଆମ ଛୋଟ କୁଡ଼ିଆରେ
ହସର ଫସଲ ।୩।
ବଳକା ପଖାଳତାର
ମୋର କୋଟିନିଧି
ତା କଅଁଳ କଥାପଦ
ମୋ ତେଲ ହଳଦୀ
ତା ଆସିବା ପଥରେ ମୁଁ
ବିଛାଇବି ଫୁଲ ।

ତା ୨୧ନଭେମ୍ବର୨୦୦୩
ରାଉରକେଲା

*****

Digitized by srujanika@gmail.com

୧୩୩

ସଙ୍ଗିନୀ ନବରଙ୍ଗିନୀ ଆଉ ହୁଅନା

ସଙ୍ଗିନୀ ନବରଙ୍ଗିନୀ ଆଉ ହୁଅନା,
ଟିକେ ରହିଯାଅ ଆଖି ଦେଖୁ ତାର ନମୁନା । (୦)

କଥା ଯାହାଥିଲା
ଗାଇ ଦେଇଛି ମୁଁ ଗୀତରେ
ଅକୁହା କଥାକୁ
ଲେଖିଛି ପ୍ରଣୟ ପତରେ
ଭେଟ ହେବା ମୋର
ଖାଲି ସିନା ଏକ ବାହାନା (୧)

ଯମୁନା ତଟରେ ବଂଶୀ ବଟରେ
ଯାହା କହିଥିଲ କିଶୋରୀ
ସବୁକଥା ମୋର ତୁହାଇ ଗାଇଛି
ଯମୁନା ତଟରେ ବାଂଶୋରୀ
ସେ ବେଳତ ଆଉ
ଏ ବେଳେ ଖୋଜିବା ଛଳନା ।(୨)

ନଟବର କାନେ ନାଟ ମଣ୍ଡପରେ
କହିଥିଲ ଥରେ କଥାଟି
ଭେଟ ହେବ ବୋଲି ଅପର ଜନମେ
ବାଟ ଜଗିବାର ପଥେଟି
ପଛକଥା ସବୁ ଜୀବନେ
ଅଟେ କି ବାହାନା । (୩)

ତା ୨୭ନଭେମ୍ବର୨୦୧୪
ରସୁଲଗଡ଼

*****

Digitized by srujanika@gmail.com

୧୩୪

ଉପଦେଶ ଲାଗେ ପିତା

ଦୋଷ ଯେତେବେଳେ କରୁଥାଅ ତୁମେ
ଉପଦେଶ ଲାଗେ ପିତା,
ନେଡ଼ିଗୁଡ଼ କହୁଣିକୁ ବୋହିଗଲେ
ମନେପଡ଼େ ପଛକଥା ।(୦)

ହାତରେ ଟିକିଏ ତେଲ ଥିବାଯାଏ
କେତେ ସାଙ୍ଗ କେତେ ଭାଇ,
ହାତରୁ ତେଲ ତ ସରିଗଲାପରେ
ନୁଖୁରା, ପଚାରେ କେହି ?
ମନେ ପଶିଯାଏ ଚିନ୍ତା (୧)

ସରଗ ସୁନ୍ଦରୀ ପରି ଅପସରୀ
ଚାହାଣିରେ ନିଏ କିଣି,
ମିଠାମିଠା ବିଷ ଖୁଆଇ ଦେଇ ସେ
ଚୋଟେ ଚୋଟେ ଦିଏ ହାଣି
ସେତେବେଳେ ଯେବେ ବାରଣ କେ କରେ
ଅସଲ ବଇରି ସେତ
ଛକିଗଲାପରେ ସରିଗଲାପରେ
ମନେ ପଶିଯାଏ ଚିନ୍ତା
ଉପଦେଶ ଲାଗେ ପିତା(୨)

Digitized by srujanika@gmail.com

ମାନି ଦୁର୍ଯ୍ୟୋଧନ,ଦୁର୍ମିଳା ନନ୍ଦନ
ଦଶାନନ ଜରାସନ୍ଧ
ଦୋଷକଲାବେଳେ ଭଲମଣୁଥିଲେ
ଉପଦେଶ ଲାଗେ ମନ୍ଦ
ନେଢ଼ିଗୁଡ଼ କହୁଣିକୁ ବୋହିଗଲେ
ଭାଳୁଥିଲେ ପଛ କଥା
ଦୋଷ ଯେତେବେଳେ କରୁଥାଅ ତୁମେ
ଉପଦେଶ ଲାଗେ ପିତା
ମନେ ପଶିଯାଏ ଚିନ୍ତା(୩)

*****

ତା ୧୨ସେପେଟମ୍ବର୧୯୭୪
କେନ୍ଦ୍ରାପଡ଼ା କଲେଜ

Digitized by srujanika@gmail.com

Digitized by srujanika@gmail.com



ପଲ୍ଲୀଗୀତ

Digitized by srujanika@gmail.com

Digitized by srujanika@gmail.com

ଗାଁ କନିଆଁ ମୁଁ ଯେ ...

୧୩୪

କେଉଁ କଥା ମୋ କହିବାକୁ
ରହିଛି ବାକି ?
ଗାଁ କନିଆଁ ମୁଁ ଯେ
ଶିଘାଣୀ ନାକି ।(ପଦ)

ଦେଖିଛ ଯେଉଁ ଝିଅ,
ସେ ତ ସଇ ସୁନାର,
କଜ୍ଜଳ ପାତି ପରି,
ଚଞ୍ଚଳ ତା ନଜର ,
ମୋ ମୁହଁ ତୁମକୁ ଦିଶେ
ଆଟିକା ଲାଖି ।(ଏକ)
ଜାମୁ ଗଛରେ ଚଢ଼ି,
କେବେ ଖାଇଛି କୋଳି,
ବର ଓହଳ ଧରି
କେବେ ଖେଳିଛି ଦୋଳି,
ସେ ଝିଅ ତ ଗୋଟାପଣେ
ମଇନା ପକ୍ଷୀ । (ଦୁଇ)
କେତେ ସୁଧାର ପିଲା
ତୁମକୁ, ଦେଖି ନାହିଁ
ଚାଲିଲା ଶଗଡ଼ରେ
ଦିଅ ହାତ ବଢ଼ାଇ,
ଗାଆଁ ପୁଅ ଗୋଟି ପଣେ
କପୋତ ଲାଖି । (ତିନି)

*****

ତା ୨ସେପ୍ଟେମ୍ବର ୧୯୮୨
ବରଗଡ଼

Digitized by srujanika@gmail.com

୨୩୬

ଚିତଉ ଅଣ ଲେଉଟା

ଚକୁଳି ପିଠା ତ ଓଲଟପାଲଟ
ଚିତଉ ଅଣ ଲେଉଟା
ଛନମ କରି ତୁ କିପରି ବୋଉଲୋ
ଖୋଇଲୁ ଚିତଉ ପିଠା ? (୦)

ବାପା ଗଣିନେଲେ କନିଆ ସୁନା ଲୋ
ପୁରୋହିତ ନେଲେ ଧୋତି,
ପଣ ପଣ କରି କଉଡ଼ି ଗଣି ଲୋ
ପାହିଗଲା ବୋଉ ରାତି,
କଛଲପାତିକୁ ବୁଢ଼ା କାଉ ସାଥେ
ଛୁଟାଇ ବୋଲିଲୁ ଅଠା ।୧।

କୁନାକୁ ବୋଉଲୋ ଅଠର ହେଲାଣି
ଟୁନିକୁ ହେଲା ଚଉଦ,
ଗାଁ ମାଟି ମୁହଁ ପାଶୋର ଗଲାଣି
ମନେ ମୋ କଳା ବଉଦ
ବାରବାର କେତେ ବାଡିନି ପଠେଇ
ମନ ଲାଗିଲାଣି ଚିଟା ।୨।

*****

ତା ୧୨ସେପ୍ଟେମ୍ବର ୧୯୭୨
କେନ୍ଦ୍ରାପଡ଼ା

Digitized by srujanika@gmail.com

୧୩୭

ଦେଖିଲି ସେ ଦିନ ଝିଅଟିଏ

ଦେଖିଲି ସେ ଦିନ ଝିଅଟିଏ,
ରୂପଟି ତାହାର ସୁନାର ହରିଣୀ,
ମୁହଁ କଥାଟି ଦାଆ ଟିଏ ।(ପଦ)

ବଡ଼ ଚଗଲି ସେ ଡହରିଟାଏ ତା
ହାତଗୋଡ଼ କହେ କଥା,
ଶୀତଳ ମନରେ ନିଆଁ ଲଗାଏ ସେ
ଗୁଞ୍ଜିଦେଇ ନିଆଁ ଖୁଣ୍ଟା ,
ଏ ତୁଠ ସେ ତୁଠ ପାଣି ପିଇ ପିଛ
ଭେଣ୍ଡାକୁ ବନାଏ ମେଣ୍ଢା ଘିଏ ।(ଏକ)

ଆଙ୍ଗୁଠି ହଲାଇ ମୁହଁ ଦୋହଲାଇ
କହି ଯାଉଥାଏ କଥା,
ଏପାଖ ସେପାଖ ଚାହୁଁ ଥାଏ ସିଏ
ନଚେଇ ତା' ଆଖିପତା ,
ପଛରେ ଚାଲିଛି ପୁଅ ସଙ୍ଗ ତା'ର
ସତେ ଅବା ସିଏ ଭୁଆଁଟିଏ ।(ଦୁଇ)

*****

ତା ୨୬ସେପ୍ଟେମ୍ବର ୧୯୭୮
ଭୁବନେଶ୍ୱର

Digitized by srujanika@gmail.com

୧୩୮

କିଏ କାଚ କିଏ ହୀରା

କିଏ କାଚ କିଏ ହୀରା
　　　　କିଏ ଅବା ମାଣିକ ,
ପରଖି ଜାଣିପାରେ ଯେ
　　　　ସିଏ ପକ୍କା ବଣିକ ।୦।

ମହାକାଳ ଫଳ ପରି
　　　　ଉପର ଯା' ସୁନ୍ଦର
ମନ ନୁହେଁ ମନପରି
　　　　ଭିତରଟା ଅଙ୍ଗାର
ମନ ଦେଇ ମନ ନେବା
　　　　ବୁଝେନା ଯେ ସଳଖ ।୧।

ଏଇ ମନ ଶରତର
　　　　ଚାନ୍ଦଧୁଆ ଆକାଶ
ଏଇ ମନ ଫଗୁଣରେ
　　　　ମଳୟର ପରଶ ।
ମନକୁ ପାରିଲେ ଜାଣି
　　　　ଜାଣିବ ତା ମହକ ।୨।

*****

ତା ୨୯ଅଗଷ୍ଟ ୧୯୭୩
କେନ୍ଦ୍ରାପଡ଼ା

Digitized by srujanika@gmail.com

୧୩୯

ଏ ଘରେ ମାଉସୀ

ଏ ଘରେ ମାଉସୀ ସେ ଘରେ ମୁଁ ପିଉସୀ,
ଏ ଘରେ ବଉଳ ସେ ଘରେ ଆମ୍ବକଷି । ।୦।

ଏ ଘରେ ମୁଁ ଓଠ ଧରି ହୁଅଇ ଭଳେଇ,
ସେ ଘରରେ ଲାଞ୍ଜ ଛାଟି ସାଜୁଛି ବିଲେଇ,
ଏ ଘରରେ ବାଘ ସାଜି ସେ ଘରରେ ପୁଷି ।୧।

ଏ ଘରେ ପ୍ରେମିକ ସାଜେ,ସେ ଘରେ ବାନ୍ଧବ,
ଏ ଘରେ ଶକୁନି ସାଜି ସେ ଘରେ କେଶବ,
ଏ ହାତରେ ସୁନାମୁଦି, ସେ ହାତେ ବାର୍ରସି ।୨।

କେବେ ଏ ଘରେ ପ୍ରେମିକା,ସେ ଘରେ ଘରଣୀ,
ସେ ଘରେ ସିଂହ ସାଜି ମୁଁ ଏ ଘରେ ହରିଣୀ,
ଦୁଇଘରେ ସାଧୁସାଜି ତଣ୍ଟିକାଟେ ବସି ।୩।

*****

ତା ୨ସେପ୍ଟେମ୍ବର ୧୯୭୩
କେନ୍ଦ୍ରାପଡ଼ା

Digitized by srujanika@gmail.com

୧୪୦

ସବୁ ଉଚ୍ଚା ଉଚ୍ଚା ଥାନ

ରଂଗବତୀ ,ରଂଗବତୀ ଆଲୋ ରଙ୍ଗବତୀ
ଶୁଣ ଆଲୋ ଶୁଣି ଯା' ମୋ ମନ କଥାଟି
ଆଲୋ ଏ ସବୁ ତ ଗହୀରିଆ କାରବାର ଟି ।୦।

ମନ ଛାଣି ହୁଏନାହିଁ ଉପର ହସରୁ
ଧନଛାଣି ହୁଏନାହିଁ ପିନ୍ଧିଲା ବାସରୁ
ଜ୍ଞାନଛାଣି ହୁଏନାହିଁ ଉଚ୍ଚ ଭାଷଣରେ
ପୀରତି ହୁଏନା ଛାଣି ଚିକ୍କଣ କଥାରେ
ଆଲୋ ଏ ସବୁ ତ ଗହୀରିଆ କାରବାର ଟି ।୧ ।

ସବୁ ଉଚ୍ଚା ଉଚ୍ଚା ଥାନ ନୁହେଁ ପରବତ
ସବୁ ରଙ୍ଗ ରଙ୍ଗ ପାଣି ନୁହେଁ ସରବତ
ସବୁ ଭେଣ୍ଡା ଯୁବା ଲୋ ରସିକ ନୁହନ୍ତି
ସବୁ ମାଆ ଦୁନିଆଁରେ ନୁହେଁ ଯଶୋମତୀ
ଆଲୋ ଏ ସବୁ ତ ବୁଝାଶୁଣା କାରବାରଟି ।୨।

ମାନସୀ ହୋଇ ସେ ଆସେ ମନ ବୁଝେ ନାହିଁ
ପ୍ରେୟସୀ ହୋଇ ସେ ପ୍ରିୟ କଥା କହେ ନାହିଁ
ମନ ଦିଆ ନିଆ କଥା ସେ ଅତି ଗଭୀର
ଥରେ ଦେଇଥିଲେ ମନ ହେବ କି ସେ ପର
ଆଲୋ ଏ ସବୁ ତ ବୁଝାବୁଝି କାରବାରଟି ।୩।

ତା ୨୫ ଡିସେମ୍ବର ୧୯୭୩
କେନ୍ଦ୍ରାପଡ଼ା

*****

Digitized by srujanika@gmail.com

୧୪୧

ପର ଯିଏ ସେତ ପର

ପର ଯିଏ ସେତ ପର
ନିଜର ଯେ ସେ ନିଜର,
ପାଇବା ଆଶାରେ ଦେଉଥାଉ ଯେବେ
ଶେଷେ ହେବୁ ହରବର
ସବା ଶେଷେ ହେବୁ ନାରଖାର ।(ପଦ)

ଗୋପାଳ ମେଳରେ ରହିଥିଲେ କାହ୍ନୁ
ଗୋପପୁରେ ଯେତେବେଳେ,
ଗୋପେ ଗୋପାଳୁଣୀ ନନ୍ଦ ଯଶୋଦାଙ୍କୁ
କେତେ ଆପଣାର କଲେ
ମଥୁରାରେ କାହ୍ନୁ ଗୋପ ଗୋପୀଙ୍କର
ହୋଇଗଲେ ସାତପର ।(୧)

ଦିଆ ନିଆ ଥିଲେ ଅତି ଆପଣାର
କ୍ଷୀରେ ନୀର ଯେହ୍ନେ ମିଶେ,
ଦେଉଥିବା ଯାଏ ଷୋଳଣା ନିଜର
ପୋକଶୁଙ୍ଗା ଭଲ ବାସେ,
କାମ ସରିଗଲେ ଫସର ଫାସର
ହୀରା ପାଲଟେ ଅଙ୍ଗାର ।(୨)

*****

ତା ୨୩ସେପ୍ଟେମ୍ବର ୧୯୭୪
କେନ୍ଦ୍ରାପଡ଼ା

Digitized by srujanika@gmail.com

୧୪୨

ତୋ ମନ ଡଙ୍ଗାରେ କାତ ନାହିଁ

ସାପର ଗାତ ନାହିଁ,
ମଈଁଷିର ଲାତ ନାହିଁ
ତୋ ମନ ଡଙ୍ଗାରେ କାତ ନାହିଁ ।ଘ।

ପବନ ଢେଉରେ ଭାସିଯାଉ
ପାଣିର ସୁଅରେ ମିଶିଯାଉ
ନିଜର ଗତିରେ ନାହିଁ ଆଶା
ନିଜର ଉପରେ କି ଭରସା
ଆକାଶକୁ ସିଡ଼ି ନାହିଁ
ତୋ ମନକୁ ବେଡ଼ି ନାହିଁ
ତୋ ତଉଲକୁ କଉଡ଼ି ନାହିଁ ।୧।

ଅକାଶ କଇଁଆ ତୋଳୁଥାଉ
ଚିଲିକା ମାଛକୁ ଭାଳୁଥାଉ
ବଉଦ ଉପରେ ତୋଲୁ ଘର
ଚଉଦ ଭୁବନେ ମନ ତୋର
ପୁରୀରେ ଜାତି ନାହିଁ
ସହରରେ ରାତି ନାହିଁ
ତୋ ମନ ଘରରେ ବତୀ ନାହିଁ । ୨।

*****

ତା ୧୨ସେପ୍ଟେମ୍ବର ୧୯୮୨
ବରଗଡ଼

Digitized by srujanika@gmail.com

୧୪୩

ଚାଟ ଘର ପୁଅ ଚାଟ

ଚାଟ ଘର ପୁଅ ଚାଟ
ଭାଟ ଘର ପୁଅ ଭାଟ
ପଢ଼ିଲେ ପାଠ ଦିଶିବ ବାଟ
ଓଲଟି ଯିବ କଲାଟ ।୦।

ଚାଟ ଘର ପୁଅ ପାଠ ନ ପଢ଼ିଲେ
ଫାଟରେ ପଶିବ ପାଣି,
ନବରଙ୍ଗ ସବୁ ବେଢଙ୍ଗ ସାଜିବ
ଓଲଟି ପଡ଼ିବ ଠାଣି
ଚାଟଘର ପୁଅ ଭାଟ ପାଲଟିବ
ଅବାଟରେ ହେବ ଭେଟ ।୧।

ଉଚ୍ଚକୁଳେ ଜାତ ଦଇବର ଲୀଳା
ପୌରୁଷ ନିଜ ଅଧୀନ
ମଣିଷ ମନର ବିବେକ ଦେଖାଏ
ଆଲୋକିତ କରେ ମନ
ଅଘାଟରେ ଯିଏ ଘାଟ ଖୋଜୁଥାଏ
ଅବାଟରେ ଖୋଜେ ବାଟ ।୨।

*****

ତା ୨ ୨ ଅକ୍ଟୋବର ୨ ୦ ୦ ୧
ରାଉରକେଲା - ୨

Digitized by srujanika@gmail.com

୧୪୪

ଅତି ସବୁ ନୁହେଁ ଭଲ

ବଉଳ ଲୋ. . .
ଅତି ସବୁ ନୁହେଁ ଭଲ
ଅତି ମଧୁରକୁ ପୋକ ଯାଏ ଖାଇ
ଅତି ଗେହ୍ଲା କଲବଲ ।୦।
ଦିଆ ନିଆ ଥିବ ବଂଧୁତା ଚଳିବ
ଅତି ଦେଉଥିଲେ ଗଲା
ଅତି ସମତୁଲ ନ ପାଇଲେ ଫେରି
ବଂଧୁତା ଫଟା ପାହୁଲା
ବଉଳଲୋ . . . ଛିଡ଼ିଯାଏ ତା'ର ମୂଳ ।୧।

ଅତି ଭକତିଟା ଚୋରର ଲକ୍ଷଣ
ଅତି ପ୍ରୀତି କଲେ ମନ୍ଦ
ଅତି ସ୍ନେହ କଲେ ଡାହାଣୀ କହିବେ
ଅତି ଭାବ ଆଣେ ଦ୍ୱନ୍ଦ
ବଉଳଲୋ . . . ଅତି ସାଧୁତାରୁ ଭେଳ ।୨।

ଅତି ଚିପୁଡ଼ିଲେ ଲେମ୍ବୁଟି ପିତା ଲୋ
ଅତି ନିଠାପଣ ହୀନ
ଅତି ଚିକ୍କଣରୁ ଖଣ୍ଡିଆ ଖାବରା
ଅତି ମାନୀ ହାରେ ମାନ
ବଉଳଲୋ . . . ଅତି ଆନନ୍ଦ ଟି ସଳ ।୩।

ତା ୧୪ସେପ୍ଟେମ୍ବର୧୯୭୪,
ମହିପାଢ

*****

Digitized by srujanika@gmail.com

୧୪୪

ପରଗୁଣ କେତେ ଗାଉ

ଅପୁରି ଦିନିଆଁ କପୁରି ଅପାଲୋ
 ସପୁରି କେତେ ତୁ ଖାଉ
ଚୂପୁରି ଝୁଂପୁରି କାଠ ପାନିଆଲୋ
 ପରଗୁଣ କେତେ ଗାଉ ।୦।

ଏରଣ୍ଡ ବନର ଗୁଣ୍ଡୁଣି ହାତୀ ଲୋ
 ହସି ହସି ଯାଉ କେଣିକି
ଦୁନିଆଁଟା ହେଲା ଆଧୁନିକା, ତୁତ
 ଦେଖାଉ ପୁରୁଣା ଠାଣିକି.
ଅକଲ ମକଲ ଟକଲ ଟିଆଁ ଲୋ
 କେତେ ଭେଳିକି ତୁ ହେଉ ।୧।

ଆକାଶି ମନରେ ବତାସୀ ଆଶାଲୋ
 ଫିକାଶି ଗଲାଣି ହୋଇ
ଅମୂଲ ପରାଣ ଅମୂଲ ମନକୁ
 ଭାବନା ଅଣ୍ଟିବ ନାହିଁ
ଧିନି ତାକ ଧିନି ତା ଧିନି ତା ଧିନି
 ନାଚି ନାଚି ତୁ ତ ଯାଉ ।୨।

*****

ତା ୧୫ନଭେମ୍ବର୧୯୭୪
ମହିପାଢ

Digitized by srujanika@gmail.com

୧୪୬

ତୁଆ ବୋହୂଟି ଲୋ ଛୁଆ ବୋହୂଟି

ତୁଆ ବୋହୂଟି ଲୋ ଛୁଆ ବୋହୂଟି,
ନଈକୁ ଗାଧୋଇ ଯିବୁ ନାହିଁଟି ।୦।

ଥଣ୍ଡିଆ କୁମ୍ଭୀର ରହିଛି ଜଗି
ଥଣ୍ଡକୁ ବଢ଼ାଇ ଧରିବା ଲାଗି
ସତେ ତା ଥଣ୍ଡରେ ଧରା ଦେବୁଟି ।୧।

ଥଣ୍ଡିଆ କୁମ୍ଭୀର ସତ ନା ମିଛ,
ସାନ କୁଅଁରର ମନର ପାଞ୍ଚ
ସାଧବ ପୁଅ ତୋ ମନ ମାଳାଟି ।୨।

ସାତ ଦରିଆର ସେପଟୁ ତେଇଁ
ସାଧବ ଆସିଛି ବୋଇତ ବାହି
କଳିଙ୍ଗ ସାଧବ କି' ଲୋ ସେଇଟି ? ।୩।

*****

ତା ୨୨ସେପ୍ଟେମ୍ବର ୧୯୮୧
କୁଟଙ୍ଗ

Digitized by srujanika@gmail.com

୧୪୭

କଣ୍ଢେଇ ରାଣୀ

କଣ୍ଢେଇ ନାନୀ ଲୋ କଣ୍ଢେଇ ନାନୀ
କେନାଲ ବନ୍ଧରେ ଉଡ଼ାଉ କାନି(ପଦ)
ମେଘ ପଡୁଅଛି ଝିରି ଝିରିକା
ପବନ ବହୁଛି ଶିରି ଶିରିକା
ଶିତ ପବନରେ ଥରି ଥରିକା
ମୁଣ୍ଡରେ ଘୋଡ଼ାଉ ଭିଜିଲା କାନି(୧)
ଗୀତ ଗାଉ ତୁଲୋ ଗୁଣୁଗୁଣେଇ
ନୂପୁର ବଜାଉ ଝୁଣୁଝୁଣେଇ
ରଜାପୁଅ ତୋତେ ଚାହେଁ କଣେଇ
ଚାଲିରେ ତୋହର ଦେଖାଉ ଠାଣି (୨)
ରସବତୀ ତୁଲୋ ଲବଙ୍ଗଲତା
କେତେକେତେ ଭାଙ୍ଗେ କହୁଛୁ କଥା
ନାହିଁ ତୋ କଥାରେ କି ବାଡ଼ବତା
ହଲାଇ ବେଣୀକୁ ଦେଖାଉ ଠାଣୀ(୩)
କଣ୍ଢେଇ ରାଣୀଲୋ କଣ୍ଢେଇ ରାଣୀ
ବାରହାତ ତୋର ବେଣୀର ଠାଣି
ବାଆଁ ହାତେ ତୁଲୋ ହଲାଉ ବେଣୀ
କଣ୍ଢେଇ ରାଣୀଲୋ କଣ୍ଢେଇ ରାଣୀ (୪)...

ତା ୨୬ଜାନୁଆରୀ୧୩
ରସୁଲଗଡ଼

*****

Digitized by srujanika@gmail.com

୧୪୮

ହସ ବେଳେ ଥାଏ

ଶୋଷବେଳେ ଥାଏ ପାଣିର ମଜାଲୋ
　　　ଯଉବନେ ସଖୀ ମେଳ
ଚାଷବେଳେ ଥାଏ ମେଘର ମଜାଲୋ
　　　ରଜ ବେଳେ ଦୋଳି ଖେଳ ।ଠା

ହସ ବେଳେ ଥାଏ ତାଳିର ମଜା ଲୋ
　　　କାଶ ବେଳେ ଖୁଁ ଖୁଁ
ରସିକା ପାଖରେ ରସିକ ମଜାଲୋ
　　　ଗପ ବେଳେ ହୁଁ ହୁଁ
କୁଆଁର ପୁନେଇଁ ରାତିକୁ ମଜାଲୋ
　　　କୁଆରୀ ଝିଅଙ୍କ ଖେଳ (୧)

ଶାଶୁଘରେ ସାନ ନଣନ୍ଦ ମଜାଲୋ
　　　ଭିଣୋଇକି ସାନ ଶାଳୀ
ଅଜା ନାତୁଣୀଙ୍କ ଚାପରା ମଜାଲୋ
　　　ଥଟ୍ଟା ତାମସା ପହଲି
ଦୂଆ-ବାହାଘର କନିଟି ମଜାଲୋ
　　　ଆଡ଼ ଆଡ଼ ରଷା ବେଳ (୨)

* * * * *

ତା ୨ଜାନୁୟାରୀ୧୯୭୬
ଶାନ୍ତିନିକେତନ

Digitized by srujanika@gmail.com

ସମବେତ
ଗୀତିକା

Digitized by srujanika@gmail.com

Digitized by srujanika@gmail.com

୧୦୯

ଶାନ୍ତି ଚାହୁଁ ଆମେ ଶାନ୍ତି ଚାହୁଁ...

ଶାନ୍ତି ଚାହୁଁ ଆମେ ଶାନ୍ତି ଚାହୁଁ
ଶାନ୍ତି ଚାହୁଁ ଆମେ ଶାନ୍ତି ଚାହୁଁ

ହସର ମଳୟେ ଭସାଇ ଦେବୁରେ
ଅଶାନ୍ତିରୁ ଆମେ ମୁକ୍ତି ଚାହୁଁ ।୦।

ସାଗର ବୁକୁରେ ଶାନ୍ତିର ବୋଇତ
ପାଲଟାଣି ଯାଉ ଚାଲି,
ଆକାଶରେ ହସୁ ମଇତ୍ରୀର ଜହ୍ନ
ପୀରତି ଜୋଛନା ମେଲି
ଧରଣୀ ବୁକୁରେ ସୁଜଳା ସୁଫଳା
ଶସ୍ୟକେଦାର ଆମେ ଚାହୁଁ (୧)
ଫୁଲଭରା ଏହି ଧରଣୀରେ
ଅଶାନ୍ତ ମାନବ ସରଣୀରେ
ପ୍ରଶାନ୍ତି ଆଲୋକ ଦେବୁ ଢାଳି
ମମତା ମହକ ଦେବୁ ବୋଳି
ଧରଣୀ ମାଆର ଆମେରେ ସନ୍ତାନ
ମଣିଷର ସେବା ଆମର ଧରମ
ଭାଇ ଭାଇ ଆମେ ଭଉଣୀ ଭଉଣୀ
ଅସମତା ବାଣୀ ଲୁଚିଯାଉ (୨)

Digitized by srujanika@gmail.com

ବଇଦିକ ଋଷି ଜଗତର ପାଇଁ
ଶାନ୍ତି ମନ୍ତ୍ର ଗାଉଗଲେ
ଓଁ କାର ଧ୍ୱନି ଝଂକାର ନାଦ
ଗଗନେ ପବନେ ଖେଳେ
ହିମାଳୟ କୋଳୁ ପତିତପାବନୀ
ସଲିଳର ଧାରା ବହେ
ଏଦେଶେ ସ୍ୱରୂପ ଶାନ୍ତି ଆଲୋକ
ପ୍ରଭାତରୁ ଢାଳି ଦିଏ
ସେ ଦେଶରେ ଆମେ ଜନମ ଲଭିଛୁ
ଅଶାନ୍ତିରୁ ଆମେ ମୁକ୍ତି ଚାହୁଁ (୩)

*****

ତା ୨ସେପ୍ଟେମ୍ବର ୧୯୯୨
ରାଉରକେଲା

Digitized by srujanika@gmail.com

ପଥର ଯେଉଁଠି ଗୀତଗାଉଥାଏ

ପଥର ଯେଉଁଠି ଗୀତଗାଉଥାଏ
　　　　ପବନ କହଇ କଥା
ସେ ମାଟିର ଆମେ ସବୁଜ - ଫସଲ
　　　　ସୁନେଲି ଜୀବନ ଗାଥା ।୦।

କଳା ଆମ ଜୀବନର କାକଳିର ମହକ,
ନୃତ୍ୟ ଆମ ଜୀବନର ପ୍ରାଣଭରା ପୁଲକ,
　　　　ଯଉବନ ସପନର ଆମେ ସବୁ ଫସଲ
　　　　ପ୍ରୀତିଭରା ଦୁନିଆଁର ଆ ୍ ଜଳା ମଶାଲ,
ଓଁ କାର ସ୍ୱର ଝଂକାର ତୋଳି
　　　　ଇତିହାସ କହେ କଥା
　　　　ଆମ ସୁନେଲି ଜୀବନ ଗାଥା(୧)

ଜୟଦେବ,ଦୀନକୃଷ୍ଣ, କଲେ ଯାହା ଗାୟନ,
କବିସୂର୍ଯ୍ୟ,ବନମାଳୀ,ସାଲବେଗ ମହାନ
ଗୋପାଳକୃଷ୍ଣଙ୍କ ବାଣୀ,ଗୋପୀପ୍ରେମ ରସର
ସେ ମାଟିର ଆମେ ସବୁ ଫୁଲଭରା ଫସଲ
　　　　ଶବଦ-ସାଗର-ପାରି-ଭଂଜ-ବୀର
　　　　　　　　ଟେକିଲେ ଯେ ଛାତି ମଥା
　　　　　　　　ପବନ କହଇ କଥା (୨)

Digitized by srujanika@gmail.com

କଳାପ୍ରିୟ ଏହି,ମହାନ ଜାତିର
ସାଧନାର ପଥେ ହୁଏ ଆଗୁସାର
ନୃତ୍ୟ,ଗାୟନ,ସଂଗୀତର ତାଳେ
ନାମ ରଖିଯାଏ ଭାରତେ ଉତ୍କଳେ
କଳାର ପୂଜାରୀ କଳାକାରେନେଇ
ପରଷଇ ନାନା ଗାଥା
ପବନ କହଇ କଥା ।(୩)

କଳାର ଦେଶ ଏ ଉତ୍କଳ ଦିଏ ଡାକ,
କଳାରେ କଳାରେ ଭରିବ ପ୍ରାଣେ ପୁଲକ
ଶିଳ୍ପୀର-ପ୍ରାଣ,ଶିଳ୍ପୀ-ସାଧନା
ସଂଗୀତରେ କହେ କଥା
ଆମ ସୁନେଲି ଜୀବନ ଗାଥା (୪)

*****

ତା ୨୮ସେପ୍ଟେମ୍ବର ୧୯୯୨
ରାଉରକେଲା

Digitized by srujanika@gmail.com

୧୫୯

ସୁଜଳା ସୁଫଳା ଶସ୍ୟ-ଶ୍ୟାମଳା

ସୁଜଳା ସୁଫଳା ଶସ୍ୟ-ଶ୍ୟାମଳା
        ସେହି ମୋ ଜନମ ଭୂଇଁ
ସ୍ମୃତି ଯାହାର କୀରତି ରୂପରେ
        ଗତକଥା ଯାଏ କହି ।୦।
ମନ୍ଦାକିନୀରେ ସେନେହ ବୁହାଇ
ମହୋଦଧିରେ ଯେ ମିଶାଏ
ନୀତି ତା'ର ପାଦ ସାଗର ଧୁଅଇ
ସୁରୁଯ ଯାହାକୁ ହସାଏ,
ମଉସୁମୀ ଯା'ର ଅଙ୍ଗଧୋଇ ଦିଏ
        ଆପାଦ ମସ୍ତକ ଛୁଇଁ (୧)

ହୀରାର ମୁକୁଟ ମଥାରେ ଲଗାଇ
        ଶୋଭାପାଏ ହିମାଳୟ
ସୁବାସ ସୁହାଗ ମାଖି ଦେଇଯାଏ
        ଦକ୍ଷିଣ ଦିଗ ମଳୟ
ଓଁ କାର ସ୍ୱର ଝଂକାର ତୋଳି
        ମୁନି ଋଷି ଗଲେ ଗାଇ(୨)
ପାଷାଣେ ଯାହାର ପଦୁଅଁ ଫୁଟଇ
        ପାହାଡ଼ କହଇ କଥା
ଯୁଗେ ଯୁଗେ ଯା'ର କୀରତି ପାଖରେ
        ଜଗତ ନୁଆଁଏ ମଥା
ସୁନା ଅକ୍ଷରରେ ଇତିହାସ ଯା'ର
        କୀରତି ପାରିଛି ଲିହି
        ସେହି ମୋ ଜନମ ଭୂଇଁ ।(୩)

*****

ତା ୨ସେପ୍ଟେମ୍ବର ୧୯୮୨
ରାଉରକେଲା

Digitized by srujanika@gmail.com

୧୫୨

ମିଳିତ କଣ୍ଠରେ

ପୁଅ-ଆମେରେ ... ଆଗାମୀ ପଥର ଯାତ୍ରୀ,
ଝିଅ-ଆମେରେ ...ନୂତନ ଅରୁଣ ଜ୍ୟୋତି ।

ପୁ-ଆମେରେ ଆଗାମୀ ଯୁଗର ଯାତ୍ରୀ
ପୁ-ଆମେରେ ଆଗାମୀ କୃଷ୍ଟିର ଧାତ୍ରୀ
ମିଳିତ--ଆମେରେ ... ପୁରୁଣା ଦିନର କୀର୍ତ୍ତି । ପଦ ।

ପୁ-ଆମେରେ ବାଜିଆ, ଧରମା ଆମେରେ
ଝି-ଦୁର୍ଗାଦେବୀ ଲକ୍ଷ୍ମୀବାଈ ଆମେରେ
ମି--ଆମେରେ ... ଭାରତ ଅକ୍ଷୟ ମୂର୍ତ୍ତି । (୧)

ପୁ-ଆମେ କାଳିଦାସ, ଉପେନ୍ଦ୍ର ଆମେରେ
ଝି-ଲୀଳାବତୀ ମୈତ୍ରା ଗାର୍ଗୀ ଆମେରେ
ମି-ଆମେରେ ... ଅଖିଳ [illegible]

ପୁ-ଆମେ ପ୍ରଜାପତି ଶିବ [illegible]
ଝି-ଆମେ ଲୋକମାତା ଦୁର୍ଗା ଆମେରେ
ମି-ଆମେରେ... [illegible] ଅନନ୍ତ ଜୀବି । (୩)

ପୁ-ଆମେରେ ଲଢ଼ିବୁ ସୀମାନ୍ତରେ ଯାଇ
ଝି-ଆମେରେ ଗଢ଼ିବୁ ଏ ସୁନାର ଭୂଇଁ
ମି-ଆମେରେ ... ନୂତନ ଯୁଗର ଯାତ୍ରୀ । (୪)

ପୁ-ଭେଦର ପାଚେରୀ ଭାଙ୍ଗିଦେବୁ ଆମେ
ଝି-ନୂତନ ସମାଜ ଗଢ଼ିଯିବୁ ଆମେ .
ମି-ଆମେରେ... ନୂତନ ପ୍ରୀତିର ଧାତ୍ରୀ । (୫)

ତା୬ସେପ୍ଟେମ୍ବର୧୯୭୩
କେନ୍ଦ୍ରାପଡ଼ା କଲେଜ

*****

Digitized by srujanika@gmail.com

ନୀଳଦରିଆର ବୁକୁଚିରି

ନୀଳ ଦରିଆର ବୁକୁଚିରି,
ପବନର ସାଥେ ଢଳି ଢଳି
ଛାଡି ଗଉରବ ବୋଇତ ବାହିବୁ
ଦେଶ ବିଦେଶରେ ବୁଲି ବୁଲି ।୦।

ଯାଉଥିଲା ଦିନେ ଓଡ଼ିଆ ବଣିକ
ସାଗର ସେପାରି ଦେଶେ,
ଆମେ ବାହିଯିବୁ ପୀରତି ବୋଇତ
ମଣିଷର ମନ ପାଶେ,
ମଇତ୍ରୀର ଗୀତ ଗାଇ ଗାଇ,
ନୀଳ ଚକରକୁ ଚାହିଁ ଚାହିଁ,
ଜଗା କାଳିଆର ମନକଥା କହି
ଆନନ୍ଦବଜାର ଦେବୁ ଖୋଲି ।୧।

ସକାଳ ସୁରୁଯ ହସରେ ହସିବ
ମୋ ଦେଶ ଶିଶୁର ମୁଖ ତୋରା
ମୋ'ଦେଶ ମାଟିରେ ଓଁକାର ସ୍ୱର
ଜୀବନେ ଜଗାଏ ମଧୁଧାରା
ହିମାଚଳ କୋଳୁ ଗୀତ ଗାଇ
ଗଙ୍ଗା ଯମୁନା ଆସେ ବହି
ଶସ୍ୟ ଶ୍ୟାମଳା ସୁଜଳା ସୁଫଳା
ମମତା ଝରାଏ ବୁଲି ବୁଲି ।୨।

Digitized by srujanika@gmail.com

ନୀଳ ପାହାଡ଼ର କୋଳରେ ଖୋଳିବୁ
ଖଣିଜ ବିଭବ ଦିନରାତି
ନୀଳ ବନାନୀର ବୁକୁ ସଜାଇବୁ
ଲଗାଇବୁ ଗଛ କେତେ ଜାତି
କାମ କରିଯିବୁ ହସି ହସି
ସରବେ ଆମେତ ମିଳିମିଶି
ଧରମ ଆମର ମଣିଷର ସେବା
ପୀରତି ବୋଲିବୁ ମନଖୋଲି ।୩।

* * * * *

ତା୮ ସେପ୍ଟେମ୍ବର୧୯୭୩
କେନ୍ଦ୍ରାପଡ଼ା କଲେଜ

Digitized by srujanika@gmail.com

୧୫୪

ମଣିଷର ସପନର ତୁମେ କାରିଗର

ନାରାୟଣଂ ନମସ୍କୃତ୍ୟଂ ନରଂ ଚୈବ ନରୋତ୍ତମଂ
ଦେବୀ ସରସ୍ୱତୀ ବ୍ୟାସଂ ତତୋ ଜୟ ମୁଦିରୟେତ୍
ମୁକଂ କରୋତି ବାଚ୍ୱାଳଂ ପଙ୍ଗୁ ଲଙ୍ଘୟତେ ଗିରିଂ
ଯତକୃପା ତମହଂ ବନ୍ଦେ, ପରମାନନ୍ଦ ମାଧବଃ(୧)

ଶ୍ରୀମହାଭାରତ ଅଠର ପୁରାଣ
ଲେଖି କରିଦେଲ ଶେଷ
ପରାଶର ସୁତ,ଶୁକଦେବ ତାତ
ଜୟଜୟ ବେଦବ୍ୟାସ
ସଂସ୍କୃତର ସଂସ୍କୃତିର ତୁମେ କଳାକାର
ମଣିଷର ସପନର ତୁମେ କାରିଗର ।(୦)
ଜୟ ବେଦବ୍ୟାସ,ପରାଶର ଶିଷ୍ୟ
ଜୟ ବେଦବ୍ୟାସ,ଜୟ ବେଦବ୍ୟାସ,
ଜୟ ବେଦବ୍ୟାସ ।୨।

ଶଂଖ,କୋଇଲି,ସରସ୍ୱତୀ ମିଳି
ବ୍ରାହ୍ମଣୀ ଲଭିଲା ଜନ୍ମ
ପବିତ୍ର ସଂଗମେ ଋଷି ବେଦବ୍ୟାସ
କଲେ ଆଶ୍ରମ ନିର୍ମାଣ

Digitized by srujanika@gmail.com

ଶ୍ରୀମହାଭାରତ ରଚନା କରିଲେ,
ପୁରାଣ ଲେଖିଲେ ବସି
ଏ ପବିତ୍ର ଭୂମି ଦର୍ଶନ କରିଲେ,
ଆସି ଋଷି ମହାଋଷି ।
ଜୟ ବେଦବ୍ୟାସ,ପରାଶର ଶିଷ୍ୟ
ଜୟ ବେଦବ୍ୟାସ,ଜୟ ବେଦବ୍ୟାସ,ଜୟ ବେଦବ୍ୟାସ ।୩।
ସଂସ୍କୃତର ସଂସ୍କୃତିର ତୁମେ କଳାକାର
ମଣିଷର ସପନର ତୁମେ କାରିଗର ।
କଳାଭୂମି ଉତ୍କଳର
ଆମେ ଫୁଲ ଫଗୁଣ
ଭଂଜକଳାକେନ୍ଦ୍ର ତା'ର
ଜୀବନର ସପନ
ବେଦବ୍ୟାସ ଉତ୍ସବର
ସପନ ସତ ହେଲା
ନୃତ୍ୟ,ଗୀତେ ହସି ଉଠେ ଆମ ରାଉରକେଲା
ଜୟ ବେଦବ୍ୟାସ,ପରାଶର ଶିଷ୍ୟ
ଜୟ ବେଦବ୍ୟାସ,ଜୟ ବେଦବ୍ୟାସ,
ଜୟ ବେଦବ୍ୟାସ ।୪।
ସଂସ୍କୃତର ସଂସ୍କୃତିର ତୁମେ କଳାକାର
ମଣିଷର ସପନର ତୁମେ କାରିଗର ।

*****

ତା୧୫ସେପ୍ଟେମ୍ବର୧୯୯୩
ରାଉରକେଲା

Digitized by srujanika@gmail.com

୧୯୪

ବନ୍ଧି ମରୁଡ଼ିର ମଣିଷ ପାଇଁକି

ସତ୍ୟବାଦୀର ଛୁରିଅନାକୁଞ୍ଜେ
ଭୋକିଲା ଭଣିଷ ସଖା,
ଗଢୁଥିଲେ ବସି ଜାତିର-ଜୀବନ
ତରୁଣ ଅଗ୍ନି-ଶିଖା (୦)

ବଢ଼ି ମରୁଡ଼ିର ମଣିଷ ପାଇଁକି
ଯା' ପରାଣ ନିତି କାନ୍ଦେ,
ଜାତି ଗଉରବ,ଜାତି ଇତିହାସ
କବିତାରେ କେତେ ଛନ୍ଦେ,
ହତାଶ ପରାଣେ ଆଶାକୁ ଜଗା ।
ଦେଇ ବିଷାଦର ଲେଖା ।୧।

ଭାରତମାତାର
ଡାକ ବାଜିଲା ତା' କାନେ
ସ୍ତବଧ ହୋଇଲା,
ଚକିତ ହୋଇଲା ପ୍ରାଣେ
ବାପୁଜୀ ଡାକରେ
ସହସା ପଡ଼ିଲା ଡେଇଁ
କାରାଗାର ହେଲା
ତପ ଆଚରଣ ଭୂଇଁ

Digitized by srujanika@gmail.com

ଦେଶର ସ୍ୱରାଜ୍ୟ ପଥେ
ଥିବା ଗାଢ଼ ଲେଖା
ପୁରାଇବା ପାଇଁ
ଜୀବନ ପାତେ ସେ ଏକା
ସେ ଭୋକିଲା ମଣିଷ ସଖା ।୨।

ଜୟ ଜଗନ୍ନାଥ, ଜୟ ଭାରତ
ଡ଼ାକ ଦେଲା ଦେଲା ଡାକ,
ଗଗନ ପବନ କମ୍ପି ଉଠିଲା
ମାତିଲେ ମୁଲକ ଯାକ,
" ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜିଏ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ ।"

ସତ୍ୟବାଦୀର ସତ୍ୟ ସାଧକ
ନିଖିଳ ମାନବ ବନ୍ଧୁ
ଦଳିତ ମଣିଷ ପରାଣ ବାନ୍ଧବ
ଜୟ ଜୟ ଗୋପବନ୍ଧୁ
ମଣିଷରେ ତୁମେ ଲେଖା
ତୁମେ ଭୋକିଲା ମଣିଷ ସଖା । (୩)

*****

ତା୭ଅକ୍ଟୋବର୧୯୯୩
ରାଉରକେଲା

Digitized by srujanika@gmail.com

୧୪୬

ସାରା ମଣିଷ ଜାତିର ବନ୍ଧୁ

ସାରା ମଣିଷ ଜାତିର ବନ୍ଧୁ
ଆମ ଉତ୍କଳର ଗୋପବନ୍ଧୁ ।୦।

''ମାନବ ଜୀବନ ନୁହଁଇ କେବଳ
ବର୍ଷ-ମାସ-ଦିନ-ଘଣ୍ଟା,
କର୍ମେ ଜିଏ ନର, କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।''
କର୍ମ କରି କର୍ମ-ଯୋଦ୍ଧା
ଲଗାଏ ତା' ଜାତିରେ,
ଅକର୍ମା ଗୁଣରୁ ଛାଡି
ମିଶିଯାଏ ମାଟିରେ ।
ମଣିଷ ଭିତରେ ମଣିଷ ଜଣେ ସେ
ଜାତିର ମଉଡ଼ମଣି
ବଢ଼ି ମରୁଡ଼ିରେ ଧାଇଁ ଆସୁଥିଲେ
ଆମର ଉତ୍କଳମଣି
ବନ୍ଧୁ-ପରି ସିଏ ବନ୍ଧୁ
ଆମ ଉତ୍କଳରଗୋପବନ୍ଧୁ ।୧।

Digitized by srujanika@gmail.com



ସତ୍ୟବାଦୀର ସତ୍ୟ ସାଧକ ସିଏ,
ଦେଶ ଜାତିପାଇଁ ଜୀବନ ବିତାଇ ଦିଏ
''ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେଯେତେ ଗାଡ଼
ପୂରୁ ତହିଁପଡ଼ି ମୋର ମାଂସ ହାଡ଼ ।''
କାରାଗାରେ ଥାଇ
ଜାତିର ସାହିତ୍ୟ ଲେଖେ
'ସମାଜ' ଭିତରେ
ସମାଜକୁ ସିଏ ଦେଖେ
ଏବେ ବି ଆସୁଛି ନଈରେ ବଢ଼ି ତ
ମରୁଡିରେଲୋକ ମରେ
ଭୋକିଲା ପରାଣ ଶୁଖିଲା ମୁହଁରେ
ଗୋଟିଏ ମୁହଁକୁ ଝୁରେ
ନିଜ ସୁଖ ତେଜି ଜନତା ପାଇଁକି
ଧାଉଁଥିଲେ ଉଠି ନିଦୁ
ଦଳିତ ମାନବ ପରାଣ ବାନ୍ଧବ
ସେହି ଆମ ଗୋପବଂଧୁ
ଆମ ଉତ୍କଳର ଗୋପବଂଧୁ ।୨

*****

ତା୭ସେପ୍ଟେମ୍ବର୧୯୮୩
ରାଉରକେଲା

Digitized by srujanika@gmail.com

୧୫୭

ଆମେ ଯେତେ ଶିଶୁ ସାଥୀ

ଆମେ ଯେତେ ଶିଶୁ ସାଥୀ
ଆମେ ବଳିୟାନରେ
ଏ ଦେଶର ବୀର ଶିଶୁ
ଆଗାମୀ ଯବାନରେ ।୦।

ଆମେ ଉଡ଼ିଯିବୁ ନୀଳ ଆକାଶର
ନୀଳିମାକୁ ଭେଦ କରି
ସରଗ ରାଇଜୁ ବାରତା ଆଣିବୁ
ଏ ମାଟିକୁ ନୂଆକରି,
ଫୁଲରେ ଭରିବୁ ଆମରି ଦୁନିଆଁ
ଫସଲେ ଭରିବୁ କ୍ଷେତ
ସରବେ ଆମେରେ ସମାନ ମଣିଷ
କହେ ନୀଳଚକ୍ରେ ନେତ
ନୂଆ ଦୂନିଆଁରେ ଆମେ
ଆଲୋକ ମହାନରେ ।୧।

Digitized by srujanika@gmail.com

ଅସୀମ ବାରିଧି ଭେଦକରି ଆମେ
ଆଣିବୁ ମୁକ୍ତା ମାଳା
ସାଗର ଗରଭେ ବୁଡ଼ିବୁ ଆମେରେ
ଏ ମାଟିର ସୁନା ପିଲା
ଭେଦଭାବ ଆମେ ମନୁ ପୋଛିଦେବୁ
ହାତେ ମିଳାଇବୁ ହାତ
କେହିତ ଆମର ବଇରୀ ନୁହଇ
ସରବେ ଆମର ମିତ
ନୂଆକଥା ଯୋଡ଼ିଯିବୁ
ଜ୍ଞାନ ଓ ବିଜ୍ଞାନରେ ।୨।

*****

ତା୭ସେପ୍ଟେମ୍ବର୧୯୯୬
ରାଉରକେଲା

Digitized by srujanika@gmail.com

୧୫୮

ଆମେ ଜନନୀ,ଭଗିନୀ,ଜାୟା ...

ଆମେ ଜନନୀ,ଭଗିନୀ,ଜାୟା ...
ନାରୀ ଆମେ ସର୍ବଂସହା (ପଦ)
ଯୁଗେ ଯୁଗେ ଏ ସୃଷ୍ଟିରେ ଆମେ ଆଦିରୂପା
ଆଦ୍ୟାଶକ୍ତି, ମହାମାୟା ଜନନୀ ସ୍ୱରୂପା,
ଜଗତର ଜୀବନର ବିକଶିତ କାୟା (୧)
ଆମେ ଜନନୀ,ଭଗିନୀ,ଜାୟା ...
ଜଗତ ମଙ୍ଗଳ ପାଇଁ ସଂହାର ବି କରୁ
ଦୁର୍ଗତି ନାଶନ ପାଇଁ ଦୁର୍ଗାରୂପ ଧରୁ
ଖଡ୍‌ଗଧାରୀ ଦର୍ପହାରୀ
ନୁହେଁ ଅସହାୟା (୨)
ଆମେ ଜନନୀ,ଭଗିନୀ,ଜାୟା ...

ଦୁର୍ଗା ଆମେରେ ଦୁର୍ଗାବତୀ
ଦୁର୍ଗମ ଗଡ଼ମଣ୍ଡଳେ,
ବାଙ୍କିର ରାଣୀ ଶୁକଦେଇ ଆମେ
ଶତ୍ରୁ ବିନାଶୁ ଚଣ୍ଡଳେ
ସାଗର ଗରଭେ,ବୁଡ଼ିପାରୁ ଆମେ
ମହାକାଶେ ଆମେ ଉଡ଼ିପାରୁ
ଯହିଁ ଅନ୍ୟାୟ, ନ୍ୟାୟ ପାଇଁକି
ମୁକ୍ତି ମଶାଲ ଜାଳିପାରୁ,
ସେବାର ମୂରତି ମଦରଟେରେସା
ଦେଖାଇ ଗଲେଟି ରାହା(୩)
ଆମେ ଜନନୀ,ଭଗିନୀ,ଜାୟା ...

*****

ତା୭ସେପ୍ଟେମ୍ବର୧୯୯୬
ରାଉରକେଲା

Digitized by srujanika@gmail.com

୧୪୯

ମନସ୍ୱିନୀ

ମନସ୍ୱିନୀ...ବିଜୟିନୀ... ଶକ୍ତି ଶାନ୍ତି ଦାୟିନୀ
ସୁହାସିନୀ...ସୁଭାଷିନୀ...ପ୍ରୀତି ଲଗ୍ନା ମାନିନୀ (ପଦ)

ମହାମନା,ମହୀୟସୀ
ତୁମେ ପ୍ରୀତି ପାଳିକା
ସୁନୟନୀ,ଅଭିମାନୀ
କବି ମନମାଳିକା,
ସାଗରତଟ ବାସିନୀ ସ୍ରଷ୍ଟା ମନମୋହିନୀ (୧)

ସ୍ଥିରଚିତ୍ତା,ସୁଚରିତା,
ମନମତ୍ତା ଭାବନା
ବିଶ୍ୱକର କୋଳାଗ୍ରତ
ଭରିଦିଅ ବାସନା
ସ୍ୱର୍ଣ ତୁମ ହର୍ଷ ଆଣେ ଉଚ୍ଚମନା ନନ୍ଦିନୀ (୨)
ଏକ ନୀଡ଼େ ବିଶ୍ୱବାନ୍ଧ
ଧନ୍ୟତୁମ ବନ୍ଧନ
ତୁମ ଦର୍ଶନରେ ହୃଦେ
ଜାଗିଉଠେ ସ୍ପନ୍ଦନ
ଉଠ ଉଠ ମହାମାୟା ଧୃତି ଶ୍ରୁତି ଦାୟିନୀ (୩)

*****

ତା୭ ସେପ୍ଟେମ୍ବର ୨୦୦୬
ଭୁବନେଶ୍ୱର

Digitized by srujanika@gmail.com

୧୬୦

ଆସଛି ମୁଁ ବଇଶାଖୀ

ବସନ୍ତ ଯାଇଛି,ଯାଇନାହିଁ ଯେବେ,
ଆସଛି ମୁଁ ବଇଶାଖୀ
ଆସଛି ମୁଁ ବଇଶାଖୀ,
ଚଇତାଳି ବାଆ ଆଳଟ ପକାଇ
ଯାଉଅଛି ମାଖି ମାଖି
ଆସଛି ମୁଁ ବଇଶାଖୀ । (ପଦ)

ଜୀବନଟା ନୁହେଁ ଖାଲି
ଫୁଲର ଫସଲ,
ଯଉବନ ନୁହେଁ ଖାଲି
କଳପନା ଘର,
ଜୀବନ ପଥଟା ପାଷାଣ ପାହାଚ
ମୁହିଁ ତାର ଏକା ସାକ୍ଷୀ
ଆସଛି ମୁଁ ବଇଶାଖୀ ।୧।

Digitized by srujanika@gmail.com

ମୋ ପରାଣେ ଅଛି
ଫୁଲର ଫସଲ,
ଝାଞ୍ଜି ବି ଅଛି,
ବଇଶାଖୀ ଝଡ଼
ପରାଣେ ପରାଣେ ଚନ୍ଦନ ଛିଟା
ଯାଉଛି ମୁଁ ଲେଖି ଲେଖି,
ଆସଛି ମୁଁ ବଇଶାଖୀ ।(୨)

ରୌଦ୍ର ତାପରେ ଜୀବନ ସୁଆଦ
ପରାଣେ ଢାଳିବ ସୁଧା ମକରନ୍ଦ
ବରଷାକୁ ଡାକି ହସି ହସାଇବି
ମୁଁ ଜୀବନ ପଥର ସାକ୍ଷୀ
ଆସଛି ମୁଁ ବଇଶାଖୀ । ୩ ।

*****

ତା୧୦ସେପ୍ଟେମ୍ବର୧୯୯୬
ରାଉରକେଲା

Digitized by srujanika@gmail.com

୧୬୧

ହସର ଅସରା

ରିମ୍ ଝିମ୍ ରିମ୍ ଝିମ୍ ରିମ୍ ଝିମ୍ ରିମ୍ ଝିମ୍
ରିମ୍ ଝିମ୍ ରିମ୍ ଝିମ୍ ତାଳେ ନାଚି
ପାରିହେବୁ ଆମେ ସମୟ ସାଗର
ହସର ଅସରା ଦେବୁରେ ବିଂଚି । ୦।

ନୀଳ ଗଗନର
କୋଳରେ ଉଡ଼ିବୁ
ନୀଳ ଜଳଧିର
ବୁକୁରେ ବୁଡ଼ିବୁ
ଆଗାମୀ ଦିନର
ସପନ ଆମେରେ
ହସରେ ପୋଛିବୁ
ଲପନ ଆମେରେ
ବସନ୍ତ ସକାଳ ମହୁମାଛି ।୧।

ଆମପାଇଁ ଆଉ ଜହ୍ନମାମୁ ନୁହେଁ
ବହୁତ ଦୂର
ଆମେ କରିପାରୁ ରୋଗ ଦୁଃଖ ହୀନ
ସାରା ସଂସାର

Digitized by srujanika@gmail.com

ଆଗାମୀ ସକାଳ
ସୁରୁଯ ଆମେରେ
ରଙ୍ଗେ ଲେପିବୁ
ମୁରୁଛ ଆମେରେ
    ମଇତ୍ରୀ ଆଲୁଅ ଦେବୁରେ ବିଂଚି ।୨

ଭେଦଭାବ ଆମେ
ରଖିବୁ ନାହିଁରେ
ସରବେ ଆମେରେ
ଭଉଣୀ ଭାଇ
    ଧର୍ମ ଭେଦଭାବ
    ଆମେ ପୋଛିବୁ
    କର୍ମର ଗୁଣ ଆମେ ଗାଇବୁ
    ଗରବ ଆମର ବିଶ୍ୱ ମଇତ୍ରୀ
ଗଙ୍ଗୋତ୍ରୀ ସଲିଳ ଦେବୁ ରେ ବିଂଚି ।୩।

*****

ତା୭ସେପ୍ଟେମ୍ବର୧୯୮୬
ରାଉରକେଲା

Digitized by srujanika@gmail.com

୧୭୨

ଏଇ ଭାରତ ଆମର ମାଆ

ଏଇ ଭାରତ ଆମର ମାଆ
ଆମେ ରଖିବା ତାହାର ନାଆଁ । ପଦ।

ଏ ମାଟି ନୁହେଁ ମା'ଟି
ଏଇ ଆମ ମାଆଟି
ତା ପାଦ ସେବିବା
ତା ଗୁଣ ଭାବିବା
ତା ମାନକୁ ଗାଇ ଯା' ।୧।

କେତେ ଜାତି କେତେ ଧର୍ମ
କେତେ ରୀତି କେତେ କର୍ମ
କେତେ ରଙ୍ଗ କେତେ ଭାଷା
ସବୁ ମୋ ମାଆର ଆଶା
ସବୁ ସନ୍ତାନକୁ
କୋଳରେ ଧରିଛି
ସେହି ମୋ ଭାରତ ମାଆ ।।୨।

Digitized by srujanika@gmail.com

ଝାନ୍ସୀର ପଥେ ବଇରୀର ସାଥେ
ଲଢ଼ିଲେ ଲକ୍ଷ୍ମୀ ବାଈ
ଓଡ଼ିଶା ମୂଲକେ ବାଙ୍କି ରାଇଜରେ
ଯୁଝିଥିଲ ଶୁକଦେଇ
ବାର ବରଷର ବାଳୁତ ମାରିଲା
ସୁରୁଯ ମନ୍ଦିର ଶିଖା
ବାର ବରଷର ବାଜିଆ ରଖିଲା
ପ୍ରଜା ମଣ୍ଡଳ ଟୀକା
ଦୁର୍ଗମ ଗଡ଼ ମଣ୍ଡଳେ ରଖେ
ଦୁର୍ଗାବତୀ ଯା’ ନାଆଁ
ସେହି ମୋ ଭାରତ ସୁନାର ଭାରତ
ଜଗତରେ ପୂଜନୀୟା ମା

*****

ତା୧୭ସେପ୍ଟେମ୍ବର୧୯୯୭
ରାଉରକେଲା

Digitized by srujanika@gmail.com

୧୭୩

ଅଜ୍ଞାନ ଅନ୍ଧାର ଆମେ ଦୂରେ ତଡ଼ିବା

ଆସ ଆମେ ମିଳିମିଶି କାମ କରିବା,
ଆମେ କାମ କରିବା
ଅଜ୍ଞାନ ଅନ୍ଧାର ଆମେ ଦୂରେ ତଡ଼ିବା ।୦।

ନୂଆ ଯୁଗ ଡାକ ଦିଏ ଆସରେ...ଆସରେ...ଆସରେ
ଅନ୍ଧାରରୁ ଆଲୋକର
ପଥରେ... ପଥରେ...ପଥରେ...
ସବୁଦିନେ ଆମେ କିବା ଅନ୍ଧାରେ ଥିବା
ଆମେ ଅନ୍ଧାରେ ଥିବା
ଅଜ୍ଞାନ ଅନ୍ଧାର ଆମେ ଦୂରେ ତଡ଼ିବା ।୧।
ଆସ ଆମେ ମିଳିମିଶି କାମ କରିବା,
ଆମେ କାମ କରିବା
ଅଜ୍ଞାନ ଅନ୍ଧାର ଆମେ ଦୂରେ ତଡ଼ିବା ।

କେତେ ଅପମାନ ମୂରୁଖ ରହିବା
ପରହାତେ ଥିବା ଚାହିଁ
ଦୁଇ ଆଖି ଥାଇ ଅଂଧ ହେଲୁ ଆମେ
କିଛି ଭଲା ଜଣା ନାହିଁ ।

Digitized by srujanika@gmail.com

ପାଠୁଆକୁ ପାଠ ସିନା
ମୁରୁଖକୁ ଗାର
ଦୁନିଆକୁ ଆଲୁଅ ଯା
ଆମକୁ ଅନ୍ଧାର ।
          ନାଟ କରି କରି ଆମେ ପାଠ ପଢ଼ିବା
                    ଆମେ ପାଠ ପଢ଼ିବା
ଅଜ୍ଞାନ ଅନ୍ଧାର ଆମେ ଦୂରେ ତଡ଼ିବା ।୨।
ଆସ ଆମେ ମିଳିମିଶି କାମ କରିବା,
                    ଆମେ କାମ କରିବା
ଅଜ୍ଞାନ ଅନ୍ଧାର ଆମେ ଦୂରେ ତଡ଼ିବା ।

*****

ତା ଜୁନ୍ ୨୦୦୮
ଭୁବନେଶ୍ୱର

Digitized by srujanika@gmail.com

୧୬୪

ଦଇଆ ନଦୀର କୂଳରେ

ଯେଦେଶ କୀରତି ଗାଏ ଦିନରାତି
ମହୋଦଧି କଳରୋଳରେ
ଇତିହାସ ଯା'ର ଗତକଥା କହେ
ଦଇଆ ନଦୀର କୂଳରେ(ପଦ)
ଇତିହାସ ଯା'ର ଗତକଥା କହେ
ଦଇଆ ନଦୀର କୂଳରେ

ସେହି ମୋ ଉତ୍କଳ କଳାର ରାଇଜ
ପାଷାଣେ ଲେଖଇ କବିତା
କୋଣାରକ ଯା'ର କଳା ଗଉରବେ
ଗରବେ ଟେକିଅଛି ମଥା
ଯା'ର ଚିଲିକାରେ ଛବି ଆଙ୍କିଯାଏ
ବିହଙ୍ଗମ ନୀଳ ଜଳରେ ।
ଇତିହାସ ଯା'ର ଗତକଥା କହେ
ଦଇଆ ନଦୀର କୂଳରେ(୧)

Digitized by srujanika@gmail.com

ପଠାଣି ସାଆନ୍ତ ବାଉଁଶ ନଳୀରେ
　　　　ଆକାଶ ରାଇଜ ମାପିଲେ
ହଜାରେ ବରଷ ଗଣି ଥୋଇଦେଇ
　　　　କାଠିରେ ବିଜ୍ଞାନ ଥାପିଲେ
ଅନ୍ଧାରି ମୂଳକେ ଆଲୁଅ ଜାଳିଲେ
　　　　ନିଜେ ପୋଥି ଜ୍ଞାନ ବଳରେ
ଇତିହାସ ଯା'ର ଗତକଥା କହେ
　　　　ଦଇଆ ନଦୀର କୂଳରେ(୨)

ଅତୀତ ଆମର ଗଉରବେ ଭରା
　　　　ମହତ ଜନଙ୍କ ପାଇଁରେ
ଆମେ କି ଭୁଲିବା ଜାତି ଗଉରବ
　　　　ସେ କଥାକି ମନେ ନାହିଁରେ
ଆଗେଇ ଚାଲିବା,ଆଗେଇ ଚାଲିବା
　　　　ଜାତି ପ୍ରୀତି ପ୍ରେମ ବଳରେ
ଇତିହାସ ଯା'ର ଗତକଥା କହେ
　　　　ଦଇଆ ନଦୀର କୂଳରେ　　　(୩)

୧୮ଅକ୍ଟୋବର୨୦୧୪
ରସୁଲଗଡ଼

Digitized by srujanika@gmail.com

୧୭୫

କ୍ଳାନ୍ତ ପଥିକ କୋଣାରକ

କ୍ଳାନ୍ତ ପଥିକ କୋଣାରକ ଆଜି
ନିରବରେ ଢାଳେ ଲୁହ
ଝାଉଁବଣଗୀତେ ବେଦନା ଝରାଏ
ସାଗରେ ବଖାଣେ କୋହ ।୦।

ଲିଭିଛି ସେଦିନ କାଳର ଗରଭେ
ହଜିଛି ସେ କଳାମନ
ହଜିଛି ଉତ୍କଳ ଉତ୍କର୍ଷକଳା
ସେ କାଳ ଆଜି ସପନ
ଚନ୍ଦ୍ରଭାଗାର ସିକତାପୁଳିନେ
ଆଉ କି କାହାଣୀ କହ ?।୧।

ସାଗରେ ଆଉତ ଭାସୁନି ବୋଇତ
ସାଧବ ଯାଇଛି ହଜି
ଭୋକରେ ଓଡ଼ିଆ ଦାନା ଖୋଜୁ ଖୋଜୁ
ନିଜକୁ ପାରୁନି ଖୋଜି
ଏ ବେଳରେ କିଏ କଳାକୁ ଖୋଜିବ
କବିତା ଲେଖିବ କୁହ ? (୨)

Digitized by srujanika@gmail.com

ଯିଏବା ଲେଖିବ କଳାର କୋଣାର୍କ
ସତକୁ ଦେଇ କବର
କବିତାରେ କେତେ ଫୁଲ ଫୁଟାଇବ
ଦେଇ ନକଲି ଅତର
ପ୍ଲାଷ୍ଟିକ ଫୁଲରେ ଲିପ୍‌ଷ୍ଟିକ୍ ରଙ୍ଗରେ
ବସନ୍ତର ସମାରୋହ ।୩।

ଇତିହାସେ ଖାଲି ରହିଛି ସେଦିନ
କାଳରେ ଲୁଚିଛି କଳା
କୋଣାର୍କର ସେହି ଯଶ ଗଉରବ
ଶିଳ୍ପୀର ସ୍ନେହ ବୋଳା
ଚନ୍ଦ୍ରଭାଗାର ଆଖିର କୋଣରେ
ଲହୁରେ ଭିଜିଛି ଲୁହ ।୪।

*****

ତା୨୮ଜୁଲାଇ୧୯୭୧
ପୁରୁଷୋତ୍ତମପୁର

Digitized by srujanika@gmail.com

୧୬୬

ଆମେ ହସୁ ଆମେ ଖେଳୁ

ହତାଶ ମନର ତମସା ତୁଟିଛି
ରାତ୍ରି ଗଲାଣି ପାହି,
ଆଗାମୀ ସକାଳ ହାତଠାରି ଡାକେ
ଉଠ ହେ ଭଉଣୀ ଭାଇ(ପଦ)

ଆଗାମୀ ଦିନର ଆମେ ତୂଆ କୀରତି,
କବି ସପନ ମନର ଆମେ ମୂରତି,
ଅମେ ସବୁ ସରଗର ଫୁଲରେ
କିଏ ହେବ ଆମ ସମତୁଲରେ
ତାଳରେ... ତାତାଧିନି ତାଳରେ
ନାଚିନାଚି ଯିବୁ ଆମେ କୁନାକୁନି ମେଳରେ ।(୧)

ବଇରୀ ଭାବ ସବୁରି ମନୁ ତଡ଼ିବୁ
ଫୁଲଭରା ଧରଣୀକୁ ଆମେ ଗଢ଼ିବୁ
ହସି ହସାଇବୁ ଆମେ ସାରା ସମାଜ
ନାଚି ନାଚି ଯିବୁ ଆମେ ଦୂର ରାଇଜ
ତାଳରେ... ତାତାଧିନି ତାଳରେ
ଦୁନିଆଁରେ ଲଗାଇବୁ ପୀରତି ଫସଲରେ ।(୨)

Digitized by srujanika@gmail.com

ଜୀବନଟା ଆମପାଇଁ ଭରା ଫସଲ
ଆଗାମୀ ଯୁଗର ଆମେ ଜଳା ମଶାଲ,
ଯଉବନ ସପନର ଦରଫୁଟା ଫୁଲରେ
ନାଚିଯିବୁ ବିଞ୍ଚିଯିବୁ ପୀରତିର ମୂଲରେ
ତାଳରେ... ତାତାଧିନି ତାଳରେ
ଜୀବନରେ ଜଳାଇବୁ କୀରତି ମଶାଲରେ ।(୩)

ଆମେ ସରଗର ଫୁଲ ମରତର ମାଣିକ,
ଆମେ ମନ କିଣି ବିକୁ ପୀରତିର ବଣିକ,
ଆମେ ହସୁ ଆମେ ଖେଳୁ ଜୀବନର ତାଳରେ
ଆମେରେ ଫଳାଇଯିବୁ ଗଉରବ ଫଳରେ
ତାଳରେ... ତାତାଧିନି ତାଳରେ
ଆମେରେଦେଖାଇଦେବୁ ସୁନାର ସକାଳରେ ।(୪)

*****

ତା-୨୮ ମେ ୧୯୮୪
ରାଉରକେଲା

Digitized by srujanika@gmail.com

୧୬୭

ମଉସୁମୀ ଆମେ ମଉସୁମୀ

ମଉସୁମୀ ଆମେ ମଉସୁମୀ,ମଉସୁମୀ ଆମେ ମଉସୁମୀ
ସୁଦୂର ସାଗର ସେପଟୁ ଆସିଛୁ ପରବତ ଶିଖା ଚୁମିଚୁମି ।୦।

ଆମେରେ ଆଗାମୀ ସବୁଜ ଲେଖା
ଆଗାମୀ ଯୁଗର ବିଜୟ ଟୀକା
ଯଉବନ ଆମେ ବହ୍ନି ଆହବେ
ନାଚିନାଚି ଯିବୁ ଝୁମି ଝୁମି । (୧)

ଧାରାଶିରାବଣ ଉତ୍ତାଳ ଧାରା
ରୁଦ୍ର ଜୀବନ ବହ୍ନି ଝରା
ଫଗୁଣର ଆମେ ଉଚ୍ଛଳା ସୁରଭି
ମଳୟ ତାଳରେ ଯିବୁ ଝୁମି । (୨)

ଆମେ ପାରିବୁ ଶାରଦ ଜୋଛନା ମାଖି
ଆମେ ହୋଇପାରୁ କାଳ ବଇଶାଖୀ
ପୀରତିର ଧାରା ବାହି ବାହି ଯିବୁ
ଅନନ୍ତ ବ୍ରହ୍ମାଣ୍ଡ ଭ୍ରମି ଭ୍ରମି । (୩)

Digitized by srujanika@gmail.com

ଆମେ ଛୁଇଁ ଆସୁ ନୀଳ ଦରିଆର ବୁକୁ
ନୀଳଚକ୍ରେ ନୀଳାଚଳେ,
ସବୁଜ ବନାନୀ ସବୁଜ କୋଳକୁ
ଛୁଇଁଛୁଇଁ ଯାଉ ଢାଳେ,
ଆମେରେ ନୂତନ ଯଉବନ ଆମେ
ହସି ହସି ଯିବୁ ଝୁମିଝୁମି ।(୪)

ଭାରତ ଭୂଇଁର ବୁକୁରେ ବୁହାଇ
ସେନେହ ଧାରା
ବିନ୍ଧ୍ୟ ଶିଖରୀ ଚୁଳେ ମାଖିଯିବୁ
ମମତା ଝରା
କୁମାରିକା ଠାରୁ ହିମାଚଳ ଯାଏ
ମଇତ୍ରୀ ବାରତା ଦେବୁ ବୁଣି (୫)

*****

ତା ୧୭ ସେପ୍ଟେମ୍ବର ୧୯୮୧
କୁଚଙ୍ଗ

Digitized by srujanika@gmail.com

୧୭୮

ମହୋଦଧି ଗୀତ ଗାଏ

ଧଉଳି ପାହାଡ଼ ବିଶ୍ୱଶାନ୍ତି ପାଇଁ
ଯେଉଁଠି ଆହ୍ୱାନ ଦିଏ
ସେହି ମୋ ଉତ୍କଳ କଳାର କେଶରୀ
କୋଣାରକ ତାର ସାକ୍ଷୀ
ମହୋଦଧି ଗୀତ ଗାଏ (ପଦ)

ଚଣ୍ଡାଶୋକ ଯହିଁ ଧର୍ମାଶୋକ ହେଲେ
ବୀର ରକ୍ତ ଧାରା ଦେଖି,
ଯେ ଦେଶର ବୀର ଐର ଖାରବେଳ
ଛାତି ନାଆଁ ଗଲେ ଲେଖି
ସେହି ମୋ ଉତ୍କଳ କଳାର ରାଇଜ
କୋଣାରକ ତାର ସାକ୍ଷୀ
ମହୋଦଧି ଗୀତଗାଏ (୧)

ସାଗରର ଢେଉତାଳେ
ନାଚେ ଛାତି ବୋଇତ
ଦରିଆ ଆରପାରିରେ
ଗାଏ ଛାତି ସଂଗୀତ
କଳାରାଣୀ ରାଜରାଣୀ
ସେ ଦିନର କଥା କହେ
କୋଣାରକ ତାର ସାକ୍ଷୀ
ମହୋଦଧି ଗୀତଗାଏ (୨)

Digitized by srujanika@gmail.com

ଆଃ କାଃ ମାଃ ଭୈ... ଗୁଆପାନ ଥୋଇ
ଆଃ କାଃ ମାଃ ଭୈ... ଗୁଆପାନ ଥୋଇ
ନାଉରୀଆରେ-------
କୋଣାରକ ତାର ସାକ୍ଷୀ
ମହୋଦଧି ଗୀତଗାଏ (୩)

ଯାଉଥିଲା ଦିନେ ଓଡ଼ିଆ ବଣିକ
ସାଗର ସେପାରି ଦେଶେ,
ଆମେ ବାହିଯିବୁ ପୀରତି ବୋଇତ
ମଣିଷର ମନପାଶେ ।
ମଇତ୍ରୀର ଗୀତ ଗାଇ ଗାଇ,
ନୀଳ ଚକରକୁ ଚାହିଁ ଚାହିଁ
ଜଗାକାଳିଆର ମନକଥା କହି
ଶାନ୍ତି ବାରତା କହେ
ମହୋଦଧି ଗୀତ ଗାଏ । (୪)
କଳା ଆମ ଜୀବନର
କାକଳିର ମହକ
ନୃତ୍ୟ ଆମ ଜୀବନର
ପ୍ରାଣଭରା ପୁଲକ
ଯଉବନ ସପନର ଆମେ ସବୁ ଫସଲ
ପ୍ରୀତିଭରା ଦୁନିଆଁର ଆମେ ଜଳା ମଶାଲ
ଓଁ କାର ସ୍ୱର ଝଙ୍କାର ତୋଳି
ଇତିହାସ କଥା କହେ
ମହୋଦଧି ଗୀତ ଗାଏ ॥(୫)

*****

୧୮ଅକ୍ଟୋବର୨୦୧୪
ରସୁଲଗଡ଼

Digitized by srujanika@gmail.com

୧୬୯

ଏବଂ ଶେଷରେ. . .
ମନ ହସୁଥିଲେ ଦୁନିଆଁ ହସେ

ମନ ହସୁଥିଲେ ଦୁନିଆଁ ହସିବ
ଗଛରେ ଫୁଟିବ ଫୁଲ ।
ହସର କି ଅବା ତଉଲ ରହିଛି
ସିଏତ ଅମୂଲ ମୂଲ ।
ଶିଶୁର ମୁହଁରେ ହସ ବିକଶିଲେ
ପରିବାର ହସି ଉଠେ
ନିର୍ମଳ ଚାନ୍ଦ ଆକାଶେ ହସିଲେ
ଯେହ୍ନେ କଇଁଫୁଲ ଫୁଟେ
ଆଜିର ଯୁଗରେ ହସ ମହରଗ
ଆଉସବୁ ମିଳୁଥାଏ
ଶକୁନୀର ହସ ସବୁବେଳେ
ଆମ ସମାଜରେ ଦେଖାଯାଏ
ତଥାପି ନିର୍ମଳ ହୃଦୟର ହସ
ଅମୃତ ସଦା ବାଣ୍ଟେ
ଖୋଲା ମନଟିରେ ପଲ୍ଲୀ ଲଳନା
ପଣା ଯେଉଁପରି ଫେଣ୍ଟେ
ବଡ଼ ମହରଗ ଦୁନିଆଁରେ ହସ
ମିଳିଲେ ସାଉଁଟି ନିଅ
ଯଦିପାର ଏଇ ହସରୁ ଟିକିଏ
କାହାକୁ ବା ବାଣ୍ଟି ଦିଅ ।

ତା୨୦ଅଗଷ୍ଟ୨୦୧୨
ରସୁଲଗଡ଼

*****

Digitized by srujanika@gmail.com

ଶାନ୍ତିନିକେତନର ଶିକ୍ଷା ଓ ସଂସ୍କାରକୁ ଉପଜୀବ୍ୟ କରି ଅଧ୍ୟାପନାକୁ ବୃତ୍ତି କରିଥିବା ଡକ୍ଟର ଶ୍ରୀଚରଣ ମହାନ୍ତି କିନ୍ତୁ ପବୃତ୍ତିରେ ଜଣେ ସାହିତ୍ୟ ସାଧକ । ସାରସ୍ୱତ ଜଗତରେ ତାଙ୍କର ପରିଚିତିର ପରିସୀମା କବିତା, ଗଳ୍ପ, ପ୍ରବନ୍ଧ, ରମ୍ୟରଚନା, ନାଟକ, ଶିଶୁ ସାହିତ୍ୟ, ଗୀତିକବିତାଠୁ ଆରମ୍ଭକରି ସାହିତ୍ୟସମାଲୋଚନା ପର୍ଯ୍ୟନ୍ତ ପରିବ୍ୟାପ୍ତ । ଜଣେ ନିଷ୍ଠାପର ଗବେଷକ, ସମ୍ପାଦକ ତଥା ସାହିତ୍ୟ ସଂଗଠକ ଭାବେ ତାଙ୍କର ସୁଖ୍ୟାତି ରହିଛି ।

ଡକ୍ଟର ମହାନ୍ତିଙ୍କ ଜନ୍ମ ୧୯୫୩ ମସିହା ଡିସେମ୍ବର ୬ତାରିଖରେ କେନ୍ଦ୍ରାପଡ଼ା ପାଟକୁରାର ଗଜପୀଠ ଗ୍ରାମରେ; ତାଙ୍କ ମାତା ଶ୍ରୀମତୀ ଗଜି ଦେବୀ ଏବଂ ପିତା ଶ୍ରୀ ପରିକ୍ଷିତ ମହାନ୍ତି । ବର୍ତ୍ତମାନର ବାସସ୍ଥାନ ଭୁବନେଶ୍ୱର ରସୁଲଗଡ଼ର ୮୮୬, ଚଣ୍ଡୀମାତା କଲୋନୀ ।



Digitized by srujanika@gmail.com